## ସଂକ୍ଷେପରେ

### ପଦୋନ୍ନତି ସହ ପୂର୍ବ ଦାୟିତ୍ୱରେ ରହିବେ ଅଫିସର

ଭୁବନେଶ୍ୱର,୨୭ା୧୨(ବ୍ୟୁରୋ): କିଛିଦିନ ସଂଖ୍ୟାଧିକ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଛି। ସେମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତ ଅଧିକାରୀ ନୂତନ ପାହ୍ୟା ସହ ପୂର୍ବ ଦାୟିତ୍ୱରେ ରହି କାର୍ଯ୍ୟ କରିବେ। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଅଧିକାରୀମାନେ ହେଉଛନ୍ତି- ଅରବିନ୍ଦ ଅଗ୍ରୱାଲ, ବଲୱନ୍ତ ସିଂ, ସଚିନ ରାମଚନ୍ଦ୍ର ଯାଦବ, ଜ୍ଞାନରଞ୍ଜନ ଦାସ, ବିଜୟ କୁମାର ନାୟକ, ମହମ୍ମଦ ରସିଦ୍ ଖାନ୍, ପ୍ରଦୀପ୍ତ କୁମାର ମହାପାତ୍ର, ରଞ୍ଜନ କୁମାର ଦାସ, ସଂଗ୍ରାମଜିତ୍ ନାୟକ, ବିଶ୍ୱନାଥ ଆଚାର୍ଯ୍ୟ ଏବଂ ଶରତ ଚନ୍ଦ୍ର ନାୟକ। ଏହି ସମସ୍ତ ଅଧିକାରୀ ହେଉଛନ୍ତି ୨୦୦୭ ବ୍ୟାଚ୍‌ର ଅଫିସର । ଅନୁରୂପଭାବେ ଆଇପିଏସ୍ ଅଫିସରଙ୍କ କ୍ଷେତ୍ରରେ ସମାନ ନିୟମ ଲାଗୁ ହୋଇଛି। ଏହି ଅଧିକାରୀମାନେ ହେଉଛନ୍ତି- ସାର୍ଥକ ଷଡଙ୍ଗୀ, ଅବିନାଶ କୁମାର, ନୀତି ଶେଖର ଏବଂ ପଣ୍ଡିତ ରାଜେଶ ଉତ୍ତମରାଓ।

### ୯୩% ଖର୍ଚ୍ଚ ହୋଇଛି ଓମ୍ବାଡକ୍ ଅର୍ଥ

ଭୁବନେଶ୍ୱର,୨୭ା୧୨(ବ୍ୟୁରୋ): ଓଡ଼ିଶା ଖଣିଜ ସମ୍ପଦ ଅଞ୍ଚଳ ଉନ୍ନୟନ ନିଗମ(ଓମ୍ବାଡକ) ପାଣ୍ଠିର ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ମାତ୍ର ୯୩ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛନ୍ତି। ଶୁକ୍ରବାର ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୋର୍ଡ ଅଫ୍ ଡାଇରେକ୍ଟର୍ସ ବୈଠକରେ ଏହି ସୂଚନା ଦିଆଯାଇଛି। ଓମ୍ବାଡକ ମୁଖ୍ୟ କାର୍ଯ୍ୟନିର୍ବାହୀ ଉମା ନନ୍ଦୁରୀ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ୮ଟି ଜିଲା ଅନୁଗୋଳ, ଢେଙ୍କାନାଳ, ଯାଜପୁର, କୋରାପୁଟ, ଝାରସୁଗୁଡା, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲାର ୨୯ ବ୍ଲକର ୬୯୧ଟି ଗ୍ରାମରେ ଏହି ଅର୍ଥ ଖର୍ଚ୍ଚ କରାଯାଇଛି। ପାନୀୟ ଜଳ ଯୋଗାଣ, ବାସଗୃହ ନିର୍ମାଣ, ଦକ୍ଷତା ବିକାଶ, କୃଷିକ୍ଷେତ୍ର ପାଇଁ ୮୬୯ କୋଟି ଟଙ୍କା ଅନୁମୋଦନ କରାଯାଇଥିଲା। ସେଥିରୁ ୮୨୮ କୋଟି ଟଙ୍କା ଅର୍ଥାତ ୯୩ ପ୍ରତିଶତ ଅର୍ଥ ଖର୍ଚ୍ଚ କରାଯାଇଛି। ଏଥିରେ ୨୯,୮୨୯ଟି ଗୃହ ନିର୍ମାଣ କରାଯାଇଥିବା ବେଳେ ୨୪୪ ପାନୀୟ ଜଳ ପ୍ରକଳ୍ପ, ୨୦୦ ଏସ୍‌ସି/ଏସ୍‌ଟି ଯୁବତୀ ଯୁବକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏଥିସହିତ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ବୈଠକରେ ୧୭୦୦ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରାଯାଇଛି।

# ମାଓବାଦୀ ପ୍ରବଣ ଅଞ୍ଚଳରେ ବିଦେଶୀ ପର୍ଯ୍ୟଟକ

- ପୋଲିସ ପାଖରେ ସୂଚନା ନାହିଁ
- ୨୦୧୨ ଘଟଣାକୁ ଭୁଲିଯାଉଛି ପ୍ରଶାସନ
- ବିଦେଶୀ ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

ଦାରିଙ୍ଗବାଡ଼ି,୨୭ା୧୨(ଡି.ଏନ୍.ଏ.)


ଦାରିଙ୍ଗବାଡ଼ି ବଜାରରେ ବିଦେଶୀ ପର୍ଯ୍ୟଟକ।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଏବେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଦୈନିକ ହଜାର ସଂଖ୍ୟାରେ ପର୍ଯ୍ୟଟକ ଦାରିଙ୍ଗବାଡ଼ିକୁ ଆସୁଛନ୍ତି। ମଝିରେ ମଝିରେ ବିଦେଶୀ ପର୍ଯ୍ୟଟକ ମଧ୍ୟ ଏଠାକୁ ଆସୁଛନ୍ତି। ଶୁକ୍ରବାର କାନାଡାର ୬ଜଣ ପର୍ଯ୍ୟଟକ ଦାରିଙ୍ଗବାଡ଼ି ବଜାର ସମେତ ବିଭିନ୍ନ ପର୍ଯ୍ୟଟନକେନ୍ଦ୍ର ବୁଲି ମଜା ନେବା ସହ ରାସ୍ତାକଡ ଦୋକାନରେ ଚା' ପିଇଥିଲେ। ମାତ୍ର ଏନେଇ ପୋଲିସ ପାଖରେ ସୂଚନା ନ ଥିଲା। ୨୦୧୨ରେ ଦାରିଙ୍ଗବାଡି ଆସିଥିବା ୨ଇଟାଲୀୟ ପର୍ଯ୍ୟଟକଙ୍କୁ ମାଓବାଦୀମାନେ ଅପହରଣ କରି ନେଇଥିଲେ। ଏହାପରେ ସରକାର ମାଓବାଦୀପ୍ରବଣ ଅଞ୍ଚଳକୁ ବିଦେଶୀ ପର୍ଯ୍ୟଟକଙ୍କ ଗସ୍ତ ନେଇ ଗାଇଡଲାଇନ ଜାରି କରିଥିଲେ। ଏବେ ଗାଇଡଲାଇନକୁ କଡାକଡି ପାଳନ କରାଯାଉ ନ ଥିବାରୁ ଏହାର ପୁନରାବୃତ୍ତି ଘଟିବା ଆଶଙ୍କା ଦେଖାଦେଇଛି।

ମିଳିଥିବା ସୂଚନା ପ୍ରକାରେ, ଉକ୍ତ ବିଦେଶୀ ପର୍ଯ୍ୟଟକମାନେ ଅନୁସୂଚିତ ଜନଜାତିଙ୍କ ସମ୍ପର୍କରେ ଜାଣିବା ପାଇଁ ଏହି ଟୁର୍ କରିଛନ୍ତି। କନ୍ଧମାଳ ଜିଲା ସମେତ କୋରାପୁଟ, ମାଲକାନାଗିରି, ଲମତାପୁଟ, ନବରଙ୍ଗପୁର ଆଦି ଅଞ୍ଚଳର ଜନଜାତିଙ୍କ ସମ୍ପର୍କରେ ଜାଣିବା ପାଇଁ ବିଭିନ୍ନ ବଜାର ସମେତ ସାପ୍ତାହିକ ହାଟ, ଦୁର୍ଗମ ଗ୍ରାମ ବୁଲୁଛନ୍ତି। ଏହି ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟରେ ସି. ଜୁଲି, ବି. ଡି. ଆଲେକ୍‌ଜାଣ୍ଡାର, ଏମ. ସେଲି ମେ, ଆର୍. ଷ୍ଟେପିନ ମେରୀ, ବି. ଲେଜଲେ ଆନ୍, ବି. ତିମଥି ଜୋହନ ରହିଛନ୍ତି। ହେଲେ ଏନେଇ ସ୍ଥାନୀୟ ପୋଲିସ ନିକଟରେ କୌଣସି ସୂଚନା ନ ଥିବା ଦାରିଙ୍ଗବାଡି ଆଇଆଇସି କୌଶିକ ମାଝୀ କହିଛନ୍ତି। ପର୍ଯ୍ୟଟକ କିମ୍ବା ସେମାନେ ରହୁଥିବା ହୋଟେଲ ପକ୍ଷରୁ ଦାରିଙ୍ଗବାଡ଼ିରେ ବୁଲିବା ପାଇଁ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ। ଏନେଇ ଆଇଆଇସି ମାଝୀ କହିଛନ୍ତି ଯେ, ବିଦେଶୀ ପର୍ଯ୍ୟଟକ ଦାରିଙ୍ଗବାଡ଼ିକୁ ପହଞ୍ଚିବା ପୂର୍ବରୁ ତାଙ୍କୁ ସୂଚନା ଦିଆଯିବା ନିୟମ ରହିଛି। ମାତ୍ର ସୂଚନା ମିଳିନାହିଁ। ବିଦେଶୀ ପର୍ଯ୍ୟଟକ କେଉଁସବୁ ଅଞ୍ଚଳରେ ବୁଲୁଛନ୍ତି ସେଥିପ୍ରତି ନଜର ରଖାଯିବ।

ପ୍ରକାଶ ଥାଉକି, ୨୦୧୨ ମାର୍ଚ୍ଚ ୧୪ରେ ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଗଡାପାକାଲିରେ ୨ଜଣ ଇଟାଲୀୟ ନାଗରିକ ବୁଲୁଥିବାବେଳେ ସେମାନଙ୍କୁ ମାଓବାଦୀମାନେ ଏକ ଝରଣା ନିକଟରୁ ଅପହରଣ କରି ନେଇଥିଲେ। ଦୀର୍ଘଦିନ ପରେ ପ୍ରଥମେ ବାସୁସ୍କୋ ପାଉଲ ଏବଂ ୧୧ଦିନ ପରେ କ୍ଲାଉଡିଓ କୋଲାଞ୍ଜୋଲୋଙ୍କୁ ମାଓବାଦୀମାନେ ରାଜ୍ୟ ସରକାରଙ୍କ ଠାରୁ ବିଭିନ୍ନ ସର୍ତ୍ତ ରଖିବା ସହ ଚୁକ୍ତିନାମା ପରେ ଛାଡ଼ିଥିଲେ। ସେହି ସମୟରେ ଘଟଣାଟି ଦେଶ ବିଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଦାରିଙ୍ଗବାଡ଼ିକୁ ପର୍ଯ୍ୟଟକ ଆସିବା ଏକପ୍ରକାର ବନ୍ଦ ହୋଇଯାଇଥିଲା। ଏହା ପରେ ମାଓବାଦୀ ପ୍ରବଣ ଅଞ୍ଚଳକୁ ବିଦେଶୀ ନାଗରିକଙ୍କୁ ସୁରକ୍ଷା ଦୃଷ୍ଟିରୁ ଛଡ଼ାଯାଉନଥିଲା। କିଛିବର୍ଷ ପରେ ଜିଲା ପ୍ରଶାସନର ଅନୁମତି ମିଳିବା ପରେ ହିଁ ବିଦେଶୀ ପର୍ଯ୍ୟଟକଙ୍କୁ ମାଓବାଦୀ ପ୍ରବଣ ଅଞ୍ଚଳକୁ ଛଡ଼ାଯାଇଥିଲା।

# ସମଗ୍ର ଦେଶ ପାଇଁ ରହିବ ଗୋଟିଏ ଆପତ୍କାଳୀନ ନମ୍ବର

- ମାର୍ଚ୍ଚରୁ ହେବ କାର୍ଯ୍ୟକ୍ଷମ
- ଇଆର୍‌ଏସ୍ଏସ୍ କାର୍ଯ୍ୟକ୍ଷମ କରିବାକୁ ଓଡ଼ିଶାକୁ କେନ୍ଦ୍ରର ପରାମର୍ଶ

ଭୁବନେଶ୍ୱର,୨୭ା୧୨(ବ୍ୟୁରୋ)

ସମଗ୍ର ଦେଶ ପାଇଁ ରହିବ ଗୋଟିଏ ଆପତ୍କାଳୀନ ନମ୍ବର ୧୧୨। ୨୦୨୦ ମାର୍ଚ୍ଚ ମାସରୁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଇମର୍ଜେନ୍ସି ରେସ୍‌ପନ୍ସ ସପୋର୍ଟ ସିଷ୍ଟମ୍(ଇଆର୍‌ଏସ୍ଏସ୍) ରାଜ୍ୟରେ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ଦେଶର ୨୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଇଆରଏସ୍ଏସ୍ କାର୍ଯ୍ୟକ୍ଷମ ହୋଇଥିବାବେଳେ ଓଡ଼ିଶାରେ ଏହାକୁ ଲାଗୁ କରିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଇଆରଏସ୍ଏସ୍ କାର୍ଯ୍ୟକ୍ଷମ କରିବା ଦିଗରେ ରାଜ୍ୟକୁ ସହଯୋଗ କରିବ। ଏକକ ଜରୁରିକାଳୀନ ନମ୍ବର ୧୧୨ ଜରିଆରେ ଲୋକମାନେ ପୋଲିସ ସେବା ସହ ଆମ୍ବୁଲାନ୍ସ ଓ ଅଗ୍ନିଶମ ସେବା ତୁରନ୍ତ ପାଇପାରିବେ। ଇଆରଏସ୍ଏସ୍ ଯୋଜନାରେ ଏହି ଆପତ୍କାଳୀନ ନମ୍ବର ବ୍ୟବସ୍ଥା ରହିବ। ସମସ୍ତ ଜରୁରିକାଳୀନ ସେବା ପାଇଁ ଆମେରିକାରେ ଗୋଟିଏ ନମ୍ବର ୯୧୧ ରହିଛି। ଏହି ସେବା ଅଚଳ ହୋଇଯାଇଥିବା ମୋବାଇଲ ସିମ୍‌କାର୍ଡ ଓ ଲ୍ୟାଣ୍ଡଲାଇନ ମାଧ୍ୟମରେ ଉପଲବ୍ଧ ହୋଇପାରିବ। କୌଣସି ବ୍ୟକ୍ତି ଅସୁବିଧାର ସମ୍ମୁଖୀନ ହେଲେ ତୁରନ୍ତ ୧୧୨ ନମ୍ବରକୁ କଲ୍ କରି ସହାୟତା ନେଇପାରିବେ। ସମସ୍ତ ଜରୁରିକାଳୀନ ନମ୍ବର ପର୍ଯ୍ୟାୟକ୍ରମେ ବନ୍ଦ କରି ଏହି ଏକକ ନମ୍ବରକୁ ବ୍ୟବହାର କରାଯିବ। ସେନେଇ ଯଥେଷ୍ଟ ଜନସଚେତନତାର ଆବଶ୍ୟକତା ରହିଛି ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଦେଶରେ ଗୁଡିଏ ଜରୁରିକାଳୀନ ନମ୍ବର ରହିଛି। ଯେପରି କି ପୋଲିସ ପାଇଁ ୧୦୦, ଅଗ୍ନିଶମ ବିଭାଗ ପାଇଁ ୧୦୧, ଆମ୍ବୁଲାନ୍ସ ପାଇଁ ୧୦୨ ଏବଂ ଜରୁରୀ ବିପର୍ଯ୍ୟୟ ପରିଚାଳନା ଲାଗି ୧୦୮ ରହିଛି। ୧୧୨ ନମ୍ବରକୁ ଜରୁରୀ ସେବା ପାଇଁ ସମସ୍ତ ଟେଲିକମ୍ ଅପରେଟରମାନଙ୍କୁ କୁହାଯାଇଛି। ଦେଶର ୨୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଇଥିବା ବେଳେ ଓଡ଼ିଶାରେ ଏପର୍ଯ୍ୟନ୍ତ ଏହା ହୋଇନାହିଁ। ଏହି ବ୍ୟବସ୍ଥା ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛି। ଲୋକଙ୍କୁ ବିଭିନ୍ନ ସେବା ପାଇଁ ଆଉ ଅଲଗା ଅଲଗା ନମ୍ବର ମନେରଖିବାକୁ ପଡ଼ିବନାହିଁ। ଏହାଦ୍ୱାରା ଅପରାଧକୁ ନିୟନ୍ତ୍ରଣ କରିବା ସହ ନାଗରିକମାନଙ୍କର ଧନଜୀବନ ସୁରକ୍ଷିତ ରହିପାରିବ ବୋଲି ଅଧିକାରୀ ଜଣକ କହିଛନ୍ତି।

- ଲଘୁ ଖଣିଜ ଚୋରାକାରବାର ଚିନ୍ତା

# ଆଗକୁ କଠୋର ପଦକ୍ଷେପ

କେନ୍ଦୁଝର, ୨୭ା୧୨(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାରେ ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାର ବୃଦ୍ଧି ଚିନ୍ତା ବଢାଇଛି। ଏଥିଲାଗି ସରକାର ବିପୁଳ ରାଜସ୍ୱ ହରାଉଛନ୍ତି। ଚୋରା ଚାଲାଣ ଧରା ପଡିଲେ କେବଳ ଜରିମାନ ଆଦାୟ କରି ଗାଡି ଛାଡି ଦିଆଯାଉଛି। ଚୋରା ଚାଲାଣ ହେଉଥିବା ପଥର, ବାଲି, ମୋରମ ଆଦିର ମୂଲ୍ୟ ଆଦାୟ କରାଯାଉ ନାହିଁ। ସରକାର


କେନ୍ଦୁଝର ଜିଲା ଗସ୍ତ ଅବସରରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି।

ଏଣିକି ଏ ଦିଗରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛନ୍ତି ବୋଲି ଶୁକ୍ରବାର କେନ୍ଦୁଝର ଜିଲା ଗସ୍ତରେ ଆସିଥିବା ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି ।ଗସ୍ତ ଅବସରରେ ରାଜସ୍ୱ ମନ୍ତ୍ରୀ ବିଭାଗୀୟ ସମୀକ୍ଷା ବୈଠକରେ ଯୋଗ ଦେଇ ଲଘୁ ଖଣିଜ ପଥର ଚୋରାକାରବାର ସମ୍ପର୍କରେ ଆଲୋଚନା କରି ଏ ଦିଗରେ କଡା ପଦକ୍ଷେପ ନେବା ସକାଶେ ପ୍ରଶାସନକୁ କହିଥିଲେ। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଲଘୁ ଖଣିଜ ସଂପଦ ଚୋରି ରୋକିବାକୁ ଖୁବଶୀଘ୍ର ଲଘୁ ଖଣିଜ ନିର୍ଦ୍ଦେଶାଳୟ କାର୍ଯ୍ୟକ୍ଷମ ହେବ । ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ସମେତ ଧରପଗଡ କାର୍ଯ୍ୟର ନିୟମିତ ସମୀକ୍ଷା କରାଯିବ। ଯେଉଁ ଅଞ୍ଚଳରେ ଚୋରି ହେଉଥିବା ସୂଚନା ମିଳିବ , ସେଠାକୁ ତୁରନ୍ତ ସ୍କ୍ୱାର୍ଡ ଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ବେଆଇନ ଭାବେ ଚାଲିଥିବା କ୍ୱାରି ଉପରେ କାର୍ଯ୍ୟାନୁଷ୍ଠାନ ନ ନେଲେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଏବଂ ବେପାରୀଙ୍କ ବିରୋଧରେ ଦୃଢ ପଦକ୍ଷେପ ନିଆଯିବ । ଏପରି କି ଚୋରି ଲଘୁ ଖଣିଜ ସମ୍ପଦର ଆକଳନ କରାଯାଇ ସେମାନଙ୍କଠାରୁ ଅର୍ଥ ଆଦାୟ କରାଯିବ । କୌଣସି ସ୍ଥାନରୁ ଲଘୁ ଖଣିଜ ଦ୍ରବ୍ୟ ଚୋରି ହେଲେ ସେଥିପାଇଁ ଉଭୟ ବେପାରୀ ଓ ରାଜସ୍ୱ ବିଭାଗ କର୍ମଚାରୀ ଦାୟୀ ରହିବେ । ଜିଲାରେ ସଇରାତ ଘୋଷଣା ହେଉ ନ ଥିବାରୁ ବହୁ ପରିମାଣରେ ଲଘୁ ଖଣିଜ ସମ୍ପଦ ଚୋରି ହେଉଛି। ଏଥିଲାଗି ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ। ଉଲ୍ଲେଖନୀୟ ଯେ, କେନ୍ଦୁଝର ଜିଲାରେ ଶହ ଶହ ବେଆଇନ ଚୋରା ବାଲି, ପଥର, ମୋରମ ଖଣି ରହିଛି । ଏଥିଲାଗି ଜଙ୍ଗଲ ଓ ପରିବେଶ ନଷ୍ଟ ହେଉଛି । ସଦର କେନ୍ଦୁଝର ସମେତ ବାଂଶପାଳ, ଘଟଗାଁ, ପାଟଣା, ଝୁମ୍ପୁରା, ଚମ୍ପୁଆ, ତେଲକୋଇ, ଯୋଡା ଆଦି ତହସିଲ ଅଞ୍ଚଳରେ ଏହି ଚୋରାକାରବାର ବେଧଡକ ଭାବେ ଚାଲିଛି । ଘଟଗାଁ ତହସିଲରେ ବେଆଇନ କ୍ରସର ଚଳାଇଥିବା ଜଣେ କ୍ରସର ମାଲିକଙ୍କ ଉପରେ ପ୍ରାୟ ୨ କୋଟି ଟଙ୍କା ଜରିମାନା କରାଯାଇଥିଲେ ବି ଆଦାୟ କରାଯାଇପାରୁ ନାହିଁ । ପୂର୍ବରୁ ଜିଲାରେ ଚାଲିଥିବା ଲୁହାପଥର ଚୋରା କାରବାର ବନ୍ଦ ହେବା ପରେ ଏବେ କ୍ରସର ମାଲିକମାନେ ଏହି ବ୍ୟବସାୟକୁ ବଢାଇ ଚାଲିଛନ୍ତି।

### ମାନବାଧିକାର ଆଇନ ପ୍ରତି ସଶସ୍ତ୍ର ବଳର ସମ୍ମାନ ଅଛି: ସେନାମୁଖ୍ୟ



ନୂଆଦିଲ୍ଲୀ,୨୭ା୧୨(ପି.ଟି.): ଭାରତୀୟ ସଶସ୍ତ୍ର ବଳ ଅତ୍ୟନ୍ତ ଶୃଙ୍ଖଳିତ ଓ ମାନବାଧିକାର ଆଇନ ପ୍ରତି ଏହାର ଯଥେଷ୍ଟ ସମ୍ମାନ ରହିଥିବା ସେନାଧକ୍ଷ ଜେନେରାଲ ବିପିନ ରାୱତ ଶୁକ୍ରବାର କହିଛନ୍ତି। ସେନା କେବଳ ଦେଶବାସୀଙ୍କ ମାନବାଧିକାରର ସୁରକ୍ଷାକୁ ସୁନିଶ୍ଚିତ କରେନାହିଁ, ବରଂ ଏହାକୁ ବିରୋଧରୁ ମଧ ରକ୍ଷାକରେ। 'ଯୁଦ୍ଧ ବେଳେ ମାନବାଧିକାରର ସୁରକ୍ଷା ଓ ଯୁଦ୍ଧବନ୍ଦୀ' ଶୀର୍ଷକ ଆଲୋଚନାରେ ଜାତୀୟ ମାନବାଧିକାର ଆୟୋଗ(ଏନଏଚ୍‌ଆର୍‌ସି)ର ବରିଷ୍ଠ ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେଇ ଜେନେରାଲ ରାୱତ୍ ଏହା କହିଥିଲେ।


### ଟ୍ରେନ୍ ନଂ.18117/18118 ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍‌ର ଚଳାଚଳ ଦିବସରେ ବୃଦ୍ଧି

ଟ୍ରେନ୍ ନଂ.18117/18118 ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ ତା.28.12.2019ରିଖ ଠାରୁ ରାଉରକେଲାରୁ ଏବଂ ତା.29.12.2019ରିଖ ଠାରୁ ଗୁଣୁପୁରରୁ ଚଳାଚଳ ଦିବସ ସପ୍ତାହରେ 06 ଦିନ ପରିବର୍ତ୍ତେ ସବୁଦିନ ଚଳାଚଳ କରିବା ନିମନ୍ତେ ନିମ୍ନ ଅନୁଯାୟୀ ନିଷ୍ପତ୍ତି ଗ୍ରହଣ କରାଯାଇଛି :

| ଟ୍ରେନ୍ ନଂ. | ବର୍ତ୍ତମାନ ଚଳାଚଳ କରୁଥିବା ଦିନ | ସଂଶୋଧିତ ଚଳାଚଳ କରିବା ଦିନ | ପ୍ରାରମ୍ଭିକ ଷ୍ଟେସନରୁ ଯାତ୍ରା ଆରମ୍ଭ |
|---|---|---|---|
| 18117 ରାଉରକେଲା-ଗୁଣୁପୁର ଏକ୍ସପ୍ରେସ୍ | ଶନିବାରକୁ ଛାଡ଼ି 06 ଦିନ | ପ୍ରତିଦିନ | 28.12.2019 |
| 18118 ଗୁଣୁପୁର-ରାଉରକେଲା ଏକ୍ସପ୍ରେସ୍ | ରବିବାରକୁ ଛାଡ଼ି 06 ଦିନ | ପ୍ରତିଦିନ | 29.12.2019 |



ପୂର୍ବ ତଟ ରେଳପଥ
PR-612/K/19-20


### #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ରିପୁନ ପଣ୍ଡା


ମଞ୍ଜୁଳା ଦାସ, ଆରତୀ ଦାସ


ସୂର୍ଯ୍ୟକାନ୍ତ ସାହୁ


ଭାଗ୍ୟଲକ୍ଷ୍ମୀ ରାଉତ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଜିଲା ଚିଠି
### ମୟୂରଭଞ୍ଜ

# ହୋମିଓପାଥିକ କଲେଜ

ଆଦିବାସୀ ଅଧ୍ୟୁଷିତ ତଥା ବଣପାହାଡ ଘେରା ମୟୂରଭଞ୍ଜ ଜିଲା। ଏହି ଜିଲାର ବାରିପଦାଠାରେ କେତେଜଣ ସାମାଜିକ କର୍ମୀ ଓ ହୋମିଓପାଥିକ ଔଷଧ ସେବନକୁ ଭଲ ପାଉଥିବା ଲୋକଙ୍କ ପ୍ରଚେଷ୍ଟାରେ ୧୯୮୦ ମସିହାରେ ଆରମ୍ଭ ହୋଇଥିଲା ହୋମିଓପାଥିକ କଲେଜ। କଲେଜର ପ୍ରତିଷ୍ଠାତା ଡାକ୍ତର ଗୌରଚନ୍ଦ୍ର ଗିରିଙ୍କ ବାଘଡା ରୋଡ ବସଷ୍ଟାଣ୍ଡ ଛକସ୍ଥିତ ଘରୋଇ କ୍ଲିନିକ, ପାଣ୍ଡେ ଏମ୍‌ଇ ସ୍କୁଲ ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି କଲେଜ ଚାଲିଥିଲା। ପରେ ବାରିପଦା ସହର ଉପକଣ୍ଠ ମଞ୍ଚାବନ୍ଧାଠାରେ ଉକ୍ତ କଲେଜ ପରିଚାଳିତ ହେଉଛି। ଏହି କଲେଜର ପରିଚାଳନା କମିଟି ସଭାପତି ହେଉଛନ୍ତି ଜିଲାପାଳ। ଏପରି କି ଏହି କଲେଜ ରାଜ୍ୟ ସରକାରଙ୍କ ସ୍ଥାୟୀ ସ୍ୱୀକୃତିପ୍ରାପ୍ତ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁମୋଦିତ। ଏହାର ଆବଶ୍ୟକ ଜାଗା, ଗୃହ ଏବଂ ଅନ୍ୟାନ୍ୟ ସୁବିଧା ରହିଛି। ଉକ୍ତ କଲେଜର ଡାକ୍ତରଖାନାକୁ ଜିଲାର ବହୁ ରୋଗୀ ଚିକିତ୍ସିତ ହେବାକୁ ପ୍ରତିଦିନ ଆସିଥାନ୍ତି। ଏହାପରେ ବି ଉକ୍ତ କଲେଜ ସରକାରୀକରଣ ହେଉ ନ ଥିବାରୁ ଏହାର ପରିଚାଳନା କ୍ଷେତ୍ରରେ ବହୁ ଅସୁବିଧା ହେଉଥିବା ଅଭିଯୋଗ ହୋଇଛି। ଏଥିଯୋଗୁ କଲେଜର ଭାଗ୍ୟ ଏବେ ବି ଅନ୍ଧକାରମୟ ଅବସ୍ଥାରେ ରହିଛି। ବିଭିନ୍ନ ମହଲରୁ ଦାବି ପରେ ସରକାର ଏହି ହୋମିଓପାଥିକ କଲେଜ ଏବଂ ଆୟୁର୍ବେଦିକ କଲେଜକୁ ସରକାରୀକରଣ କରିବା ପାଇଁ ୨୦୧୩ ମସିହାରେ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୬ ବର୍ଷ ବିତି ଯାଇଥିଲେ ସୁଦ୍ଧା ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ୩୯ ବର୍ଷର ଏହି ଅନୁଷ୍ଠାନ ପ୍ରତି ସରକାରଙ୍କ ଅବହେଳାକୁ ନେଇ ହୋମିଓପାଥିକ ଔଷଧ ସେବନକୁ ଭଲପାଉଥିବା ଲୋକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। - **ରବିନାରାୟଣ ଚଲାନ**




## ସଂକ୍ଷେପରେ

### ବିଧାନସଭା ସ୍ଥାୟୀ କମିଟି-୩ର ଦଶମ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୨୭।୧୨(ବ୍ୟୁରୋ): ବିଧାନସଭା ବିଭାଗୀୟ ସ୍ଥାୟୀ କମିଟି-୩ର ଦଶମ ବୈଠକ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଧାନସଭାସ୍ଥିତ ପ୍ରକୋଷ୍ଠ ନଂ-୫୫ରେ ଅନୁଷ୍ଠିତ ଏହି ବୈଠକରେ ପ୍ରାରମ୍ଭିକ ଆଲୋଚନା ସହ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା ହୋଇଛି । ଏହି ବୈଠକରେ କମିଟିର ସଦସ୍ୟ ଥିବା ବିଧାୟକ, ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ବରିଷ୍ଠ ପଦାଧିକାରୀଙ୍କ ସମେତ ବିଧାନସଭା ସଚିବ ଦାଶରଥି ଶତପଥୀ ଉପସ୍ଥିତ ଥିଲେ ।

### ଯୁବକଙ୍କୁ ଗୁଳି କରି ହତ୍ୟା

କାଲିମେଲା,୨୭।୧୨(ଡି.ଏନ.ଏ.): ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ଦୁର୍ଗମ ତେଲରାଇ ପଞ୍ଚାୟତର ଆମ୍ବପଦର ଗ୍ରାମରେ ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଏ ନେଇ କାଲିମେଲା ଥାନାରେ ଅଭିଯୋଗ ହୋଇଛି । ହତ୍ୟାକାଣ୍ଡ ପରେ ମୃତଦେହକୁ ପୋତା ଯାଇଥିବା ଜଣାପଡିଛି। ଏହି ହତ୍ୟାକାଣ୍ଡ ଗତ ୧୩ ତାରିଖରେ ଘଟିଥିବା ବେଳେ ଏବେ ଘଟଣା ପଦାକୁ ଆସିଛି। ତେଲରାଇ ସରପଞ୍ଚ ମୁତା ସୋଡି ଘଟଣା ସମ୍ପର୍କରେ ଜାଣିବା ପରେ କାଲିମେଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହାକୁ ଭିତ୍ତି କରି ପୋଲିସ ୨୦୮/୧୯ରେ ଏକ ମାମଲା ରୁଜୁ କରି ଶୁକ୍ରବାର ଗ୍ରାମକୁ ଯାଇ ତଦନ୍ତ ଆରମ୍ଭ କରିଛି। ଖବରରୁ ଜଣାପଡିଛି, ଆମ୍ବପଦର ଗ୍ରାମର ଆଇତା ଗୋଲରିଙ୍କ ପୁଅ ମଧୁ ଗୋଲରି(୨୬)ଙ୍କୁ କୌଣସି କାରଣରୁ ସେହି ଗ୍ରାମର ସମ୍ପର୍କୀୟ ଭାଇ ସୁକ୍ରା ଗୋଲରିଙ୍କ ପୁଅ ଟଙ୍କ ଗୋଲରି ଏକ ଦେଶୀ ବନ୍ଧୁକରେ ହତ୍ୟା କରିବା ପରେ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ମଧୁଙ୍କ ସ୍ତ୍ରୀ, ପିଲାଛୁଆମାନେ ଭୟରେ କାହାକୁ କିଛି ନ କହି ଗାଁ ଛାଡି ପଳାଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ଘଟଣା ଘଟିବାର ୧୫ ଦିନ ବିତିଯାଇଥିବା ବେଳେ ଗତ ୨ ଦିନ ତଳେ ତେଲରାଇ ସରପଞ୍ଚ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ ସେ ସମ୍ପୃକ୍ତ ଗ୍ରାମକୁ ଯାଇ ହତ୍ୟାକାଣ୍ଡର ସତ୍ୟତା ଅନୁଧାନ କରି ଫେରିବା ପରେ ଟଙ୍କ ହିଁ ମଧୁଙ୍କୁ ହତ୍ୟା କରିଛନ୍ତି ବୋଲି ସେ କାଲିମେଲା ଥାନାରେ ଏତଲା ଦେଇଥିଲେ । ପୋଲିସ ଏହାର ତଦନ୍ତ ଆରମ୍ଭ କରି ଗ୍ରାମ ମଶାଣିରେ ପୋତାଯାଇଥିବା ମଧୁଙ୍କ

# ସରକାରଙ୍କ ନଜରରେ ବିଭିନ୍ନ ସଂଘର ସମସ୍ୟା

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

**■ସବୁ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଆଲୋଚନା**

ପଦୋନ୍ନତି ଅପେକ୍ଷାରେ ଥିବା ସମସ୍ତ ସରକାରୀ କର୍ମଚାରୀଙ୍କ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଖୁସି ଖବର ନେଇଛନ୍ତି। ଆସନ୍ତା ୩୧ତାରିଖ ସନ୍ଧ୍ୟା ସୁଦ୍ଧା ସେମାନଙ୍କୁ ପଦୋନ୍ନତି ଦେବାର ସମସ୍ତ ବ୍ୟବସ୍ଥା କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରଠାରୁ ସରକାରୀ ସ୍ତରରେ ଏଥିଲାଗି ଜୋର୍‌ଦାର କାମ ଆରମ୍ଭ ହୋଇଛି। ଛୁଟି ଦିନରେ ମଧ କାମ ବନ୍ଦ ହେଉନାହିଁ। ଏହାକୁ ନେଇ ପଦୋନ୍ନତି ଅପେକ୍ଷାରେ ଥିବା ଅଧିକାରୀମାନେ ଅତ୍ୟନ୍ତ ଖୁସି ରହିଥିବା ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ସରକାର ଆଉ ଏକ ନୂଆ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। କେବଳ ପଦୋନ୍ନତି ଅପେକ୍ଷାରେ ଥିବା କର୍ମଚାରୀ ନୁହନ୍ତି, ବରଂ ବିଭିନ୍ନ ଦାବି ନେଇ ବାରମ୍ବାର ଆନ୍ଦୋଳନ କରିଆସୁଥିବା ସଂଘଗୁଡିକର ସମସ୍ୟା ସମାଧାନ ଲାଗି ସରକାର ପଦକ୍ଷେପ ନେବାକୁ ଯାଉଥିବା ଜଣାପଡ଼ିଛି। ଏଥିଲାଗି ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଡକାଯାଇ ଆଲୋଚନା କରାଯାଇଛି।

ମିଳିଥିବା ସୂଚନା ମୁତାବକ, ପର୍ଯ୍ୟାୟକ୍ରମେ ବିଭାଗ ଅନୁଯାୟୀ ବିଭିନ୍ନ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ଡକାଯାଇଛି। ଶୁକ୍ରବାର କେତେଜଣଙ୍କୁ ଡକାଯାଇଥିବା ବେଳେ ଶନିବାର ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ ଆଦି ମନ୍ତ୍ରୀଙ୍କ ପିଏସ୍‌ଙ୍କୁ ଡକରା ଅଛି। ସମସ୍ତ ବିଭାଗର ମନ୍ତ୍ରୀମାନଙ୍କ ପିଏସ୍‌ଙ୍କୁ ସେମାନଙ୍କ ବିଭାଗକୁ ଆସୁଥିବା ବିଭିନ୍ନ ସଂଘର ଦାବି ସମ୍ପର୍କରେ ପଚରାଯାଇଛି। କେଉଁ ବିଭାଗ ନିକଟରେ କେତେ ସଂଘ କେଉଁ କେଉଁ ଦାବି ରଖୁଛନ୍ତି ତା'ର ଏକ ତାଲିକା ମାଗିଛନ୍ତି। ତୁରନ୍ତ ଏନେଇ ସମସ୍ତ ବିଭାଗ ସେମାନଙ୍କ ଅଧୀନରେ ଆସୁଥିବା ସଂଘ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରି ଏକ ତାଲିକା ପ୍ରସ୍ତୁତ କରିବେ। ସଂଘଗୁଡିକର ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ଦାବି ରହିଛି ସେଗୁଡିକର ସମାଧାନ ଲାଗି ସରକାର ପଦକ୍ଷେପ ନେବେ ବୋଲି ଜଣାପଡିଛି। ଏହାସହ ଯେଉଁସବୁ ସଂଘଗୁଡିକର ଦାବି ଆଇନସଙ୍ଗତ ନୁହେଁ ତା' ଉପରେ ସରକାର କିଛି କରିପାରିବେ ନାହିଁ, ସେନେଇ ମଧ ଆଲୋଚନା କରିବେ ବୋଲି ସୂଚନା ମିଳିଛି। ଯେତେସବୁ ଦାବି ସରକାରଙ୍କ ଦ୍ୱାରା ପୂରଣ କରିବା ସମ୍ଭବ ତା'ଉପରେ ଗୁରୁତ୍ୱ ଦିଆଯିବ ଏବଂ ଯଥାଶୀଘ୍ର ଏନେଇ କାର୍ଯ୍ୟକ୍ରମ ହେବ ବୋଲି ଶୁଣିବାକୁ ମିଳୁଛି।

ସୂଚନାଯୋଗ୍ୟ ଯେ, ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ସଂଘଗୁଡିକର ଦାବି ସମ୍ପର୍କରେ ଗୁରୁତ୍ୱ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ତତକାଳୀନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରିଥିଲେ। ରାଜ୍ୟରେ ଯେତେସବୁ ସଂଘ ରହିଛି ସେମାନଙ୍କ ସହ ଆଲୋଚନା କରି ତାଙ୍କର ସମସ୍ୟା ଉପରେ ନିଷ୍ପତ୍ତି ନେବାକୁ କହିଥିଲେ। ସେହି ଅନୁଯାୟୀ ରାଜ୍ୟର ମୋଟ ୨୯୮ରୁ ଅଧିକ ସଂଘ ସହ ଉକ୍ତ କମିଟି ଆଲୋଚନା କରିଥିବା ଜଣାପଡିଥିଲା। ହେଲେ ସେନେଇ କିଛି ଅଧିକ ନିଷ୍ପତ୍ତି ନିଆଗଲା ନାହିଁ। ବର୍ତ୍ତମାନ ପୁଣିଥରେ ବିଜେଡି ରାଜ୍ୟରେ ଶାସନ କ୍ଷମତାକୁ ଆସିବାର ୮ମାସ ପରେ ମୁଖ୍ୟମନ୍ତ୍ରୀ ଏନେଇ ଗୁରୁତ୍ୱ ଦେବା ଲାଗି ଚିନ୍ତା କରିଥିବା ସୂଚନା ମିଳିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗର୍ଭଧାରିଣୀ ଆଉ କ୍ଷୀର ଦିଆ**
**ଗୁରୁପତ୍ନୀ ଆଉ ସାବତ ମାଆ**
**ମାଈ, ବ୍ରାହ୍ମଣୀ ଧାଈ ଆଉ ଗାଈ**
**ଶାସ୍ତ୍ରେ ଏମାନଙ୍କୁ ଜନନୀ କହି ।**

ଯିଏ ସନ୍ତାନଙ୍କୁ ଗର୍ଭରେ ଧାରଣ କରିଥାଏ, କ୍ଷୀରପାନ କରାଇଥାଏ ସେ ମା' ହୋଇଥାଏ। ଗୁରୁଙ୍କ ପତ୍ନୀ, ସାବତ ମାଆ, ମାଇଁ ତଥା ଧାଈ ଏ ସମସ୍ତେ ମାତୃତୁଲ୍ୟ ହୋଇଥାନ୍ତି। ସେହିପରି ଗାଈକୁ ଗୋମାତା ଭାବେ ପୂଜା କରାଯାଇଥାଏ। ଶାସ୍ତ୍ର ମତରେ ଏମାନେ ଜନନୀ ପଦବାଚ୍ୟ ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୋଠ ସୁସାର ଥିଲେ**
**ଗାଈ ହମାଳି ପଶେ ।**

ଯେଉଁଠି ସ୍ନେହ ଆଦର ଭାବ ରହିଥାଏ ସେଇଠି ମନ ଅକ୍ଳେଶରେ ବା ଆପଣାଛାଏଁ ବାନ୍ଧି ହୋଇଯାଇଥାଏ। ଅନାବିଳ ସ୍ନେହ ଶ୍ରଦ୍ଧା ପାଶେ ମନ ବନ୍ଧା ପଡ଼ିଯାଇଥାଏ। ଆଦର ଯତ୍ନ ପାଇଲେ ଲୋକେ ସେଠାକୁ ପୁଣି ଆସିବାକୁ ମନ ବଳାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ରାଜପଥ ପାର୍ଶ୍ୱ ଉଚ୍ଛେଦ ବେଳେ ଦୁର୍ଘଟଣା

# ଛାତ ଭୁଶୁଡ଼ି ଜଣେ ମୃତ, ୪ ଗୁରୁତର



ଗୁରୁତରମାନଙ୍କୁ ଉଦ୍ଧାର କରାଯାଉଛି।

ବଅଁରପାଳ, ୨୭।୧୨ (ଡି.ଏନ୍.ଏ.)

ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ପାଇଁ ଉଚ୍ଛେଦ କାର୍ଯ୍ୟ ବେଳେ ଶୁକ୍ରବାର ବଅଁରପାଳ ଥାନା ନୂଆହତା ଅଞ୍ଚଳରେ ଛାତ ଭୁଶୁଡ଼ି ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ୪ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ପ୍ରଶାସନିକ ଅଧିକାରୀ ଓ ପୋଲିସ ଉପସ୍ଥିତିରେ ରାଜପଥ ପାର୍ଶ୍ୱ ଉଚ୍ଛେଦ ବେଳେ ନୂଆହତା ବାଲିସାହିର ଧନେଶ୍ୱର ମୁଦୁଲିଙ୍କ ଘର ଭଙ୍ଗା ଯାଉଥିଲା। କାଳେ ଅଧିକ ଜାଗା ଚାଲିଯିବ ସେଥିପାଇଁ ନିଜେ ଧନେଶ୍ୱର ୪ ଶ୍ରମିକ ବୀରେନ୍ଦ୍ର ପ୍ରଧାନ, ଅଜିତ ସାହୁ, ଜୟନ୍ତ ସାହୁ, ଶିପୁନ ସାହୁଙ୍କୁ ଲଗାଇ ଛାତ ଭାଙ୍ଗୁଥିଲେ। କିନ୍ତୁ ହଠାତ୍ ଛାତ ଭୁଶୁଡ଼ି ପଡ଼ିବାରୁ ଧନେଶ୍ୱରଙ୍କ ସହ ଶ୍ରମିକମାନେ ଚାପି ହୋଇଯାଇଥିଲେ। ଖବରପାଇ ଅଗ୍ନିଶମ ସଂସ୍ଥାର କର୍ମଚାରୀମାନେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିପୁନଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତାଙ୍କ ଘର ବଅଁରପାଳ ବ୍ଲକ କୁରୁଡୁଲୁ ଅଞ୍ଚଳରେ। ଘଟଣାସ୍ଥଳରେ ବଅଁରପାଳ ଥାନା ଅଧିକାରୀ ସୁନୀଲ କର ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

**ଆଜି କଂଗ୍ରେସର ପ୍ରତିଷ୍ଠା ଦିବସ**

# ଦେଶବ୍ୟାପୀ ହେବ ଫ୍ଲାଗ୍ ମାର୍ଚ୍ଚ

ନୂଆଦିଲ୍ଲୀ,୨୭।୧୨(ପି.ଟି.)

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ବିକ୍ଷୋଭ ଜାରି ରହିଥିବାବେଳେ ଶନିବାର କଂଗ୍ରେସର ୧୩୪ତମ ପ୍ରତିଷ୍ଠା ଦିବସ ଅବସରରେ 'ସମ୍ବିଧାନ ବଞ୍ଚାଅ- ଭାରତ ବଞ୍ଚାଅ' ବାର୍ତ୍ତା ନେଇ ଦେଶବ୍ୟାପୀ ଫ୍ଲାଗ୍ ମାର୍ଚ୍ଚ କରାଯିବ। ଏଆଇସିସି ମୁଖ୍ୟାଳୟରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଶନିବାର ସକାଳେ ଦଳୀୟ ପତାକା ଉତ୍ତୋଳନ କରିବେ। ଆସାମର ଗୁଆହାଟୀଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ସଭାକୁ ସମ୍ବୋଧିତ କରିବେ। ସେଠାରେ ସେ ସିଏଏକୁ ନେଇ ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିବେ ବୋଲି ଜଣାପଡିଛି। ସେହିପରି ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଲକ୍ଷ୍ନୌରେ ଦଳୀୟ କର୍ମୀମାନଙ୍କୁ ଉଦ୍‌ବୋଧନ ଦେବେ। ପ୍ରଦେଶ କଂଗ୍ରେସ ସଭାପତିମାନେ ରାଜ୍ୟ ରାଜଧାନୀଗୁଡ଼ିକରେ ସମ୍ବିଧାନ ବଞ୍ଚାଅ, ଭାରତ ବଞ୍ଚାଅ ବାର୍ତ୍ତା ନେଇ ଫ୍ଲାଗ୍ ମାର୍ଚ୍ଚ କରିବେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି।

# 'କଲ୍ ସେଣ୍ଟରକୁ ଅଧିକ କ୍ରିୟାଶୀଳ କରିବାକୁ ଲକ୍ଷ୍ୟ'

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

**■ନିଗମ କାର୍ଯ୍ୟାଳୟକୁ ମନ୍ତ୍ରୀଙ୍କ ଅଚାନକ ଗସ୍ତ**

ଓଡ଼ିଶା ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟରେ ଖୋଲାଯାଇଥିବା କଲ୍‌ସେଣ୍ଟର ସେଲ୍‌କୁ ଅଧିକ କ୍ରିୟାଶୀଳ କରିବାକୁ ଚେଷ୍ଟା କରାଯାଉଛି। ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିବା ପାଇଁ ବିଭାଗ ପକ୍ଷରୁ ଜାରି ଟୋଲ୍ ଫ୍ରି ନମ୍ବର ୧୯୬୭ ଯେପରି ନିରନ୍ତର ଟେଲିଫୋନ୍ କଲ୍ ଗ୍ରହଣ କରିପାରିବ ସେଥି ନିମନ୍ତେ ବୈଷୟିକ ବ୍ୟବସ୍ଥାକୁ ଅଧିକ ଉନ୍ନତ କରିବା ଲାଗି ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶୁକ୍ରବାର ପୂର୍ବାହ୍ନରେ ସେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟ ଓ ସମବାୟ ସମୀକ୍ଷା ନିର୍ଦ୍ଦେଶାଳୟକୁ ଅଚାନକ ଗସ୍ତ କରିଥିଲେ।

ଏହି ଅବସରରେ ଚାଷୀମାନଙ୍କ ସହିତ ସର୍ବଦା ସମ୍ପର୍କ ସ୍ଥାପନ ଦିଗରେ ଏହାକୁ ଅଧିକ ସୁଦୃଢ଼ ଓ ତ୍ରୁଟିଶୂନ୍ୟ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏଥିସହିତ ଧାନ ସଂଗ୍ରହ କେନ୍ଦ୍ରରେ ଚାଷୀମାନେ ଧାନ ବିକ୍ରିଲବ୍ଧ ଅର୍ଥ ଯେପରି ଧାର୍ଯ୍ୟ ସମୟସୀମା ମଧ୍ୟରେ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପାଇପାରିବେ ସେଥିପାଇଁ ନିୟମିତ ସମୀକ୍ଷା କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ସରକାରୀ କାର୍ଯ୍ୟାଳୟକୁ ବିଳମ୍ବରେ ଆସିଥିବା କର୍ମଚାରୀଙ୍କୁ କୈଫିୟତ ତଲବ କରିବା ପାଇଁ ମଧ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟାଳୟ ପରିସରକୁ ସ୍ୱଚ୍ଛ ରଖିବା, କର୍ମଚାରୀମାନେ ଯେପରି ଠିକ୍ ସମୟରେ କାର୍ଯ୍ୟାଳୟ ଆସିବେ ସେଥିନିମନ୍ତେ ନିର୍ଦ୍ଦେଶ ଦେବା ସହିତ ନିର୍ଦ୍ଦେଶାଳୟରେ ବାୟୋମେଟ୍ରିକ୍ ବ୍ୟବସ୍ଥା ଲାଗୁ କରିବା ପାଇଁ ସେ କହିଥିଲେ। ସେହିପରି କର୍ମଚାରୀମାନେ ଯେପରି ଠିକ୍ ସମୟରେ ପଦୋନ୍ନତି ପାଇପାରିବେ ସେଦିଗରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ବିଧାନସଭା ଡାଟା ଏଣ୍ଟ୍ରି ଅପରେଟରଙ୍କ କମ୍ପ୍ୟୁଟର ଶିକ୍ଷାଗତ ଯୋଗ୍ୟତା ଯାଞ୍ଚ

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

ଓଡ଼ିଶା ବିଧାନସଭା ସଚିବାଳୟରେ କାର୍ଯ୍ୟରତ ୧୪ ଜଣ ଡାଟା ଏଣ୍ଟ୍ରି ଅପରେଟରଙ୍କ କମ୍ପ୍ୟୁଟର ଶିକ୍ଷାଗତ ଯୋଗ୍ୟତା ସମ୍ପର୍କିତ ପ୍ରମାଣପତ୍ର ଯାଞ୍ଚ କରାଯାଇଛି। ଏଥିପାଇଁ ପୂର୍ବରୁ ସଂପୃକ୍ତ ପ୍ରମାଣପତ୍ର ପ୍ରଦାନକାରୀ କମ୍ପ୍ୟୁଟର ସଂସ୍ଥା ନିକଟକୁ ଚିଠି ପଠାଯାଇଥିଲା । ଅଦ୍ୟାବଧି ସେଥିମଧ୍ୟରୁ ଦୁଇଟି କମ୍ପ୍ୟୁଟର ସଂସ୍ଥା ଏ ସମ୍ପର୍କିତ ପତ୍ରର ଉତ୍ତର ଦେଇ ପ୍ରମାଣପତ୍ର ଦୁଇଟି ଅସଲି ଥିବା ଜଣାଇଛନ୍ତି । ପର୍ଯ୍ୟାପ୍ତ ଠିକଣା ନ ଥିବାରୁ ୯ ସଂସ୍ଥାକୁ ପଠାଯାଇଥିବା ପତ୍ର ଫେରିଆସିଛି । ୩ ସଂସ୍ଥାରୁ ଉତ୍ତର ଅଦ୍ୟାବଧି ହସ୍ତଗତ ହୋଇ ନ ଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଯେଉଁ ପ୍ରମାଣପତ୍ରଗୁଡ଼ିକ ଅସଲ ବୋଲି ପ୍ରମାଣିତ ନ ହୋଇଛି ସେ ପର୍ଯ୍ୟନ୍ତ ସେଗୁଡ଼ିକୁ ନକଲି ବୋଲି ବିବେଚନା କରାଯିବ । ଆସନ୍ତା ସପ୍ତାହରେ ଯଦି ସଂପୃକ୍ତ କର୍ମଚାରୀମାନେ ଦେଇଥିବା ପ୍ରମାଣପତ୍ରର ସତ୍ୟତା ପ୍ରତିପାଦନ ନ କରନ୍ତି, ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିସହିତ ଏହାର ବିଧିବଦ୍ଧ ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ପ୍ରଦାନ କରାଯିବ ।

■ଦେଶଦ୍ରୋହ ମାମଲା

# ସ୍ୱତନ୍ତ୍ର କୋର୍ଟ ରାୟକୁ ମୁଶାରଫଙ୍କ ଚ୍ୟାଲେଞ୍ଜ

ଇସ୍‌ଲାମାବାଦ,୨୭।୧୨(ପି.ଟି.)



ପାକିସ୍ତାନର ପୂର୍ବତନ ସାମରିକ ଶାସକ ପରଭେଜ ମୁଶାରଫଙ୍କୁ ଦେଶଦ୍ରୋହ ମାମଲାରେ ଏକ ସ୍ୱତନ୍ତ୍ର ଅଦାଲତ ଦୋଷୀସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ସେ ଶୁକ୍ରବାର ଏହାକୁ ଲାହୋର ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ତାଙ୍କ ତରଫରୁ ଆଇନଜୀବୀ ଆଝାର ସିଦ୍ଦିକ୍ ୮୬ ପୃଷ୍ଠାର ପିଟିଶନ ଦାଏର କରିଛନ୍ତି। ଏଥିରେ ପାକିସ୍ତାନ ସରକାର ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରାଯାଇଛି। ସ୍ୱତନ୍ତ୍ର ଅଦାଲତ ସବୁ ତଥ୍ୟପ୍ରମାଣର ଅନୁଧ୍ୟାନ ନ କରି ତରବରିଆ ଭାବେ ରାୟ ଦେଇଥିବା ଏଥିରେ ଅଭିଯୋଗ କରାଯାଇଛି। ଜାନୁୟାରୀ ୯ରେ ହାଇକୋର୍ଟର ପୂର୍ଣ୍ଣ ଖଣ୍ଡପୀଠ ପିଟିଶନର ଶୁଣାଣି କରିବେ।

# ଆନ୍ଦୋଳନ ପରେ ଆନ୍ଧ୍ର ରାଜଧାନୀ ପରିବର୍ତ୍ତନ ନିଷ୍ପତ୍ତି ଅଟକିଲା

ହାଇଦ୍ରାବାଦ,୨୭।୧୨

ଆନ୍ଧ୍ରପ୍ରଦେଶ ରାଜଧାନୀ ଅମରାବତୀରୁ ବିଶାଖାପାଟଣା ସ୍ଥାନାନ୍ତର କରିବା ପାଇଁ ୱାଇଏସ୍‌ଆର୍ କଂଗ୍ରେସ ସରକାର ନିଷ୍ପତ୍ତି ନେଇଥିଲେ। ତେବେ ଏହାକୁ ସ୍ଥାନୀୟ କୃଷକମାନେ ଘୋର ବିରୋଧ କରିବାରୁ ରାଜଧାନୀ ପରିବର୍ତ୍ତନ ନିଷ୍ପତ୍ତିକୁ ସ୍ଥଗିତ ରଖିବା ଲାଗି ସରକାର ବାଧ ହୋଇଛନ୍ତି। ନିଷ୍ପତ୍ତି କାର୍ଯ୍ୟକାରୀ କରିବାରେ ଉଠିଥିବା ବିଭିନ୍ନ ପ୍ରସଙ୍ଗର ଅନୁଧ୍ୟାନ ଲାଗି ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିବାକୁ ରାଜ୍ୟ କ୍ୟାବିନେଟ ଶୁକ୍ରବାର ନିଷ୍ପତ୍ତି ନେଇଛି। ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଜି.ଏନ୍. ରାଓଙ୍କ ଅଧକ୍ଷତାରେ ବିଶେଷଜ୍ଞ କମିଟି ଆନ୍ଧ୍ରପ୍ରଦେଶ ପାଇଁ ୩ଟି ରାଜଧାନୀ ସୁପାରିସ କରିଥିଲେ। ବିଶାଖାପାଟଣାରେ କାର୍ଯ୍ୟପାଳିକା ରାଜଧାନୀ, ଅମରାବତୀରେ ବ୍ୟବସ୍ଥାପକ ରାଜଧାନୀ ଓ କୁର୍ନୁଲରେ ନ୍ୟାୟପାଳିକା ରାତଧାନୀ କରିବା ପାଇଁ କମିଟି ଦେଇଥିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଥିଲା।


## CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ମହଶ୍ୱେରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କେଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ (2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact 9716825082

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କେଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now 9453480851

ASTROLOGY ASTROLOGY

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କେଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka- 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

DHARITRI Career appointment Every Wednesday and Saturday

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday



୧୨-ଯଦି ଆମେ ସତ୍ ଜୀବନ ଯାପନ କରିବାକୁ ଚାହିଁବା, ଆମକୁ ମନ ଭିତରେ ଅଳସୁଆମୀକୁ ତ୍ୟାଗ କରି କିଛି ଭଲ ଚିନ୍ତା କରିବାକୁ ପଡ଼ିବ। ତା'ହେଲେ ଆମର ଜୀବନ ଧାରା ସରଳ ହୋଇଯିବ।

- ମହାତ୍ମାଗାନ୍ଧୀ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ନିଖିଳ ଭାରତ ଓଡ଼ିଆ ଅଧାପକ ସମ୍ମେଳନ ବାର୍ଷିକୋତ୍ସବ, ଓଲ୍ଡ ଆର୍ଟସ୍ ବ୍ଲକ, ବିଜେବି କଲେଜ, ପୂର୍ବାହ୍ନ ୧୦ଟା।
- ଉତ୍କଳୀୟମ୍ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ପ୍ରଥମ ରାଜ୍ୟସ୍ତରୀୟ ସଭା ଓ ଭକ୍ତଚରଣ ପ୍ରତିଭା ସମ୍ମାନ, ବୁଦ୍ଧ ମନ୍ଦିର, ୟୁନିଟ-୩, ପୂର୍ବାହ୍ନ ୧୦ଟା।
- ମାଟିଭାଷାର ୩ୟ ସ୍ୱନକ୍ଷତ୍ର ଉତ୍ସବ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା।
- ଇଣ୍ଡିଆନ ଶକ୍ତି କଂଗ୍ରେସ, ସୋଆ ଓ ନିଷ୍ଟ କଲେଜର ମିଳିତ ଆନୁକୂଲ୍ୟରେ ଦିନିକିଆ କର୍ମଶାଳା, ବନ୍ସୁରୀ ଗୁରୁ ଅଡିଟୋରିୟମ, ଆଇଟିଇଆର୍, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ୮ମ ବାର୍ଷିକ ପ୍ରତିଷ୍ଠା ଦିବସ, ରେଡ୍କ୍ରସ ଭବନ, ପୂର୍ବାହ୍ନ ୧୦ଟା ୩୦।
- ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ଅନ୍ତର୍ଜାତୀୟ ସମ୍ମିଳନୀ, ମେ ଫେୟାର ଲାଗୁନ, ପୂର୍ବାହ୍ନ ୧୦ଟା ୩୦।
- ଅନ୍ତର୍ଜାତୀୟ ଓଡ଼ିଶୀ ଡ୍ୟାନ୍ସ ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୯ଟା ୩୦।
- ମା' ଭଗବତୀ ବିକାଶ ପରିଷଦର ତ୍ରୟୋଦଶତମ ବାର୍ଷିକ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ସୂର୍ଯ୍ୟ ପର୍ଫର୍ମାନ୍ସ ଲାବ୍ ପକ୍ଷରୁ 'ଓଡ଼ିଶା ବାଇନେଲ', କଳା ଭୂମି, ଓଡ଼ିଶା କ୍ରାଫ୍ଟସ୍ ମ୍ୟୁଜିୟମ, ପୂର୍ବାହ୍ନ ୧୧ଟା।
- ୩ଜି ଆର୍ଟିଷ୍ଟ ଗ୍ରୁପ ପକ୍ଷରୁ ଅନ୍ତର୍ଜାତୀୟ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା।
- ସନ୍ରାଇଜ ପବ୍ଲିକ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ, ଦୁର୍ଗା ମଣ୍ଡପ, ରୁଚିକା ମାର୍କେଟ, ବରମୁଣ୍ଡା, ଅପରାହ୍ନ ୪ଟା ୩୦।
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ 'ପ୍ରତିଭା ସଙ୍ଗମ', ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିର, ନୀଳାଦ୍ରି ବିହାର, ସନ୍ଧ୍ୟା ୬ଟା।
- ଶିକନ୍ଦର ଆଲମ ଫାଉଣ୍ଡେଶନ ପକ୍ଷରୁ 'ଶାମ ଏ ଗଜଲ୍', ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**କଟକ**

- ଭୁବନେଶ୍ୱର-କଟକ କମିଶନରେଟ ପୋଲିସ ପକ୍ଷରୁ ମିନି ମାରାଥନ, ରିଜର୍ଭ ପୋଲିସ ପଡ଼ିଆ, ବକ୍ସିବଜାର, ସକାଳ ୬ଟା ୩୦।
- ସେଣ୍ଟ ଜାଭିୟର୍ସ ଗ୍ରୁପ ଅଫ୍ ସ୍କୁଲ ପକ୍ଷରୁ କ୍ରୀଡ଼ା ମହୋତ୍ସବ 'ଇନସ୍ପମ୍', ସତ୍ୟବ୍ରତ ଷ୍ଟାଡିୟମ, ସକାଳ ୭ଟା ୩୦।
- କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ପୂଣ୍ୟାତ୍ମା ପ୍ୟାରୀମୋହନ ଆଚାର୍ଯ୍ୟ ଓ ଭକ୍ତକବି ମଧୁସୂଦନ ରାଓଙ୍କ ଶ୍ରାଦ୍ଧ ପାଳନ, ପ୍ୟାରୀମୋହନ ଉଚ୍ଚ ବିଦ୍ୟାଳୟ, ଦରଘାବଜାର, ସକାଳ ୯ଟା।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ୩୮ତମ ରାଜ୍ୟସ୍ତରୀୟ ଶିଶୁ ଉତ୍ସବର ଦ୍ୱିତୀୟ ଦିନ, ଶହୀଦ ଭବନ, ଅପରାହ୍ନ ୫ଟା ୩୦।
- ଶିଳ୍ପୀ କୃଷ୍ଣଚନ୍ଦ୍ର ରଥଙ୍କର ୯୮ତମ ଜୟନ୍ତୀ, କୃଷ୍ଣ ଚିତ୍ରାଳୟ ଉପର ମହଲା, ହରିପୁର ରୋଡ୍, ଅପରାହ୍ନ ୫ଟା ୩୦।
- ଶ୍ରଦ୍ଧା ସବୁରି ସେବକ ସଂଘ ପକ୍ଷରୁ ସପ୍ତମ ସାଇ ଭଜନ ସନ୍ଧ୍ୟା, ହାରାମଣୀ ମଣ୍ଡପ, ଶିଖରପୁର, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ଉତ୍କଳ ଶିକ୍ଷା ବିକାଶ ପରିଷଦ ଆନୁକୂଲ୍ୟରେ ଶିକ୍ଷକ ପ୍ରଶିକ୍ଷଣ ଶିବିର, ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ନହରକଣ୍ଟା, ପୂର୍ବାହ୍ନ ୧୦ଟା ୩୦।

## ନାବାଳିକାଙ୍କୁ ଅପହରଣ

**ପୁରୀ ଅଫିସ, ୨୭।୧୨:** ଚନ୍ଦନପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ମା' ଓ ନାବାଳିକା କୌଣସି କାମରେ ଚନ୍ଦନପୁର ବଜାରକୁ ଆସିଥିଲେ। ଏହି ସମୟରେ ଜଣେ ଯୁବକ ଏକ ବାଇକରେ ଆସି ତାଙ୍କ ନିକଟରେ ପହଞ୍ଚି ଝିଅକୁ ନେଇ ଫେରାର ହୋଇଯାଇଥିଲେ ବୋଲି ଅଭିଯୋଗରେ ମା' ଉଲ୍ଲେଖ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଗୁରୁବାର କାକଟପୁର ଅଞ୍ଚଳରେ ଥିବା ଆଶ୍ରମର ଜଣେ ଅନ୍ତେବାସୀ ମହିଳାଙ୍କୁ ବଳାତ୍କାର ଉଦ୍ୟମ ନେଇ ଥାନାରେ ଅଭିଯୋଗ ହୋଇଛି। ଡିସେମ୍ବର ୨ରେ ପୋଲିସ କ୍ୱାର୍ଟର୍ସରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିଲା। ସେହିପରି ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ନିକଟ ବସଷ୍ଟାଣ୍ଡରେ ଥିବା ଏକ ଘରୋଇ ବସରେ ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାକୁ ନେଇ ଚର୍ଚ୍ଚାରେ ରହିଥିଲା ପୁରୀ।

## ଜାନୁୟାରୀ ୪ରୁ ଶିଶିର ସରସ ମେଳା

# ଯୋଗଦେବେ ୨୫ ରାଜ୍ୟର କାରିଗର

ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)

ଗ୍ରାମୀଣ ଉତ୍ପାଦକମାନଙ୍କ ସାମଗ୍ରୀକୁ ବିପଣନ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ଜାନୁୟାରୀ ୪ରୁ ଇଡ୍କୋ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହେବ ଶିଶିର ସରସ ମେଳା। ରାଜ୍ୟ ସରକାରଙ୍କ

**୩୦୦ ଷ୍ଟଲ୍‌ରେ ମିଳିବ ଗ୍ରାମୀଣ ଉତ୍ପାଦକଙ୍କ ସାମଗ୍ରୀ**





ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ ମେଳା ସମ୍ପର୍କରେ ସୂଚନା ଦେଉଛନ୍ତି।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓର୍ମାସ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ଜାତୀୟସ୍ତରୀୟ ମେଳାରେ ଓଡ଼ିଶା ସମେତ ୨୫ ରାଜ୍ୟର କାରିଗର ଅଂଶଗ୍ରହଣ କରିବେ। ମୋଟ ୩୦୦ ଷ୍ଟଲ୍‌ରେ ଚଳିତବର୍ଷ ଏକ ମିନି ଇଣ୍ଡିଆ ବଜାର ସୃଷ୍ଟି କରାଯିବ। ଉତ୍ତର-ପୂର୍ବ ରାଜ୍ୟର ବାଉଁଶ ଶିଳ୍ପ, ଘରସଜା ସାମଗ୍ରୀ, ଶୀତ ପୋଷାକ, ଉତ୍ତର ପ୍ରଦେଶର ହସ୍ତତନ୍ତ, ସିଲ୍କ ଏବଂ ରଟ୍ ଆଇରନ ସାମଗ୍ରୀ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ର ଟସର କପଡ଼ା ଓ ଲୁଗା, ରାଜସ୍ଥାନ, ଗୁଜରାଟ ଏବଂ ମହାରାଷ୍ଟ୍ରର ଖାଦ୍ୟ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁର ହସ୍ତତନ୍ତ ଓ ଘରକରଣା ସାମଗ୍ରୀ, ପଞ୍ଜାବର ଫୁଲକରୀ ପୋଷାକ ସହିତ ଜମ୍ମୁ ଓ କଶ୍ମୀରର ଶୀତ ପୋଷାକ ମେଳାର ପ୍ରମୁଖ ଆକର୍ଷଣ ରହିବ।

ସେହିଭଳି ଓଡ଼ିଶାର ୩୦ ଜିଲାରୁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ମେଳାରେ ସାମିଲ ହେବେ। ଟେରାକୋଟା ସାମଗ୍ରୀ, ବିଭିନ୍ନ ପ୍ରକାର ମସଲା, ହସ୍ତତନ୍ତ ସାମଗ୍ରୀ, ଜଙ୍ଗଲଜାତ ଦ୍ରବ୍ୟ, କାଇଁଚରୁ ପ୍ରସ୍ତୁତ ସାମଗ୍ରୀ ଏବଂ ସବାଇ ଘାସରୁ ପ୍ରସ୍ତୁତ ଘରକରଣା ସାମଗ୍ରୀ ମେଳାରେ ଉପଲବ୍ଧ ହେବ। ଶୁକ୍ରବାର ଏସ୍‌ପିଆର୍‌ସି ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଏହି ସୂଚନା ଦେଇଛନ୍ତି। ଚଳିତବର୍ଷ ମେଳା ପରିସରକୁ ପରିଷ୍କାର ରଖିବା ସହ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାସହ ପାନୀୟ ଜଳ ସୁବିଧା, କଡ଼ା ସୁରକ୍ଷା ବ୍ୟବସ୍ଥା, ଆଲୋକ ସୁବିଧା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ଉପଲବ୍ଧ କରାଯାଇଛି। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ୧୨ ଷ୍ଟଲକୁ ନେଇ ସ୍ୱତନ୍ତ୍ର ଫୁଡ୍‌କୋର୍ଟ କରାଯାଇଛି। ବିହାର, ଗୁଜରାଟ, ମହାରାଷ୍ଟ୍ର, ତେଲଙ୍ଗାନା, ଛତିଶଗଡ଼, ଝାଡ଼ଖଣ୍ଡ, ହରିୟାଣା ଓ କେରଳର ଖାଦ୍ୟ ସହ ଗ୍ରାହକ ଏଠାରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ଖାଇପାରିବେ। ବାରିପଦା ମୁଢ଼ିମାଂସ, କେନ୍ଦ୍ରାପଡ଼ା ରସାବଳି, ପାରମ୍ପରିକ ଓଡ଼ିଆ ପିଠା ଓ ମିଲେଟ ମିଶନ ଦ୍ୱାରା ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଫୁଡ୍‌ଷ୍ଟଲ୍‌ରେ ବିକ୍ରି ହେବ। ବ୍ୟବସାୟୀମାନେ ଗ୍ରାହକଙ୍କଠାରୁ ଯେପରି ଉଚିତ୍ ଦର ନେବେ ତାହା ଉପରେ ଚଳିତବର୍ଷ କର୍ତ୍ତୃପକ୍ଷ ନଜର ରଖିବେ ବୋଲି ମନ୍ତ୍ରୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ଓର୍ମାସର ସିଇଓ ଏସ୍.ଆର. ପ୍ରଧାନ, ଯୁଗ୍ମ ସଚିବ ସ୍ୱୟଂପ୍ରଭା ମହାନ୍ତି ଉପସ୍ଥିତ ଥିବାବେଳେ ମନ୍ତ୍ରୀ ଜେନା ନୂତନ ଡାଏରୀ ଓ କ୍ୟାଲେଣ୍ଡର ଉନ୍ମୋଚନ କରିଥିଲେ।



ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାର ଉଦ୍‌ଯାପନ ଅବସରରେ ଅତିଥିମାନେ ଜଣେ ମହିଳାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଏଥର ୨୨ କୋଟିର ବ୍ୟବସାୟ

ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)

**ସରିଲା ତୋଷାଳି**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜନତା ମଇଦାନଠାରେ ଚାଲିଥିବା ଚତୁର୍ଦ୍ଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ଅତିଥିଭାବେ ଯୋଗଦେଇ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବୟନଶିଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ, ବିଭାଗୀୟ ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟି, ବିଭାଗୀୟ ଯୁଗ୍ମ ସଚିବ ଅଞ୍ଜନା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। 'ସହାୟ' ଏବଂ 'ସ୍ୱାଭିମାନ' ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। 'ସହାୟ' ପକ୍ଷରୁ ଦିବ୍ୟାଙ୍ଗ ପିଲାମାନେ ଫ୍ୟୁଜନରେ 'ଦଶାବତାର' ନୃତ୍ୟ ପରିବେଷଣ କରିଥିଲେ। ସେହିଭଳି ଦୃଷ୍ଟିବାଧିତ ଗୋପାଳ ସାହୁ ନିଜ ହୃଦୟସ୍ପର୍ଶୀ କଣ୍ଠରେ 'ତେରି ମେରି କାହାନୀ...' ଓ 'ସୁନୋନା...' ଗୀତ ପରିବେଷଣ କରିବା ପରେ ସମ୍ବଲପୁରୀ ନୃତ୍ୟ ରଙ୍ଗବତୀ ପରିବେଷଣ କରାଯାଇଥିଲା। ପରେ ପରେ ଅସିତ ମହାପାତ୍ର ଓ ମୋହିତ ମହାପାତ୍ର ତବ୍‌ଲା ଓ ବଂଶୀବାଦନ କରିଥିଲେ। ସାର୍ଥକ ଦ୍ୱିବେଦୀଙ୍କ କ୍ୟାସିଓ ବାଦନ ପରେ ପରିବେଷିତ ଶାସ୍ତ୍ରୀୟ ନୃତ୍ୟ ଅନ୍ୟତମ ଆକର୍ଷଣ ସାଜିଥିଲା। ସେହିଭଳି ମିଥିଲେଶ ପଟ୍ଟନାୟକ ଓ ଶକ୍ତିସ୍ୱରୂପ ବୀର ପ୍ରଥମେ ଏକକ ଓ ପରେ ଡୁଏଟ୍ ଗାନ କରିଥିଲେ। ଦୀର୍ଘ ୧୩ ଦିନ ବ୍ୟାପୀ ଚାଲିଥିବା ଚତୁର୍ଦ୍ଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାରେ ଚଳିତବର୍ଷ ୧୦ କୋଟି ୫୪ ଲକ୍ଷ ୬୩ ହଜାର ଟଙ୍କାର ହସ୍ତଶିଳ୍ପ ବିକ୍ରିବଟା ହୋଇଥିବାବେଳେ ୮ କୋଟି ୨୨ ଲକ୍ଷ ୧୦ ହଜାର ଟଙ୍କାର ହସ୍ତତନ୍ତ ବିକ୍ରିହୋଇଛି। ସେହିଭଳି ଫୁଡ୍‌କୋର୍ଟରେ ମୋଟ ୩ କୋଟି ୧୪ ଲକ୍ଷ ୭୬ ହଜାର ଟଙ୍କାର ବ୍ୟବସାୟ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

## ଶିଶୁକନ୍ୟାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ବାଙ୍କୀ, ୨୭।୧୨(ସ୍ୱ.ପ୍ର.):** ବାଙ୍କୀ ଥାନା ଅଞ୍ଚଳର ଜଣେ ୫ବର୍ଷର ଶିଶୁ କନ୍ୟା ବଳାତ୍କାରର ଶିକାର ହୋଇଛନ୍ତି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ସୁବର୍ଣ୍ଣପୁର ଗ୍ରାମର ଦୀପକ ଦେହୁରୀ (୨୨)ଙ୍କୁ ଗିରଫ କରିଛି। ଗୁରୁବାର ଦିନ ୧୧ଟାରେ ଶିଶୁକନ୍ୟାର ମା'ଙ୍କ ଦେହ ଅସୁସ୍ଥ ଥିବାରୁ ସେ ଶୋଇ ପଡ଼ିଥିଲେ। ବାପା ଗାଧୋଇବାକୁ ଯାଇଥିଲେ। ଶିଶୁକନ୍ୟା ଘର ନିକଟରେ ବୁଲୁଥିବାବେଳେ ଦୀପକ ତାଙ୍କୁ ପ୍ରଲୋଭିତ କରି ଏକ କୋଠ ଘରକୁ ନେଇ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ଜାଣିବା ପରେ ପୀଡିତା ଶିଶୁଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା ନଂ-୩୬୮/୧୯ ରୁଜୁ ହୋଇଥିଲା। ଡାକ୍ତରୀ ମାଇନା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ଜ୍ୟୋତି



ବାପି



ମାନସ



ସୂର୍ଯ୍ୟ



ପ୍ରିତି



ପ୍ରିୟରଞ୍ଜନ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ

www.dharitri.com/category/selfie/

# ଜାନୁୟାରୀରୁ ଭର୍ଚୁଆଲ୍ ଟ୍ୟୁଟୋରିଆଲ୍ ପ୍ରୋଜେକ୍ଟ

ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)

ଉପାନ୍ତ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ଯୋଗାଇଦେବା ଲକ୍ଷ୍ୟ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହୋଇଥିଲା ଭର୍ଚୁଆଲ୍ ଟ୍ୟୁଟୋରିଆଲ୍ ପ୍ରୋଜେକ୍ଟ। ଏହି ପରିପ୍ରେକ୍ଷୀରେ ରାଜ୍ୟର ୫ ବିଶ୍ୱବିଦ୍ୟାଳୟର ୫ହଜାର ଛାତ୍ରୀଛାତ୍ରଙ୍କୁ ଆକାଶଟ୍ୟାବ୍ ବଣ୍ଟନ କରାଯିବାର ଯୋଜନା ଥିଲା। ହେଲେ ଏବେ ଆକାଶ୍‌ଟ୍ୟାବ୍ ବଦଳରେ ୧୬ ଜିବି ବିଶିଷ୍ଟ ପେନ୍‌ଡ୍ରାଇଭ୍ କିମ୍ବା ମେମୋରି ଚିପ୍‌ରେ ଛାତ୍ରୀଛାତ୍ରଙ୍କୁ ପାଠ୍ୟକ୍ରମ ଯୋଗାଇଦେବାକୁ ସ୍ଥିର ହୋଇଛି। ଏଥିପାଇଁ ମନିଟରିଂ କମିଟି ଗଠନ କରାଯାଇଛି। ଉଚ୍ଚ ଶିକ୍ଷା ସଚିବ ଶାଶ୍ୱତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଡିଡିସିଇ ନିର୍ଦ୍ଦେଶକ ଆବାହକ ଅଛନ୍ତି। ଏଥିରେ ସଦସ୍ୟ ଭାବେ ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ଉପାଧ୍ୟକ୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି, ଉଚ୍ଚ ଶିକ୍ଷା ଅତିରିକ୍ତ ସଚିବ, ପର୍ଫର୍ମାନ୍ସ ଟ୍ରାକିଂ ସେଲ୍‌ର ଭାରପ୍ରାପ୍ତ ଅଧିକାରୀ, ଉତ୍କଳ ବିଶ୍ୱ ବିଦ୍ୟାଳୟର ବିତ୍ତ ନିୟନ୍ତ୍ରକ, ଉତ୍କଳ ବିଶ୍ୱ ବିଦ୍ୟାଳୟ, ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁସା) ସଂଯୋଜକ ପ୍ରମୁଖ ସଦସ୍ୟ ରହିବେ। ଏହି ପ୍ରକଳ୍ପ ପାଇଁ ୫କୋଟି ଟଙ୍କା ଅନୁମୋଦନ ହୋଇଥିବାବେଳେ ଏ ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟକୁ ୩ କୋଟି ୭୫ ଲକ୍ଷ ଅନୁଦାନ ମିଳିଛି। ତେବେ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧.୪୭ କୋଟି ଟଙ୍କା ବିନିଯୋଗ ପ୍ରମାଣପତ୍ର ଦିଆଯାଇଥିବା ବେଳେ ଅବଶିଷ୍ଟ ଟଙ୍କାର ବିନିଯୋଗ ପ୍ରମାଣପତ୍ର ୭ ଦିନ ମଧ୍ୟରେ ଉଚ୍ଚ ଶିକ୍ଷା ବିଭାଗ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ୨୦୨୦ ଜାନୁୟାରୀରୁ ସ୍ମାର୍ଟ-କ୍ଲାସ୍ ଥିବା ୧୦୧ଟି କଲେଜରେ ଭର୍ଚୁଆଲ୍ କ୍ଲାସ୍ ଆରମ୍ଭ ହେବ। ପ୍ରତି ବିଭାଗ ଓ ପ୍ରତି ସେମିଷ୍ଟରର ପାଠ୍ୟଖସଡ଼ା ଛାତ୍ରୀଛାତ୍ରଙ୍କୁ ପଢ଼ାଯିବ। ଗତ ୨୦ ତାରିଖରେ ଡିଡିସିଇ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ହୋଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ଆଜି ଉଚ୍ଚ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ରାଜଶ୍ରୀ ମହାନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ଚିଠି ଲେଖିଛନ୍ତି।

## ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ-୨୦୧୯

# ଯୁଗଳବନ୍ଦୀ ସାଜିଲା ଆକର୍ଷଣ

ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ-୨୦୧୯ର ଶୁକ୍ରବାର ଥିଲା ୨ୟ ସନ୍ଧ୍ୟା। ଗୁରୁ କସ୍ତୁରୀ ପଟ୍ଟନାୟକଙ୍କ ବରିଷ୍ଠ ଶିଷ୍ୟା ଅନିତା ରାଉତ ଓ ରଶ୍ମିତା ପ୍ରଧାନଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ 'ଜନସମୋହିନୀ ପଲ୍ଲବୀ' ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା। ବୈଷୟିକ ସୂକ୍ଷ୍ମତା ଓ ନିଚ୍ଛକ ଅଙ୍ଗଭଙ୍ଗୀ ସହ ଉଭୟ ସ୍ୱର ଓ ତାଳର ଉପଯୁକ୍ତ ସମନ୍ୱୟ ଦର୍ଶକଙ୍କୁ ଅଭିଭୂତ କରିଥିଲା। ଶିଳ୍ପୀଙ୍କୁ ମର୍ଦ୍ଦଳରେ ସୌମ୍ୟରଞ୍ଜନ ନାୟକ, ଭାଓଲିନ୍‌ରେ ସୁରମଣି ଗୁରୁ ରମେଶ ଚନ୍ଦ୍ର ଦାସ ଓ ତରୁଣ ପାଲ, ସୀତାରରେ ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ ଓ କଣ୍ଠସଙ୍ଗୀତରେ କ୍ଷୀତିପ୍ରକାଶ ମହାପାତ୍ର ସହଯୋଗ କରିଥିଲେ। ପଲ୍ଲବୀର ନୃତ୍ୟ ଓ ସଙ୍ଗୀତ ରାଗ ଜନସମୋହିନୀ ଓ ତାଳ ଜାତି ଉପରେ ପର୍ଯ୍ୟବସିତ ଥିଲା। ଏହାର ନୃତ୍ୟ ସଂରଚନା ଗୁରୁ କସ୍ତୁରୀ ପଟ୍ଟନାୟକ କରିଥିଲେ।



ଦୁଇ ନୃତ୍ୟଶିଳ୍ପୀ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ଫଟୋରେ ଖବର





ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ସମର୍ଥନ ଓ ନ୍ୟାଶନାଲ ରେଜିଷ୍ଟର ଅଫ୍ ସିଟିଜେନ୍ସ (ଏନ୍‌ଆର୍‌ସି) ଲାଗୁ ଦାବି ନେଇ ବଜରଙ୍ଗ ଦଳ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।





ସରକାରୀ ଚାକିରି ମାନ୍ୟତା, ମାସିକ ୨୦ହଜାର ଟଙ୍କା ଦରମା ଆଦି ଦାବିରେ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା-ସହାୟିକା ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ଶୋଭାଯାତ୍ରା।



ମାୟାରୁ ମମତା ସୃଷ୍ଟି। ମାୟା ବନ୍ଧନୀ ଛିନ୍ନ କରିଥିବା ସାଧୁମାନଙ୍କ ମନ ଭିତରେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କିଛି ପ୍ରତି ମାୟା ବା ମମତା ନ ଥାଏ।

- କୌଟିଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ମହିଳାଙ୍କୁ ମାଡ଼ମାରି ଯୁବତୀ ଗିରଫ

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ):** ଖାରବେଳନଗର ଥାନା ଅଞ୍ଚଳରେ ଜଣେ ମହିଳା ଦୋକାନୀଙ୍କୁ ଗାଳିଗୁଲଜ ସହ ମାଡ ମାରିଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଉର୍ମିଳା ପଟ୍ଟନାୟକ(୨୦)ଙ୍କୁ ଗିରଫ କରିଛି। ତାଙ୍କ ଘର ଜଗତ୍‌ସିଂହପୁର ଜିଲା ତେଣ୍ଡାକୁଡା ଅଞ୍ଚଳରେ ହୋଇଥିବାବେଳେ ସେ ନିକୋପାର୍କ ବସ୍ତି ଅଞ୍ଚଳରେ ରୁହନ୍ତି। ୟୁନିଟ ୯ ଅଞ୍ଚଳରେ ଓମ୍‌ଫେଡ୍ ଦୋକାନ କରିଥିବା ମଞ୍ଜୁଲତା ଜେନାଙ୍କ ସହ ତାଙ୍କର ଟଙ୍କା ଦେଣନେଣକୁ ନେଇ ବିବାଦ ରହିଥିଲା। ଶୁକ୍ରବାର ସକାଳେ ମଞ୍ଜୁଲତାଙ୍କ ଦୋକାନ ନିକଟରେ ଉର୍ମିଳା ପହଞ୍ଚି ୧୦ ହଜାର ଟଙ୍କା ଦେବାକୁ ଜିଦ୍ କରିଥିଲେ। ମଞ୍ଜୁଲତା ଟଙ୍କା ନ ଦେବାରୁ ସେ ତାଙ୍କୁ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରଥିଲେ। ଏଥିସହ ଦୋକାନରୁ ଜିନିଷପତ୍ର ଫିଙ୍ଗିବା ସହ ମଞ୍ଜୁଲତାଙ୍କୁ ମାଡ ମାରିଥିଲେ ଉର୍ମିଳା। ଅଭିଯୋଗ ପରେ ପୋଲିସ ୩୫୭/୧୯ରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଥିଲା।

### ୨ବର୍ଷ ପରେ ଲୁଟ୍ ଅଭିଯୁକ୍ତ ଜେଲ୍ ଗଲେ

**ଭୁବନେଶ୍ୱର, ୨୭।୧୨(ବ୍ୟୁରୋ):** ଖାରବେଳନଗର ଥାନା ଅଞ୍ଚଳରେ ଛିନତାଇ ଓ ଲୁଟପାଟ ମାମଲାରେ ଫେରାର ଅଭିଯୁକ୍ତଙ୍କୁ ୨ ବର୍ଷ ପରେ ପୋଲିସ ଗିରଫ କରିଛି। ସେ ହେଲେ ଖାରବେଳନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତି ଅଞ୍ଚଳରେ ଶେଖ ହନନ୍ (୨୯)। ସୂଚନା ମୁତାବକ ଅଭିଯୁକ୍ତ ହନନ୍‌ଙ୍କ ନାମରେ ଖାରବେଳନଗର ଥାନାରେ ପଥଚାରୀ ଏବଂ ବାଇକ୍ ଚାଳକଙ୍କଠାରୁ ଛିନତାଇ ସହ ଲୁଟପାଟ କରୁଥିବାନେଇ ଅଭିଯୋଗ ରହିଥିଲା। ମାତ୍ର ୨୦୧୭ରୁ ଅଭିଯୁକ୍ତ ହନନ୍ ପୋଲିସକୁ ଚକ୍‌ମା ଦେଇ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ କୋର୍ଟ ପକ୍ଷରୁ ଅଭିଯୁକ୍ତ ହନନ୍‌ଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ଶୁକ୍ରବାର ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଭୁବନେଶ୍ୱର ରେଲୱେ ଷ୍ଟେଶନ ପାଖରୁ ତାଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ମୁଗଚାଷ କ୍ଷେତ୍ର ପରିଦର୍ଶନ

**ବାଲିଅନ୍ତା,୨୭।୧୨(ଡି.ଏନ୍.ଏ.):** ଜାତୀୟ ଖାଦ୍ୟ ନିରାପତ୍ତା ମିଶନ୍ ଯୋଜନା ଅଧୀନ ଏକ ଚକିଆ ମୁଗ ଚାଷର କ୍ଷେତ୍ର ପରିଦର୍ଶନ ଶୁକ୍ରବାର ବାଲିଅନ୍ତା ବ୍ଲକର ବେଣ୍ଟପୁରସ୍ଥିତ ଖଲା ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷୀଙ୍କୁ ମୁଗ ବିହନ ବଣ୍ଟନର ଶୁଭାରମ୍ଭ କରିଥିଲେ। ବାଲିଅନ୍ତା ବ୍ଲକରେ ଧାନ ବ୍ୟତୀତ ମୁଗ ଉତ୍ପାଦନ ହେକ୍ଟର ପିଛା ୧୦ କୁଇଣ୍ଟାଲକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଥିବା ସହକାରୀ କୃଷି ଅଧିକାରୀ ମନୋରଞ୍ଜନ ରାଉଳ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଭାବେ ଭୁବନେଶ୍ୱର ଜିଲା କୃଷି ଅଧିକାରୀ ଦୁର୍ଯ୍ୟୋଧନ ପତଙ୍ଗ, ସରପଞ୍ଚ ମୁରଲୀଧର ସାହୁ ଓ ସମିତିସଭ୍ୟ ତ୍ରୈଲୋକ୍ୟ ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବେଣ୍ଟପୁର ପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

### ଜାତୀୟ ସେବା ଶିବିର ଉଦ୍‌ଯାପିତ

**ବାଲିଅନ୍ତା,୨୭।୧୨(ଡି.ଏନ୍.ଏ.):** ବାଲିଅନ୍ତାସ୍ଥିତ ଜବାହରଲାଲ୍ ନେହେରୁ ଉଚ୍ଚ ମାଧମିକ ବିଦ୍ୟାଳୟରେ ଗତ ୭ଦିନ ହେବ ଚାଲିଥିବା ଜାତୀୟ ସେବା ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି । ବାଳିକା ବିଭାଗରେ ଆୟୋଜିତ ଏହି ଶିବିରରେ ୪୦ଜଣ ପ୍ରଶିକ୍ଷାର୍ଥୀ ଭାଗନେଇଥିଲେ। ବିଭିନ୍ନ ସେବା ମୂଳକ ଓ ପରିବେଶ ସଚେତନତା ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ଅଧକ୍ଷ ଯତୀନ୍ଦ୍ର କୁମାର ସ୍ୱାଇଁ, ଅଧାପିକା ମମତା ସାହୁ, ସ୍ନେହଲତା ସାହୁ, ପୀତାମ୍ବର ପାତ୍ର, ମଧୁସ୍ମିତା ନାୟକ, ରଶ୍ମି ରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଶିବିରାର୍ଥୀଙ୍କୁ ଉତ୍ସାହିତ କରିବା ସହ ମାନପତ୍ର ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମ ଅଧିକାରୀ ଜୟନ୍ତୀବାଳା ମହାନ୍ତି ପରିଚାଳନା କରିଥିଲେ ।

**ଶ୍ରୀଲିଙ୍ଗରାଜ ମନ୍ଦିର ପରିସର ଉଚ୍ଛେଦ**

# ମାଟିରେ ମିଶିଲା ବ୍ୟାଖ୍ୟାନ କେନ୍ଦ୍ର

**ପୁରୁଣା ଭୁବନେଶ୍ୱର, ୨୭।୧୨ (ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ଏକାମ୍ର ଶ୍ରୀଲିଙ୍ଗରାଜ କ୍ଷେତ୍ରର ବିକାଶ ନେଇ ବିଭିନ୍ନ ଯୋଜନା କରୁଛନ୍ତି। କେତେକ କ୍ଷେତ୍ରରେ ନୀତି ନିୟମକୁ ଅଣଦେଖା କରାଯାଇ ସାଧାରଣ ଟିକସଦାତାଙ୍କ ଅର୍ଥ ଅପବ୍ୟୟ କାରଣରୁ ନିର୍ଦ୍ଦିଷ୍ଟ ସଚିବସ୍ତରୀୟ ଅଫିସରଙ୍କୁ ଯୋଜନା କାର୍ଯ୍ୟକାରିତାର ଦାୟିତ୍ୱ ଦେଇଛନ୍ତି। ୨୦୦୬ରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିନ୍ଦୁସାଗର ନିକଟରେ ଉନ୍ନତମାନର ପରିବେଶ ସୃଷ୍ଟି କରାଯିବା ସହ ଐତିହ୍ୟକୁ ଗୁରୁତ୍ୱ ଦେଇ ୨୦୦୯ରେ ଏଠାରେ ଏକ ଔଷଧୀୟ ବଗିଚା ଲୋକାର୍ପଣ କରାଯାଇଥିଲା। ୨୪୦ରୁ ଉର୍ଦ୍ଧ୍ୱ ଔଷଧୀୟ ବୃକ୍ଷକୁ ନେଇ ଏହି ବଗିଚାର ସୃଷ୍ଟି। ଏକାମ୍ର ଶ୍ରୀଲିଙ୍ଗରାଜ କ୍ଷେତ୍ରରେ ଚାଲିଥିବା ନିର୍ମାଣ ଓ ବିକାଶ କାର୍ଯ୍ୟ ଅନୁଧ୍ୟାନ ପାଇଁ ମୁଖ୍ୟମନ୍ତ୍ରୀ ନୂଆବର୍ଷ ପୂର୍ବରୁ କୌଣସି ଦିନ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ପର୍ଯ୍ୟଟନ ବିଭାଗର ଏକ ପାଖିଆ ନିଷ୍ପତ୍ତି କାରଣରୁ ଶୁକ୍ରବାର ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧୀନ ବ୍ୟାଖ୍ୟାନ କେନ୍ଦ୍ରଟି ମାଟିରେ ମିଶିଲା। ମାତ୍ର ଗୋଟିଏ ଦିନ ପୂର୍ବରୁ ଯାତ୍ରୀ ବିଶ୍ରାମସ୍ଥଳ ଲୁହା ଫ୍ରେମ ଓ ଫାଇବର ଚାଦର ଆଦିକୁ କଢାଯିବା ପରେ ଶୁକ୍ରବାର ସମ୍ମୁଖରୁ ନିର୍ମାଣାଧୀନ ବ୍ୟାଖ୍ୟାନ କେନ୍ଦ୍ରଟିକୁ ମିଳିତ ଉଚ୍ଛେଦ ଟିମ୍ ପକ୍ଷରୁ ଡୋଜର ସାହାଯ୍ୟରେ ଭଙ୍ଗାଯାଇଛି। ଏ ସମ୍ପର୍କରେ ପ୍ରଥମେ 'ଧରିତ୍ରୀ' ପକ୍ଷରୁ ତଥ୍ୟ ସମ୍ବଳିତ ବିଭାଗୀୟ ତ୍ରୁଟି ଖବର ପ୍ରକାଶ



ଲିଙ୍ଗରାଜ ମନ୍ଦିର ପରିସରରେ ଥିବା ବ୍ୟାଖ୍ୟାନ କେନ୍ଦ୍ରର ଉଚ୍ଛେଦ ପରର ଦୃଶ୍ୟ।

କରାଯାଇଥିଲା। ସଚିବସ୍ତରୀୟ ଅଫିସର ଚତୁଃପାର୍ଶ୍ୱରୁ ଉଚ୍ଛେଦ କରାଯିବା ନିଷ୍ପତ୍ତି ନେଲା ପରେ ମଧ ପର୍ଯ୍ୟଟନ ବିଭାଗ, ଓଟିଡ଼ିସି କର୍ତ୍ତୃପକ୍ଷ ଠିକାଦାର ପ୍ରୀତି ଏଡାଇ ନ ପାରି ଯେନତେନ ପ୍ରକାରେ ବ୍ୟାଖ୍ୟାନ କାର୍ଯ୍ୟ ସାରି ବିଲ୍ କରାଇବା ମସୁଧାରେ ରହିଥିଲେ। ସରକାରୀ ନିଷ୍ପତ୍ତି ଜାଣି ନ ଥିବା କହୁଥିଲେ। ଗଣମାଧମ ଓ ବୁଦ୍ଧିଜୀବୀ ମହଲରୁ ବାରମ୍ବାର ଏପରି ବିଭାଗୀୟ ତ୍ରୁଟି ନେଇ ଅବଗତ କରାଯିବାରୁ ଏହା ଉଚ୍ଛେଦ କରାଯାଇଛି। ସେହିପରି ଗୁରୁତ୍ୱପୂର୍ଣ୍ଣ ଭଜନ ମଣ୍ଡପ ଭଙ୍ଗାଯିବା ନେଇ ଉଚ୍ଚ ଅଧିକାରୀ ସ୍ଥିତି ପରଖି ଯାଇଛନ୍ତି। ଯେହେତୁ ପୂର୍ବରୁ ଏ ଜମି ଅଧିଗ୍ରହଣ ସରିଛି ଏବଂ ଏହା ସରକାରୀ ସମ୍ପତ୍ତି, ଏଣୁ କୌଣସି ବାଧକ ନ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ମାତ୍ର ଆସନ୍ତା ଫେବୃୟାରୀ ୨୧ରେ ଶିବରାତ୍ରି ଥିବାରୁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯାଇ ଏହା ଭାଙ୍ଗିବାକୁ ଅନୁରୋଧ କରାଯାଇଥିଲା। ଶୁକ୍ରବାର ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଭଜନ ମଣ୍ଡପ କର୍ମକର୍ତ୍ତା, ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଦସ୍ୟଙ୍କ ସହ ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା ଏଠାରେ ରହିଥିବା ମଣ୍ଡପ, ଲାଇବ୍ରେରୀ, ଅଫିସ୍ କାର୍ଯ୍ୟାଳୟ ଆଦି ଦେବୀ ପାଦହରା ପୁଷ୍କରିଣୀଠାରୁ ଅନତି ଦୂରରେ ବିକଳ୍ପ ସ୍ଥାନ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ।

### ସ୍ଥାନାନ୍ତର ପ୍ରସ୍ତୁତିରେ ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟ

ଶୁକ୍ରବାର ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ ନୂତନ ମାର୍କେଟ କମ୍ପ୍ଲେକ୍ସର ଯାତ୍ରୀ ନିବାସକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ଦିନତମାମ ଏଠାରୁ ଆସବାବପତ୍ର ସହ ପୁରାତନ ନଥି ଓ ଜରୁରୀ କାଗଜପତ୍ର ନୂତନ କାର୍ଯ୍ୟାଳୟକୁ ନେବା ବ୍ୟବସ୍ଥାରେ କର୍ମଚାରୀମାନେ ବ୍ୟସ୍ତ ରହିଥିଲେ। ଲିଙ୍ଗରାଜ ଥାନା ପରେ ଏହି ଗୋଟିଏ ସରକାରୀ କାର୍ଯ୍ୟାଳୟ ଉଚ୍ଛେଦ ଅପେକ୍ଷାରେ ରହିଛି।

### ପୂର୍ତ୍ତବିଭାଗ କାର୍ଯ୍ୟ ପୂର୍ବରୁ ମାଟି ତଳ କୀର୍ତ୍ତିରାଜି ଉଦ୍ଧାର ଦାବି

ଐତିହ୍ୟ ସ୍ଥଳର ଖନନ, ରକ୍ଷଣାବେକ୍ଷଣ କ୍ଷେତ୍ରରେ କୌଣସି ଅଭିଜ୍ଞତା ନ ଥିବା ତଥା ଏଥିରେ ପାରଦର୍ଶିତା ନ ଥାଇ ସାଧାରଣ କୋଠାବାଡ଼ି ରାସ୍ତାଘାଟ ନିର୍ମାଣ ପରି ଶ୍ରୀଲିଙ୍ଗରାଜ କ୍ଷେତ୍ରରେ ପୂର୍ତ୍ତବିଭାଗ କାର୍ଯ୍ୟଶୈଳୀ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦେବୀ ପାଦହରା ନିକଟରେ ଡୋଜର ସାହାର୍ଯ୍ୟରେ କମ୍ପନ ସୃଷ୍ଟି କାରୀ ଯନ୍ତ୍ର ବ୍ୟବହାର କରି ନିର୍ମାଣକାର୍ଯ୍ୟ କରାଯାଉଥିବା ଯୋଗୁ ଏହା ବିପଦ ସୃଷ୍ଟି କରୁଛି। ସେହିପରି ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟ ଉତ୍ତରପାର୍ଶ୍ୱ ଗୋପାଳତୀର୍ଥ ମଠ ନିକଟ, ଶୁଆଶାରୀ ମନ୍ଦିର, କୃଷ୍ଣଚନ୍ଦ୍ର ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପରିସର ଓ କୋରାପୁଟ ଭବନ ଉଭୟପାର୍ଶ୍ୱରେ ହୋଇ ରହିଥିବା ମନ୍ଦିର ଓ କୀର୍ତ୍ତିରାଜିଗୁଡ଼ିକୁ ଅଭିଜ୍ଞତାସମ୍ପନ୍ନ କର୍ମଚାରୀ କିମ୍ବା ଆବଶ୍ୟକସ୍ଥଳେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ବୈଷୟିକ ଅଧିକାରୀଙ୍କ ସହାୟତା ନେବାକୁ ଦାବି ହେଉଛି।



ଭଜନ ମଣ୍ଡପ ଭଙ୍ଗାଯିବା ପୂର୍ବରୁ ବିଏମ୍‌ସି କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ ଓ ଅନ୍ୟ ଅଧିକାରୀମାନେ ସର୍ଭେ କରୁଛନ୍ତି।

## ପୂର୍ବ ଶତ୍ରୁତାରୁ ମୂକ ବ୍ୟକ୍ତିଙ୍କୁ ଛୁରା ମାଡ଼

### ଅଭିଯୁକ୍ତ ପୁଅ ଗିରଫ, ମା' ଫେରାର

**କଟକ ଅଫିସ, ୨୭।୧୨**

ମାଲଗୋଦାମ ଥାନା ଅନ୍ତର୍ଗତ ସମାଧିପାଟଣମ ଅଞ୍ଚଳରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ମୂକ ବ୍ୟକ୍ତିଙ୍କୁ ରାଜୁ ନାୟକ (୩୦) ଓ ତାଙ୍କ ମା' ତୁଳସୀ ନାୟକ(୫୦) ଛୁରା ମାଡ଼ କରିଛନ୍ତି। ଏଥିରେ ସମ୍ପୃକ୍ତ ମୂକ ବ୍ୟକ୍ତି ସନିଆ ନାୟକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ସନିଆଙ୍କ ଭଉଣୀ କାଞ୍ଚନ ନାୟକ ମାଲଗୋଦାମ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ କେସ୍ (ନଂ. ୨୬୦/୧୯) ରୁଜୁ କରି ଅଭିଯୁକ୍ତ ରାଜୁଙ୍କୁ ଗିରଫ କରିଥିବାବେଳେ ତାଙ୍କ ମା' ତୁଳସୀ ଫେରାର ଅଛନ୍ତି। ଶନିବାର ରାଜୁଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ସନିଆଙ୍କ ସହ ରାଜୁ ଓ ତାଙ୍କ ମା'ଙ୍କର ପୂର୍ବରୁ ବିବାଦ ସୃଷ୍ଟି ହୋଇ ଶତ୍ରୁତା ଲାଗିରହିଥିଲା। ରାଜୁ ଅନେକ ସମୟରେ ମଦ ପିଇ ସନିଆଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମାରିବାକୁ ଧମକାଉଥିଲେ। ଶୁକ୍ରବାର ପୁଣି ଥରେ କୌଣସି କାରଣକୁ ନେଇ ଉଭୟ ମା', ପୁଅ ସନିଆଙ୍କ ସହ କଳି କରିଥିଲେ। ସନିଆ ଏହାକୁ ବିରୋଧ କରିବାରୁ ଉଭୟ ରାଜୁ ଓ ତୁଳସୀ ଉତକ୍ଷିପ୍ତ ହୋଇ ଏକ ଧାରୁଆ ଛୁରୀରେ ତାଙ୍କୁ ଆକ୍ରମଣ କରିଥିଲେ। ସନିଆ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ।




ସୂଚନା ଭବନରେ ଶୁକ୍ରବାର ଶ୍ରୀ ସୋମନାଥ ରାଜଗୁରୁଙ୍କ ଭକ୍ତି ମହ୍ଲାର ପୁସ୍ତକ ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**■ ମହର୍ଷି କଲେଜ ନିକଟରେ ନିଶାସକ୍ତଙ୍କ ଆତଙ୍କ ଘଟଣା**

## ୩ ଦିନ ପରେ ବି ପୋଲିସ ହାତ ଖାଲି

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ଶହୀଦନଗର ଥାନା ଅଧୀନ ମହର୍ଷି କଲେଜ ନିକଟରେ ଗତ ବୁଧବାର ସନ୍ଧ୍ୟାରେ ୧୫ରୁ ଉର୍ଦ୍ଧ୍ୱ ନିଶାସକ୍ତ ଯୁବକ ଆତଙ୍କ ଖେଳାଇଥିଲେ। ପଥଚାରୀଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ଏଥିସହ ବିରୋଧ କରୁଥିବା ବ୍ୟକ୍ତିଙ୍କ ବାଇକ ଓ କାର୍‌କୁ ଭଙ୍ଗାରୁଜା କରିଥିଲେ। ଚର୍ଚ୍ଚରୁ ଫେରୁଥିବା କେତେଜଣ ଯୁବକଙ୍କୁ ମାଡ଼ ମାରି ଫେରାର ହୋଇଯାଇଥିଲେ। ଶୁକ୍ରବାର ଏହି ଘଟଣାକୁ ୩ଦିନ ବିତିଲା। ହେଲେ ଏପର୍ଯ୍ୟନ୍ତ ପୋଲିସ ହାତ ଖାଲି। ଏ ନେଇ ତଦନ୍ତକାରୀ ପୋଲିସ ଅଧିକାରୀ ପଦ୍ମଚରଣ ଭଞ୍ଜ କହିଛନ୍ତି, ଅଭିଯୋଗକାରୀମାନେ ଯେଉଁ ବାଇକ ନମ୍ବର ଦେଇଥିଲେ ତାହାର କୌଣସି ପତ୍ତା ମିଳୁନାହିଁ। ମହର୍ଷି କଲେଜ ନିକଟରେ ସିସିଟିଭି ନ ଥିବାରୁ ମାରପିଟ ବେଳର ଦୃଶ୍ୟ କଏଦ ହୋଇନାହିଁ। ଫଳରେ ପୋଲିସ ଅଭିଯୁକ୍ତମାନଙ୍କ ପତ୍ତା ପାଇପାରି ନାହିଁ। ତେବେ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଯୁବକମାନଙ୍କୁ କିଏ ଓ କାହିଁକି ମାଡ଼ ମାରିଲା ତାହା ଜଣା ନ ପଡ଼ିବାରୁ ସେମାନେ ଭୟଭୀତ ଅବସ୍ଥାରେ ରହିଥିବା ଗଣମାଧମକୁ କହିଛନ୍ତି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ସେମାନଙ୍କ ଦୌରାତ୍ମ୍ୟ ବଢିବା ସହ ଅନେକ ସାଧାରଣ ଜନତା ପୁଣି ଆକ୍ରମଣର ଶିକାର ହେବାର ଆଶଙ୍କା ରହିଛି। ପୋଲିସ କୌଣସି ଚାପରେ ରହି ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଉପଯୁକ୍ତ ତଦନ୍ତ କରି ନ୍ୟାୟ ଦିଆଯାଉ ବୋଲି ଅଭିଯୋଗକାରୀ ପୁଲକ ଓ ଦୀପୁ ଗଣମାଧମରେ କହିଛନ୍ତି। ଏହି ଘଟଣାରେ ପୋଲିସ ଏକ କେସ୍ (ନଂ. ୬୯୫/୧୯) ରୁଜୁ କରିବା ସହ ଉକ୍ତ ଅଞ୍ଚଳର ଅନ୍ୟାନ୍ୟ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଜାରି ରଖିଛି।

## ସମିତି ପକ୍ଷରୁ ଖୋଲିଲା ଧାନମଣ୍ଡି

**ବାଲିଅନ୍ତା,୨୭।୧୨(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ସେବା ସମବାୟ ସମିତି ପକ୍ଷରୁ ଶୁକ୍ରବାର ଧାନମଣ୍ଡିର ଶୁଭାରମ୍ଭ କରାଯାଇଛି। ପ୍ରଥମ ଦିନରେ ୨୫ଜଣ ଚାଷୀଙ୍କଠାରୁ ଏକ ହଜାର କୁଇଣ୍ଟାଲ୍ ଧାନ କିଣାଯାଇଥିଲା। ଧାନକିଣାର ଶୁଭାରମ୍ଭ କାର୍ଯ୍ୟକ୍ରମରେ କାକରୁଦ୍ରପୁର ସରପଞ୍ଚ ରମେଶ ଚନ୍ଦ୍ର ପାଳ, ବେଣ୍ଟପୁର ସରପଞ୍ଚ ମୁରଲୀଧର ସାହୁ ଓ ସମିତିର ସଭାପତି ନୀଳକଣ୍ଠ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ଏହି ଧାନମଣ୍ଡି ପ୍ରତି ସୋମବାର ଓ ଶୁକ୍ରବାର ଖୋଲାଯାଇ ଟୋକନ୍ ପାଇଥିବା ଚାଷୀଙ୍କଠାରୁ ଧାନ କ୍ରୟ କରାଯିବ ବୋଲି ସମ୍ପାଦକ ହେମନ୍ତ କୁମାର ନାୟକ କହିଛନ୍ତି। ବାଲିଅନ୍ତା ବ୍ଲକର ଅନ୍ୟ କେତେକ ସମିତିକୁ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ପକ୍ଷରୁ ଧାନ କିଣା ଟାର୍ଗେଟ୍ ଦିଆଯାଇ ନାହିଁ । ଫଳରେ ଚାଷୀମାନେ ଧାନ ବିକ୍ରି ନେଇ ସମସ୍ୟାରେ ପଡ଼ିଛନ୍ତି। ଧାନ ଅମଳ ସରିଯାଇଥିଲେ ମଧ ସରକାରୀ ମଣ୍ଡି ଖୋଲି ନ ଥିବା ଯୋଗୁ ବିକ୍ରି କରିପାରୁ ନାହାନ୍ତି । ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବା ଯୋଗୁ ଧାନ ବ୍ୟବସାୟୀମାନେ କମ ଦରରେ ଚାଷୀଙ୍କଠାରୁ ଧାନ କିଣୁଛନ୍ତି। ତୁରନ୍ତ ସମସ୍ତ ସମିତି ପକ୍ଷରୁ ଧାନ ମଣ୍ଡି ଖୋଲିବା ଦିଗରେ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଚାଷୀମାନେ ଦାବି କରିଛନ୍ତି।

**■ଆକ୍ସିସ ବ୍ୟାଙ୍କ- ବିଏମ୍‌ସି ମଧ୍ୟରେ ବୁଝାମଣା**

## ହିତାଧିକାରୀଙ୍କୁ ଆକାଉଣ୍ଟରେ ମିଳିବ ଭତ୍ତା




**ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)**

ସାମାଜିକ ସୁରକ୍ଷା ଯୋଜନାରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଭତ୍ତା ପାଉଥିବା ହିତାଧିକାରୀମାନେ ଫେବୃୟାରୀ ମାସଠାରୁ ଆକାଉଣ୍ଟ ଯୋଗେ ଅର୍ଥ ପାଇବେ। ଏ ନେଇ ଆକ୍ସିସ ବ୍ୟାଙ୍କ୍ ଏବଂ ବିଏମ୍‌ସି ମଧ୍ୟରେ ଶୁକ୍ରବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସମସ୍ତ ହିତାଧିକାରୀଙ୍କୁ ଆଧାର ସଂଯୋଗୀକରଣ ମାଧ୍ୟମରେ ଭତ୍ତା ଦିଆଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ବ୍ୟାଙ୍କ୍ ବିଜନେସ୍ କରେସ୍‌ପଣ୍ଡେଣ୍ଟ ନିୟୋଜିତ କରାଯିବା ସହ ମାଇକ୍ରୋ ଏଟିଏମ, ବାୟୋମେଟ୍ରିକ ରିଡର ଦ୍ୱାରା ବିନା ମୂଲ୍ୟରେ ଏହି ସେବା ଯୋଗାଯିବ। ବର୍ତ୍ତମାନ ସୁଦ୍ଧା ବିଏମ୍‌ସି ଅଞ୍ଚଳର ୨୧ହଜାର ୭୭୭ ହିତାଧିକାରୀଙ୍କ ମଧ୍ୟରୁ ୧୮ ହଜାର ୨୮୦ ଜଣଙ୍କର ଆଧାର ସଂଯୋଗ ସରିଛି। ଅନ୍ୟମାନଙ୍କର ଖୁବ୍‌ଶୀଘ୍ର ସଂଯୋଗ କରାଯିବା ସହ ଅତ୍ୟାବଶ୍ୟକ ସ୍ଥଳରେ ମାନୁଆଲ ମୋଡ଼ରେ ଭତ୍ତା ପ୍ରଦାନ କରାଯିବ ବୋଲି କୁହାଯାଇଛି। ଅନ୍ୟପଟେ ବ୍ୟାଙ୍କ ଜରିଆରେ ଭତ୍ତା ପ୍ରଦାନ ପାଇଁ ୧୧ ହଜାର ୭୧୫ ଜଣଙ୍କର ଆଧାର ସଂଯୋଗ ହୋଇଛି। ଆସନ୍ତା ଫେବୃୟାରୀ ସୁଦ୍ଧା ବଳକା କାମ ଶେଷ କରି ବ୍ୟାଙ୍କ୍ ଯୋଗେ ଭତ୍ତା ଦେବାକୁ ବିଏମ୍‌ସି ଲକ୍ଷ୍ୟ ରଖିଛି। ବିଏମ୍‌ସି ଓ ଆକ୍ସିସ ବ୍ୟାଙ୍କ୍ ମଧ୍ୟରେ ଚୁକ୍ତି ସମୟରେ ବିଏମ୍‌ସି କମିଶନର ପ୍ରେମଚନ୍ଦ ଚୌଧାରୀ, ଜୋନ୍ ଅଧିକାରୀ ପ୍ରମୋଦ ପୃଷ୍ଟି, ରୂପକ ପଟ୍ଟନାୟକ, ରବି ନାରାୟଣ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବିଏମ୍‌ସି ପକ୍ଷରୁ ଡେପୁଟି କମିଶନର ଅଶୋକ କୁମାର ମହାନ୍ତି ଓ ଆକ୍ସିସ ବ୍ୟାଙ୍କ୍ ସାମନ୍ତରାପୁର ଶାଖାର ବ୍ରଜ କିଶୋର ମିଶ୍ର ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ।

## ସିଭି ରମଣ ଛାତ୍ରୀଛାତ୍ରଙ୍କ ସଫଳତା




**ଭୁବନେଶ୍ୱର,୨୭-୧୨**

ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ୱେଲଡିଂ ଦ୍ୱାରା ଚଳିତବର୍ଷ ଆୟୋଜନ କରାଯାଇଥିବା ଜାତୀୟ ୱେଲଡିଂ ପ୍ରତିଯୋଗିତାରେ ସିଭି ରମଣ କଲେଜର ଛାତ୍ରୀଛାତ୍ର ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଏହି ପ୍ରତିଯୋଗିତାରେ ମେକାନିକାଲ ବିଭାଗର ଶୁଭେନ୍ଦୁ କୁମାର ମଲ୍ଲିକ ବେଷ୍ଟ ଷ୍ଟ୍ରକ୍‌ଚରାଲ ୱେଲ୍‌ଡର ବିଭାଗରେ ସାରା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ବିଶ୍ୱ ୱେଲଡିଂ ଚାମ୍ପିୟନଶିପରେ ସେ ଭାରତକୁ ପ୍ରତିନିଧିତ୍ୱ କରିବେ। ଏହି ପରିପ୍ରେକ୍ଷୀରେ କଲେଜର ଅଧକ୍ଷ ସଞ୍ଜୀବ କୁମାର ରାଉତ, ମାଷ୍ଟର ଟ୍ରେନର ଅପୂର୍ବ ସାନ୍ୟାଲ, ଆସିଷ୍ଟାଣ୍ଟ ପ୍ରଫେସର ତୁଷାରକାନ୍ତି ଭଟ୍ଟାଚାର୍ଯ୍ୟ, ଟ୍ରେନର ଦେବାଶିଷ ମହାପାତ୍ର ପ୍ରତିଯୋଗୀଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତା ସ୍କିଲ ଇନ ଓଡିଶା ପାଇଁ ଏକ ଗୌରବ ବୋଲି ଅଧକ୍ଷ ରାଉତ କହିଛନ୍ତି। ଏହା ଇଞ୍ଜିନିୟରିଂ ୱେଲଡିଂ ଶିକ୍ଷା ଗ୍ରହଣ ଦିଗରେ ଛାତ୍ରୀଛାତ୍ରଙ୍କୁ ସହାୟତା କରିବ ବୋଲି ସେ ସୂଚନା ଦେଇଛନ୍ତି। ଅଭିଷେକ ଶୁଭେନ୍ଦୁ କୁମାର ମଲ୍ଲିକଙ୍କ ସମେତ ପ୍ରତିଷ୍ଠାନର ଉଦାସ ଦାସ, ଟିଟୁ ଦଳାଇ, ଅଭିଷେକ ଖୁଣ୍ଟିଆ, ଜ୍ୟୋତି ନାୟକ, ବନ୍ଦନା ସିଂ, ତସଲିମା ମହାନ୍ତି ପ୍ରମୁଖ ଇଷ୍ଟଜୋନ ପ୍ରତିଯୋଗିତାରେ ସଫଳ ହୋଇଥିଲେ।

### ବରିଷ୍ଠ ସାମ୍ବାଦିକଙ୍କ ବିୟୋଗରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକଙ୍କ ଶୋକ

**ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)**

ବରିଷ୍ଠ ଖବରଦାତା ପ୍ରଭାତ ଦାଶଙ୍କ ବିୟୋଗରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ଶୁକ୍ରବାର ଗଭୀର ଶୋକପ୍ରକାଶ କରିଛନ୍ତି । ଶୋକ ବାର୍ତ୍ତାରେ ମିଶ୍ର କହିଛନ୍ତି ଯେ, ଜଣେ ଦାୟିତ୍ୱବାନ ସାମ୍ବାଦିକ ଭାବରେ କାର୍ଯ୍ୟକରି ପ୍ରଭାତବାବୁ ସାମ୍ବାଦିକତା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ କରି ସେ ବେଶ୍ ପାଠକୀୟ ଆଦୃତି ଲାଭ କରିପାରିଥିଲେ। ଓଡ଼ିଶା ସାମ୍ବାଦିକ ସଂଘର ସଭାପତି ଓ ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ସଦସ୍ୟ ଭାବେ ସେ ନିଜର ସାଂଗଠନିକ ଓ ପ୍ରଶାସନିକ ଦକ୍ଷତାର ପରିଚୟ ଦେଇଥିଲେ । ତାଙ୍କ ଅବର୍ତ୍ତମାନରେ ରାଜ୍ୟର ସାମ୍ବାଦିକତା କ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ପ୍ରଭାତ ଦାଶଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ନିର୍ଦ୍ଦେଶକ ମିଶ୍ର ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

**■ ବାଂଲାଦେଶୀ ଯୁବତୀଙ୍କୁ ରାଜଧାନୀକୁ ଆଣିବା ଘଟଣା**

## ଅଞ୍ଜଳି ଦିଦିଙ୍କ ପାଖରେ ପହଞ୍ଚି ପାରୁନି ପୋଲିସ

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ନୂଆବର୍ଷକୁ ଦୃଷ୍ଟିରେ ରଖି ଦେହ ଦଲାଲ ଚାକିରି ଆଳରେ ଅନେକ ବାଂଲାଦେଶୀ ଯୁବତୀଙ୍କୁ ରାଜଧାନୀକୁ ଆଣିଛନ୍ତି। ସେମାନଙ୍କୁ ଏକ ହୋଟେଲରେ ରଖି ଦେହ ବ୍ୟବସାୟରେ ଲଗାଉଛନ୍ତି। କଟକରୋଡ଼ରେ ଥିବା ଏକ ହୋଟେଲରେ ଜଣେ ବାଂଲାଦେଶୀ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରାଯିବା ଅଭିଯୋଗ ପରେ ଏଭଳି ଘଟଣା ପଦାକୁ ଆସିଲା। ପୋଲିସ ତଦନ୍ତ କରି ଜାଣିବାକୁ ପାଇଥିଲା ଯେ, ଯେଉଁ ଯୁବତୀ ବଳାତ୍କାର ଅଭିଯୋଗ କରିଛନ୍ତି ତାଙ୍କ ଘର ବାଂଲାଦେଶ ହୋଇଥିବା ବେଳେ ସେ ଜାଲ୍ ଆଧାରକାର୍ଡରେ ଏଠାକୁ ଆସିଛନ୍ତି। ତାଙ୍କୁ ଦେହ ଦଲାଲ ଚାକିରି ନାଁରେ ଏଠାକୁ ଆଣି ହୋଟେଲରେ ରଖି ଦେହ ବ୍ୟବସାୟରେ ଲଗାଉଥିଲେ। ଅନ୍ୟପକ୍ଷରେ ଏହି ଯୁବତୀଙ୍କୁ ଆଣିବା ପଛରେ ଅଞ୍ଜଳି ନାମ୍ନୀ ମହିଳାଙ୍କ ହାତ ରହିଛି ଏବଂ ସେ ହିଁ ମାଷ୍ଟରମାଇଣ୍ଡ ବୋଲି ଚର୍ଚ୍ଚା ହେଉଛି। ୨୦ରୁ ଉର୍ଦ୍ଧ୍ୱ ବାଂଲାଦେଶୀ ଯୁବତୀଙ୍କୁ ନକଲି ପ୍ରମାଣପତ୍ର ଦେଇ ଅଞ୍ଜଳି ଦିଦି ଏଠାକୁ ଆଣିଥିବା ଜଣେ ବାଂଲାଦେଶୀ ଯୁବତୀ ମଧ କହିଛନ୍ତି। ଏହା ସତ୍ତ୍ୱେ ଅଞ୍ଜଳି ଦିଦିଙ୍କ ପାଖରେ ପୋଲିସ ପହଞ୍ଚି ପାରୁନାହିଁ। ସୁନୀଲ ମେହେରଙ୍କର ଜଣେ ସହଯୋଗୀଙ୍କ ମାଧ୍ୟମରେ ଅଞ୍ଜଳି ଏଭଳି କାରବାର କରୁଥିବା କୁହାଯାଉଛି। ସେମାନେ ନୂଆବର୍ଷ ଏବଂ ଅନ୍ୟ ସମୟରେ ବିଦେଶରୁ ଯୁବତୀମାନଙ୍କୁ ରାଜଧାନୀକୁ ଆଣି ଦେହ ବ୍ୟବସାୟରେ ଲଗାନ୍ତି। ଏହି ର୍ୟାକେଟ ପଛରେ ବାଂଲାଦେଶ ସୀମାରେ ଥିବା ଅନେକ ପୋଲିସ ଅଫିସର ରହିଥିବା ଶୁଣିବାକୁ ମିଳୁଛି। କିଛିଦିନ ତଳେ କଟକ ରୋଡ଼ରେ ଜଣେ ବାଂଲାଦେଶୀ ଯୁବତୀ ଧରାପଡ଼ିବା ପରେ ଦଲାଲ ଅନ୍ୟ ଯୁବତୀମାନଙ୍କୁ ରାଜଧାନୀ ବାହାରେ ଥିବା ହୋଟେଲକୁ ପଠାଇ ଦେଇଛନ୍ତି।

ଏ ନେଇ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି ଯେ, କଟକ ରୋଡରେ ଜଣେ ବାଂଲାଦେଶୀ ଯୁବତୀ ଜାଲ୍ କାଗଜପତ୍ରରେ ଧରାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଛି। ଏହି ଘଟଣାକୁ କମିଶନରେଟ ପୋଲିସ ଗୁରୁତ୍ୱର ସହ ନେଇ ତଦନ୍ତ କରୁଛି। ରାଜଧାନୀରେ କେତେଜଣ ବାଂଲାଦେଶୀ ଯୁବତୀ ଅଛନ୍ତି ଓ ସେମାନଙ୍କୁ କିଏ ଆଣିଛି ତାହାର ଖୋଳତାଡ଼ କରାଯାଉଛି। ତଦନ୍ତ ପରେ ଯେଉଁମାନଙ୍କ ଲିଙ୍କ୍ ଆସିବ ସେମାନଙ୍କୁ ଗିରଫ କରାଯିବ।

## ସଂକ୍ଷେପରେ

ଚୋରା ପଥର ଚାଲାଣ ମାମଲାରେ ଗିରଫ ସଂଖ୍ୟା ୨୧କୁ ବୃଦ୍ଧି

### ଜେଲ ଗଲେ ପିଣ୍ଟା, ୫ ଦିନିଆ ରିମାଣ୍ଡ ଆବେଦନ



**ଭୁବନେଶ୍ୱର,୨୭।୧୨(ବ୍ୟୁରୋ):** ଖୋର୍ଦ୍ଧାରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିରୁ ଚୋରା ପଥର ଚାଲାଣ ମାମଲାରେ ଗିରଫ ସଂଖ୍ୟା ୨୧କୁ ବୃଦ୍ଧି ପାଇଛି। ଏହି ରାକେଟରେ ସମ୍ପୃକ୍ତ ଆହୁରି ଅନେକ ଖଣି ମାଫିଆ ଫେରାର ଅଛନ୍ତି। ସେମାନଙ୍କୁ ଧରିବାକୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଚଢାଉ ଜାରି ରଖିଛି। ଗୁରୁବାର ଗିରଫ ହୋଇଥିବା ଖୋର୍ଦ୍ଧା କୁମାରବସ୍ତାର ପିଣ୍ଟା ଓରଫ ରାଜେଶ କୁମାର ବରାଳଙ୍କ ବିରୋଧରେ ଏସ୍‌ଟିଏଫ୍ କେସ୍ ନଂ-୭/୧୯ ଦଫା ୩୭୯, ୪୧୧, ୪୬୭, ୪୬୮, ୪୭୧, ୧୨୦(ବି) ଲଗାଇ ଖୋର୍ଦ୍ଧା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଛି। ଜାମିନ ନ ମିଳିବାରୁ ତାଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଛି। ଅଧିକ ଖୋଳତାଡ଼ ପାଇଁ ଏସ୍‌ଟିଏଫ୍ ପିଣ୍ଟାଙ୍କୁ ୫ ଦିନ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରିଛି। ଅନୁମତି ମିଳିବା ପରେ ଏସ୍‌ଟିଏଫ୍ ତାଙ୍କଠାରୁ ବହୁ ଗୁମର ଖୋଲିବାକୁ ଆଶା ରଖିଛି। ପିଣ୍ଟା କାହା ଇସାରାରେ ଚୋରା ପଥର ଚାଲାଣ କରୁଥିଲେ। ମାଷ୍ଟରମାଇଣ୍ଡ୍ କିଏ ଓ କେଉଁମାନେ ସହଯୋଗ କରୁଥିଲେ। ଏହି ସବୁ ଜାଣିବାକୁ ଏସ୍‌ଟିଏଫ୍ ଚେଷ୍ଟା କରିପାରେ। ତେବେ ପିଣ୍ଟାଙ୍କ ନାମରେ ଖୋର୍ଦ୍ଧା ଥାନାରେ ୩ ଓ ଶହୀଦନଗର ଥାନାରେ ଗୋଟିଏ ମାମଲା ରହିଛି। ଉକ୍ତ ମାମଲା ସଂକ୍ରାନ୍ତରେ ମଧ ଏସ୍‌ଟିଏଫ୍ ପଚରାଉଚରା କରିପାରେ। ସୂଚନାଯୋଗ୍ୟ, ଖଣ୍ଡଗିରି ବାହାଦଲପୁର ଅନିଲ ଜେନା ହତ୍ୟା ଘଟଣାରେ ଫେରାର ଅଭିଯୁକ୍ତ ରାଜାକୁ ଧରିବା ପାଇଁ ପୋଲିସ ପିଣ୍ଟାଙ୍କୁ ତାଙ୍କ ଘରୁ ଉଠାଇ ଆଣିଥିଲା। ପଚରାଉଚରାବେଳେ ଖୋର୍ଦ୍ଧାରେ ବେଆଇନ ପଥର ଖନନ ଓ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଜଣାପଡିଥିଲା। ଏହାପରେ ତାଙ୍କୁ ଖଣ୍ଡଗିରି ପୋଲିସ ପଥର ଚୋରା ଚାଲାଣର ତଦନ୍ତ କରୁଥିବା ଏସ୍‌ଟିଏଫ୍‌କୁ ହସ୍ତାନ୍ତର କରିଥିଲା।

ଭାରତୀୟ ଜଳବାୟୁ କଂଗ୍ରେସ ଉଦ୍‌ଘାଟିତ

## ଜଳବାୟୁ ପରିବର୍ତ୍ତନରେ ସର୍ବାଧିକ ପ୍ରଭାବିତ ହେବ କୃଷି

**ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)**

ଜଳବାୟୁ ପରିବର୍ତ୍ତନ ଦ୍ୱାରା କୃଷି ଉତ୍ପାଦନ ବହୁଳଭାବେ ପ୍ରଭାବିତ ହେବ। ଏହାଫଳରେ ଆଗାମୀ ଦିନରେ ବିଶ୍ୱରେ ଖାଦ୍ୟାଭାବ ସମସ୍ୟା ଗୁରୁତର ରୂପ ନେବ। ସେହିଭଳି ସମୁଦ୍ର ପତ୍ତନ ବୃଦ୍ଧି ଯୋଗୁ ଲକ୍ଷ ଲକ୍ଷ ଲୋକ ବାସହରା ହେବେ। ଏ ସବୁକୁ ରୋକିବା ସହ ଜଳବାୟୁକୁ ଧ୍ୱଂସମୁଖରୁ ଉଦ୍ଧାର କରିବା ଲାଗି ବୈଜ୍ଞାନିକ, ଛାତ୍ର ସମାଜ ଓ ସାମାଜିକ ସଂଗଠନ ମିଳିତ ଭାବେ ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି ଏଠାରେ ମତପ୍ରକାଶ ପାଇଛି। ଶୁକ୍ରବାର ଓୟୁଏଟି ପରିସରରେ ଭାରତୀୟ ଜଳବାୟୁ କଂଗ୍ରେସର ଏକାଦଶ ବାର୍ଷିକ ଅଧିବେଶନକୁ ଉଦ୍‌ଘାଟନ କରି ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ସର୍ବଭାରତୀୟ ମହାନିର୍ଦ୍ଦେଶକ ତଥା କୃଷି ଗବେଷଣା ଓ ଶିକ୍ଷା ସଚିବ ଡ. ତ୍ରିଲୋଚନ ମହାପାତ୍ର ଏହା କହିଛନ୍ତି। ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ଓ ବିଶ୍ୱ ଶାନ୍ତି ଲାଗି ଭାରତୀୟ ଜଳବାୟୁ କଂଗ୍ରେସର ସଦସ୍ୟମାନେ ଉଦ୍ୟମ କରିବାକୁ ସେ କହିଛନ୍ତି।

ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ତଥା ସତ୍ୟସାଇ ଚାରିଟେବୁଲ୍ ଟ୍ରଷ୍ଟର ସଭାପତି ପ୍ରଫେସର ସଞ୍ଜୀୟ କୁମାର ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ସତ୍ତ୍ୱେ ଧାନଚାଷୀମାନେ କିଭଳି ଲାଭବାନ୍ ଓ ଆତ୍ମନିର୍ଭରଶୀଳ ହେବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ପ୍ରାକ୍ତନ ମୁଖ୍ୟ ବୈଜ୍ଞାନିକ ଡ. ସଂଗ୍ରାମ କେଶରୀ ନାୟକ ୩ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଭାରତୀୟ ଜଳବାୟୁ କଂଗ୍ରେସର ଆଭିମୁଖ୍ୟ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉଦ୍‌ଘାଟନୀ ଉତ୍ସବର ପ୍ରାରମ୍ଭରେ ଓଡ଼ିଶା ଜଳବିଭାଜିକା ମିଶନର ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ଆଇଚ୍ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଶେଷରେ ସେମିନାରର ସମ୍ପାଦକ ପ୍ରଫେସର ଡ. ବାସୁଦେବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ଓୟୁଏଟି କୃଷି ଗବେଷଣା ଡିନ୍ ତଥା ଭାରପ୍ରାପ୍ତ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସମେତ ଓୟୁଏଟି ଅଧୀନ ସମସ୍ତ କଲେଜ ଡିନ୍, ବିଭାଗୀୟ ମୁଖ୍ୟ ପ୍ରଫେସର ଓ ବୈଜ୍ଞାନିକମାନେ ଯୋଗଦେଇଥିଲେ।



ଭାରତୀୟ ଜଳବାୟୁ କଂଗ୍ରେସର ବାର୍ଷିକ ଅଧିବେଶନରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଜିରୋ ନାଇଟରେ ହୋଟେଲରେ ଅଶ୍ଳୀଳ ନୃତ୍ୟ

## ବିରୋଧ କରିବେ କଳିଙ୍ଗସେନା, ବଜରଙ୍ଗ ଦଳ

**ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)**

ନୂଆବର୍ଷକୁ ଆଉ ଅଳ୍ପ ଦିନ ବାକି ଥିବାବେଳେ ସେଲିବ୍ରେଶନ ପାଇଁ ରାଜଧାନୀବାସୀ ଏବେଠୁ ପ୍ରସ୍ତୁତ ହେଲେଣି। ୨୦୧୯କୁ ବିଦାୟ ଦେଇ ଜିରୋ ନାଇଟ୍‌ରେ ନୂତନ ବର୍ଷକୁ ସ୍ୱାଗତ କରିବା ସହ ବିଭିନ୍ନ ହୋଟେଲରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରସ୍ତୁତି ଯୋରଦାର ହେଲାଣି। ମାତ୍ର ଜିରୋ ନାଇଟ୍ ନାଁରେ ହୋଟେଲ ଗୁଡ଼ିକରେ ଅଶ୍ଳୀଳ ନୃତ୍ୟ ପରିବେଷଣ କରାଯାଉଥିବା ଅଭିଯୋଗ ହୋଇଥାଏ। ତେବେ ଚଳିତ ବର୍ଷ ଜିରୋ ନାଇଟ୍ ସେଲିବ୍ରେସନ ନାଁରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ବିରୋଧ କରିବ ବଜରଙ୍ଗ ଦଳ ଏବଂ କଳିଙ୍ଗ ସେନା। ଏନେଇ କଳିଙ୍ଗ ସେନା ପକ୍ଷରୁ କୁହାଯାଉଛି ଯେ, ନୂଆ ବର୍ଷ ଲାଗି ଯେଉଁ ହୋଟେଲରେ ବାହାରୁ ଯୁବତୀମାନଙ୍କୁ ଆଣି ଅଶ୍ଳୀଳ ନୃତ୍ୟ ପରିବେଷଣ ଖବର ପାଇବେ ସେଠାରେ ସେନାର କର୍ମୀମାନେ ପଶି ତାଣ୍ଡବ ନୃତ୍ୟ କରିବେ। ଶନିବାର କଳିଙ୍ଗସେନାର ଏକ ପ୍ରତିନିଧି ଦଳ ଡିସିପିଙ୍କ କାର୍ଯ୍ୟାଳୟକୁ ଯାଇ ଏକ ଅଭିଯୋଗପତ୍ର ଦେବ ବୋଲି ସେନାର ସାଧାରଣ ସମ୍ପାଦକ ସ୍ୱାତୀଶ ରଞ୍ଜନ ସାହୁ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି। ଜିରୋ ନାଇଟ୍‌ରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରି ଓଡିଶାର କଳା ସଂସ୍କୃତିକୁ ଅପମାନ କରାଯାଉଛି। ଓଡ଼ିଶାରେ ଅନେକ ସୁନାମଧନ୍ୟ କଳାକାର ରହିଛନ୍ତି। ସେମାନଙ୍କ ଦ୍ୱାରା ଜିରୋ ନାଇଟ୍ ପାଳନ ନ କରି ବିଦେଶରୁ ଯୁବତୀଙ୍କୁ ଆଣି ଅଶ୍ଳୀଳ ନୃତ୍ୟ ପରିବେଷଣ ଆଦୌ ଗ୍ରହଣୀୟ ନୁହେଁ।

ସେହିପରି ବଜରଙ୍ଗ ଦଳ ଓଡ଼ିଶା ପୂର୍ବର ଦେବାଶିଷ ରାଉତ କହିଛନ୍ତି ଯେ, ଜିରୋ ନାଇଟ୍‌ରେ ପାଶ୍ଚାତ୍ୟ ଶୈଳୀରେ ସେଲିବ୍ରେସନ ଆଳରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରାଯାଉଛି। ଏହାକୁ ମଧ ବଜରଙ୍ଗ ଦଳ ବିରୋଧ କରି ହୋଟେଲ ମାଲିକଙ୍କୁ ଚେତାବନୀ ଦେଇଛି। ଓଡ଼ିଶାର କଳା ସଂସ୍କୃତି ସାହାଯ୍ୟରେ ନୂଆ ବର୍ଷ ପାଳନ କରିବା ନେଇ ଲୋକଙ୍କୁ ସଚେତନ କରାଯିବା ସହ ବିଭିନ୍ନ ସ୍ଥାନରେ ଏନେଇ ପୋଷ୍ଟର ମାରାଯିବ ବୋଲି ସେ କହିଥିଲେ। ଏହାସହ ଶୁକ୍ରବାର ବଜରଙ୍ଗ ଦଳର ସଦସ୍ୟମାନେ ସିଏଏ ଓ ଏନ୍‌ଆରସିକୁ ସମର୍ଥନ କରି ୟୁନିଟ-୮ରୁ ଏକ ବିଶାଳ ବାଇକ ରାଲିରେ ବାହାରି ମାଷ୍ଟର କ୍ୟାଣ୍ଟିନ ଯାଇଥିଲେ। ସେଠାରେ ଲୋକଙ୍କୁ ଲିଫ୍‌ଲେଟ ବାଣ୍ଟିବା ସହ ସଚେତନ କରିଥିଲେ। ଏନେଇ ଡିସିପି ଅନୁପ କୁମାର ସାହୁ କହିଛନ୍ତି ଯେ, ଜିରୋ ନାଇଟ ପାଇଁ ସୁରକ୍ଷା କଡାକଡି କରାଯିବ। ଏପରିକି ହୋଟେଲ ଆଗରେ ସୁରକ୍ଷା ବଢାଯିବ। ଯେଉଁଠି କିଛି ଅଘଟଣା ଦେଖାଯିବ ପୋଲିସ ତୁରନ୍ତ ପଦେକ୍ଷପ ନେବ।

### ହୋଟେଲ ଆଗରେ ସୁରକ୍ଷା ବଢାଯିବ: ଡିସିପି

ମାଲଗୋଦାମରେ ଜିଲା ଯୋଗାଣ ବିଭାଗର ଚଢ଼ାଉ

## ପିଆଜ ୭୦, ଆଳୁ ୨୦ଟଙ୍କାରେ ବିକ୍ରି ପାଇଁ ତାଗିଦ

**କଟକ ଅଫିସ, ୨୭।୧୨**

କଟକ ଜିଲା ଯୋଗାଣ ବିଭାଗ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ କଟକ ମାଲଗୋଦାମ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଜିଲା ଯୋଗାଣ ବିଭାଗ ଅଧିକାରୀ ଅମର କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଏହି ସମୟରେ ହୋଲସେଲର ବ୍ୟବସାୟୀମାନଙ୍କୁ ପିଆଜ କିଲୋ ପିଛା ୭୦ଟଙ୍କା ଓ ଆଳୁ କିଲୋ ୨୦ଟଙ୍କାରେ ବିକ୍ରୟ କରିବାକୁ ଯୋଗାଣ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଖୁଚୁରା ବ୍ୟବସାୟୀମାନଙ୍କୁ ପିଆଜ କିଲୋ ପିଛା ସର୍ବାଧିକ ୮୦ ଏବଂ ଆଳୁ କିଲୋ ୨୩ରୁ ୨୫ଟଙ୍କା ମଧ୍ୟରେ ବିକ୍ରୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶ ଅବମାନନା କଲେ କିମ୍ବା ଅଭିଯୋଗ ଆସିଲେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ଅଧିକାରୀ ମହାପାତ୍ର ତାଗିଦ କରିଛନ୍ତି। ପ୍ରକାଶ ଥାଉ କି, ବିଗତ କିଛି ଦିନ ହେବ ପିଆଜ ଦର ଆକାଶ ଛୁଆଁ ହୋଇଥିବାବେଳେ ଏବେ ଆଳୁ ଦର ମଧ ଅହେତୁକ ଭାବେ ବୃଦ୍ଧି ପାଇଛି। ଖୋଲା ବଜାରରେ ପିଆଜ କିଲୋ ୧୨୦ରୁ ୧୩୦ଟଙ୍କା ପର୍ଯ୍ୟନ୍ତ ବିକ୍ରୟ କରାଯାଉଥିବାବେଳେ ଆଳୁ କିଲୋ ୩୦ଟଙ୍କା ଛୁଇଁଛି । ଆଳୁ ଓ ପିଆଜକୁ ନେଇ ସାଧାରଣ ଜନତା ଚିନ୍ତାରେ ପଡ଼ିଥିବାବେଳେ ଯୋଗାଣ ବିଭାଗ ପକ୍ଷରୁ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି।






ଭାଙ୍ଗିଲା ଆଉଟର ସ୍ପ୍ରିଙ୍ଗ୍: ଡିବ୍ରୁଗଡ଼ ଏକ୍ସପ୍ରେସରେ ବଦଳିଲା କୋଚ୍

**ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)**

ଶୁକ୍ରବାର ଡିବ୍ରୁଗଡ଼ ଏକ୍ସପ୍ରେସ (୧୫୯୨୯) ରେ ଏକ କୋଚ୍‌ର ଆଉଟର ସ୍ପ୍ରିଙ୍ଗ ଭାଙ୍ଗିଯିବାରୁ ଭୁବନେଶ୍ୱର ଷ୍ଟେଶନରେ କୋଚ୍ ବଦଳାଯାଇଛି। ତାମ୍ବରମରୁ ଡିବ୍ରୁଗଡ଼ ଯାଉଥିବା ଏହି ଏକ୍ସପ୍ରେସରେ ଗୋଟିଏ ତୃତୀୟ ଶ୍ରେଣୀ ଏସି କୋଚ୍‌ର ଆଉଟର ସ୍ପ୍ରିଙ୍ଗ ଭାଙ୍ଗିଯାଇଛି ବୋଲି ବିଜୟୱାଡ଼ା ଷ୍ଟେଶନରେ ଜଣାପଡ଼ିଥିଲା। ସୁରକ୍ଷା ଦୃଷ୍ଟିରୁ ଘଣ୍ଟାପ୍ରତି ୮୦ କି.ମି. ବେଗରେ ଭୁବନେଶ୍ୱର ପର୍ଯ୍ୟନ୍ତ ଆସି ଏହାର କୋଚ୍‌ଟିକୁ ବଦଳାଯାଇଛି। ଭୁବନେଶ୍ୱରରେ ଏହି ଟ୍ରେନ୍‌ଟି ରାତି ୭ଟା ୨୧ରେ ପହଞ୍ଚିବା ପରେ ନୂଆ କୋଚ୍ ଲାଗି ୮ଟା ୫୦ରେ ଡିବ୍ରୁଗଡ଼ ଅଭିମୁଖେ ବାହାରିଥିଲା।

ନାବାଳିକାଙ୍କୁ ତିନିଦିନ ଧରି ଗଣବଳାତ୍କାର ଘଟଣା

## ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ପୁରୀ ଅଫିସ, ୨୭।୧୨**

ଗୋପ ଥାନା ଅଞ୍ଚଳ ଜଣେ ନାବାଳିକାଙ୍କୁ ତିନିଜଣ ଯୁବକ ଗୋଟିଏ ଘରେ ରଖି ଗଣବଳାତ୍କାର ଘଟଣାକୁ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ଗୁରୁତର ସହିତ ନେଇଛନ୍ତି। ଏହି ଘଟଣାରେ ପ୍ରଶାସନ ପକ୍ଷରୁ କଣ ପଦକ୍ଷେପ ନିଆଯାଇଛି, ତାହାର ରିପୋର୍ଟ ଚାରି ସପ୍ତାହ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଧାର୍ଯ୍ୟ ସମୟ ପୂର୍ବରୁ ରିପୋର୍ଟ ଦାଖଲ ନ ହେଲେ କମିଶନଙ୍କ ଆଗରେ ଜିଲାପାଳ ଏବଂ ଏସ୍‌ପି ବ୍ୟକ୍ତିଗତ ଭାବେ ହାଜର ହୋଇ ନିଜ ପକ୍ଷ ରଖିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ଗୋପ ଅଞ୍ଚଳରେ ୩ଜଣ ଯୁବକ ଜଣେ ନାବାଳିକାଙ୍କୁ ତିନି ଦିନ ପର୍ଯ୍ୟନ୍ତ ବଳାତ୍କାର କରିଥିବା ଘଟଣା ମାସେ ପରେ ଜଣାପଡ଼ିଥିଲା। ଏ ନେଇ ଗୋପ ପୋଲିସର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟିହୋଇଥିଲା। ଜଣେ ନାବାଳିକାଙ୍କୁ ଗଣବଳାତ୍କାର ପରି ଘଟଣାରେ ପୋଲିସ ଦାୟିତ୍ୱହୀନତାକୁ ନେଇ ମାନବାଧିକାରୀ କର୍ମୀ ଜୟନ୍ତ କୁମାର ଦାଶ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ଜୟନ୍ତ ପୁରୀ ଏସ୍‌ପି ଏବଂ ଜିଲାପାଳଙ୍କୁ ପକ୍ଷଭୁକ୍ତ କରିଥିଲେ। ମିଳିଥିବା ସୂଚନା ଅନୁସାରେ, ଜୁନ ୧୬ତାରିଖରେ ସନ୍ଧ୍ୟା ୭ଟା ବେଳେ ଗୋପ ଥାନା ନୟାହାଟ ଫାଣ୍ଡି ଅଧୀନ ଏକ ଗ୍ରାମର ଜଣେ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ କଳାବୁଦା ସାମିଲି ଅଲଣା ଗ୍ରାମର ସାଗର ପାତ୍ର, ଦୁଃଶାସନ ଓ ବାଲିଦଣ୍ଡାର ଗିରିଧାରୀ ନାୟକ ଅପହରଣ କରିନେଇଥିଲେ। ପରେ ଫାଣ୍ଡି ଅଧୀନ ନୂଆମଠ ନିକଟ ଏକ ଘରେ ରଖି ୩ଦିନ ଧରି ଅମାନୁଷିକ ଭାବେ ଗଣବଳାତ୍କାର କରିଥିଲେ। ସେହି ମାସ ୧୮ ତାରିଖ ରାତି ୧୦ଟାରେ ନାବାଳିକାଙ୍କୁ ଗୋଟିଏ ବାଇକରେ ଆଣି ଗ୍ରାମ ନିକଟ ଛକରେ ଫୋପାଡି ଫେରାର ହୋଇଯାଇଥିଲେ। ପିଡ଼ିତା ବହୁ କଷ୍ଟରେ ଘରକୁ ଫେରି ଏ ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲେ। ପରେ ୨୭ତାରିଖରେ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନେ ବଳାତ୍କାର ସମୟର ଫଟୋ ଉଠାଇ ଭାଇରାଲ କରିବାକୁ ଧମକ ଦେଇଥିବା ନେଇ ଅଭିଯୋଗରେ ଉଲ୍ଲେଖ ରହିଥିଲା। ଏନେଇ ଥାନାରେ ନଂ.୮୬/୧୯ରେ ମାମଲା ରୁଜୁ ହୋଇଥିଲା। ମାମାଲା ରୁଜୁ କରି ପୋଲିସ ଚୁପ ବସିପଡିଥିଲା। ପୀଡ଼ିତାଙ୍କ ବୟାନ ରେକର୍ଡ ଲାଗି ପୋଲିସ କୋର୍ଟ ନେବା ପରେ ଘଟଣା ପଦାକୁ ଆସିଥିଲା।

### ବିଳମ୍ବ ହେଲେ ହାଜର ହେବେ ଜିଲାପାଳ, ଏସ୍‌ପି






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମାୟାରୁ ମମତା ସୃଷ୍ଟି। ମାୟା ବନ୍ଧନୀ ଛିନ୍ନ କରିଥିବା ସାଧୁମାନଙ୍କ ମନ ଭିତରେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କିଛି ପ୍ରତି ମାୟା ବା ମମତା ନ ଥାଏ।

-କୌଟିଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ମହିଳାଙ୍କୁ ମାଡ଼ମାରି ଯୁବତୀ ଗିରଫ

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ):** ଖାରବେଳନଗର ଥାନା ଅଞ୍ଚଳରେ ଜଣେ ମହିଳା ଦୋକାନୀଙ୍କୁ ଗାଳିଗୁଲଜ ସହ ମାଡ ମାରିଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଉର୍ମିଳା ପଟ୍ଟନାୟକ(୨୦)ଙ୍କୁ ଗିରଫ କରିଛି। ତାଙ୍କ ଘର ଜଗତ୍‌ସିଂହପୁର ଜିଲା ତେଣ୍ଡାକୁଡା ଅଞ୍ଚଳରେ ହୋଇଥିବାବେଳେ ସେ ନିକୋପାର୍କ ବସ୍ତି ଅଞ୍ଚଳରେ ରୁହନ୍ତି। ୟୁନିଟ ୯ ଅଞ୍ଚଳରେ ଓମ୍‌ଫେଡ୍ ଦୋକାନ କରିଥିବା ମଞ୍ଜୁଲତା ଜେନାଙ୍କ ସହ ତାଙ୍କର ଟଙ୍କା ଦେଣନେଣକୁ ନେଇ ବିବାଦ ରହିଥିଲା। ଶୁକ୍ରବାର ସକାଳେ ମଞ୍ଜୁଲତାଙ୍କ ଦୋକାନ ନିକଟରେ ଉର୍ମିଳା ପହଞ୍ଚି ୧୦ ହଜାର ଟଙ୍କା ଦେବାକୁ ଜିଦ୍ କରିଥିଲେ। ମଞ୍ଜୁଲତା ଟଙ୍କା ନ ଦେବାରୁ ସେ ତାଙ୍କୁ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରଥିଲେ। ଏଥିସହ ଦୋକାନରୁ ଜିନିଷପତ୍ର ଫିଙ୍ଗିବା ସହ ମଞ୍ଜୁଲତାଙ୍କୁ ମାଡ ମାରିଥିଲେ ଉର୍ମିଳା। ଅଭିଯୋଗ ପରେ ପୋଲିସ ୩୫୭/୧୯ରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଥିଲା।

### ଲୁଟ୍‌ର ୨ବର୍ଷ ପରେ ଜେଲ୍ ଗଲେ ଅଭିଯୁକ୍ତ

**ଭୁବନେଶ୍ୱର, ୨୭।୧୨(ବ୍ୟୁରୋ):** ଖାରବେଳନଗର ଥାନା ଅଞ୍ଚଳରେ ଛିନତାଇ ଓ ଲୁଟପାଟ ମାମଲାରେ ଫେରାର ଅଭିଯୁକ୍ତଙ୍କୁ ୨ ବର୍ଷ ପରେ ପୋଲିସ ଗିରଫ କରିଛି। ସେ ହେଲେ ଶାନ୍ତିପଲ୍ଲୀ ବସ୍ତି ଅଞ୍ଚଳର ଶେଖ ହନନ୍ (୨୯)। ହନନ୍‌ଙ୍କ ନାମରେ ଖାରବେଳନଗର ଥାନାରେ ପଥଚାରୀ ଏବଂ ବାଇକ୍ ଚାଳକଙ୍କଠାରୁ ଛିନତାଇ ସହ ଲୁଟପାଟ କରୁଥିବାନେଇ ଅଭିଯୋଗ ରହିଥିଲା। ୨୦୧୭ରୁ ହନନ୍ ପୋଲିସକୁ ଚକ୍‌ମା ଦେଇ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ କୋର୍ଟ ପକ୍ଷରୁ ହନନ୍‌ଙ୍କ ନାମରେ ଜାମିନ ବିହୀନ ଗିରଫ ପରଓ୍ୱାନା ଜାରି ହୋଇଥିଲା। ଶୁକ୍ରବାର ପୋଲିସ ଭୁବନେଶ୍ୱର ରେଲୱେ ଷ୍ଟେଶନ ପାଖରୁ ତାଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ କୋର୍ଟ ଚାଲଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଆଦର୍ଶ ଗ୍ରାମର ଉନ୍ନତି ପାଇଁ ପ୍ରଶାସନିକ ତତ୍ପରତା

**ଲଳିତଗିରି,୨୭।୧୨(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅଧୀନ ଲଳିତଗିରି ପଞ୍ଚାୟତକୁ ଆଦର୍ଶ ଗ୍ରାମଭାବେ ଭାରତ ସରକାର ଘୋଷଣା କରିବାର ପ୍ରାୟ ଅଢେଇ ବର୍ଷ ବିତିସାରିଛି। ତେବେ ସେହିଦିନଠାରୁ ଶିଥିଳ ଅବସ୍ଥାରେ ପଡିରହିଥିବା ଏହି ପଞ୍ଚାୟତର ଉନ୍ନତି ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏବେ ଉଦ୍ୟମ ଆରମ୍ଭ ହୋଇଛି। ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କ ଉଦ୍ୟମକ୍ରମେ ଶୁକ୍ରବାର ଜିଲା ପ୍ରକଳ୍ପ ନିର୍ଦ୍ଦେଶିକା ଧରିତ୍ରୀ ବେହେରା, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, ସରପଞ୍ଚ ସୁଜାତା ସିଂହ, ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ଯନ୍ତ୍ରୀ ବିଷ୍ଣୁପ୍ରିୟା ସାହୁ, ପ୍ରାକ୍ତନ ସମିତିସଭ୍ୟ ରୁଦ୍ରନାରାୟଣ ସିଂହ, ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ନାୟକ ଓ ଅନ୍ୟ ସରକାରୀ ଅଧିକାରୀ ଲଳିତଗିରି ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ରହି ଆଦର୍ଶ ଗ୍ରାମର ଉନ୍ନତି ପାଇଁ ଆବଶ୍ୟକ ଭିତ୍ତିଭୂମିର ରୂପରେଖ ଓ କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ।

### ନିରାମୟରୁ ଔଷଧ ନିଅନ୍ତୁ ରୋଗୀ

**କଣ୍ଟାପଡ଼ା,୨୭।୧୨(ଡି.ଏନ୍.ଏ):** ମଇଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଛି। ନିରାମୟରେ ମାଗଣାରେ ଔଷଧ ମିଳୁଥିଲେ ମଧ ରୋଗୀମାନେ ବାହାରୁ କିଣୁଛନ୍ତି। ଏହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ରୋଗୀମାନେ ବାହାରୁ ବଦଳରେ କିପରି ନିରାମୟରୁ ଔଷଧ ନେବେ ସେ ସମ୍ପର୍କରେ ରୋଗୀଙ୍କୁ ସଚେତନ କରିବା ଡାକ୍ତରଙ୍କ ଦାୟିତ୍ୱ। ଡାକ୍ତରଙ୍କୁ ଏ ନେଇ ନିର୍ଦ୍ଦେଶ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। । ରୋଗୀ କଲ୍ୟାଣ ସମିତି ଅଧକ୍ଷ ତଥା ବିଧାୟକ ଡା. ପ୍ରମୋଦ ମଲ୍ଲିକଙ୍କ ଅଧକ୍ଷତାରେ ସମିତିର ସଦସ୍ୟମାନେ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ବାସଗୃହର ମରାମତି ପାଇଁ ଦାବି କରିଥିଲେ। ବୈଠକରେ ବାରଙ୍ଗ ବ୍ଲକ ଅଧକ୍ଷ ସରୋଜ ସାହୁଙ୍କ ସମେତ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

# ବ୍ରିଜ୍ ସଂଯୋଗୀକରଣ ରାସ୍ତାରେ ପଡୁଛି ପଟୁମାଟି

**ନରାଜ,୨୭।୧୨(ଡି.ଏନ.ଏ.)**

**ବାରଙ୍ଗ ବ୍ଲକ**



ରାସ୍ତାରେ ପଟୁମାଟି ପକାଯାଉଛି।

- ନିମ୍ନମାନର କାର୍ଯ୍ୟ ଅଭିଯୋଗ
- ଅବଧି ପରେ ବି ସରୁନି ବ୍ରିଜ୍ କାମ
- ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ
- ଉଚ୍ଚସ୍ତରୀୟ ତଦନ୍ତ ଦାବି

ବାରଙ୍ଗ ବ୍ଲକ ନିକଟସ୍ଥ ପୁରୀ ମେନ କେନାଲ ଉପରେ ଏକ ବ୍ରିଜ୍ ନିର୍ମାଣ କରାଯାଉଛି। ଏହି ବ୍ରିଜ୍‌କୁ ସଂଯୋଗୀକରଣ ପାଇଁ ଏକ ରାସ୍ତା ନିର୍ମାଣ କରାଯାଉଛି। ମାତ୍ର ଉକ୍ତ ରାସ୍ତା କାର୍ଯ୍ୟ ନିମ୍ନମାନର କରାଯାଉଥିବା ନେଇ ଅଭିଯୋଗ ହୋଇଛି। ବ୍ରିଜଟି ୨୦୧୬-୧୭ରେ ଶେଷ ହେବାକୁ ଥିବା ବେଳେ ତାହା ଧାର୍ଯ୍ୟ ସମୟଠାରୁ ପ୍ରାୟ ୩ବର୍ଷ ବିତି ଯାଇଥିଲେ ମଧ ଶେଷ ହୋଇନାହିଁ। ଏପରି କି ଅନେକ ଦିନ ହେବ ଏହି କାମ ବନ୍ଦ ରହିଥିଲା। ଗତ ଅକ୍ଟୋବରରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସ୍ଥାନୀୟ ଲୋକପ୍ରତିନିଧି ଜିଲାପାଳଙ୍କୁ ଏସମ୍ପର୍କରେ ଅଭିଯୋଗ କରିଥିଲେ। ପରେ ବିଭାଗୀୟ ଅଧିକାରୀ ନଭେମ୍ବରରେ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ସମ୍ପୃକ୍ତ ଠିକାଦାର ଡିସେମ୍ବରରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ବର୍ତ୍ତମାନ ପୁରୀ ମେନ କେନାଲରେ ପାଣି ନ ଥିବାରୁ ତାର ସୁଯୋଗ ନେଇ ଠିକାଦାର କେନାଲ କଡରେ ଥିବା ପଟୁମାଟି ଓ ପଙ୍କକୁ ଉଠାଇ ଆପ୍ରୋଚ(ନୂତନ) ରୋଡରେ ବ୍ୟବହାର କରୁଛନ୍ତି। ଫଳରେ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି।

ତ୍ରିଶୁଳିଆ, ବାରଙ୍ଗ ଓ କଟକକୁ ସୁଭାଷ ସେତୁର ସଂଯୋଗୀକରଣପରେ କଟକ ଭୁବନେଶ୍ୱର ମଧ୍ୟରେ ଦୂରତା ହ୍ରାସ ପାଇବା ଯୋଗୁଁ ପ୍ରାୟ ଜନସାଧାରଣ ଏହି ରାସ୍ତାରେ ଯିବାଆସିବା କରିଥାନ୍ତି। କିନ୍ତୁ ଏହିରାସ୍ତାର ପୁରୀ ମେନକେନାଲଠାରେ ନୂତନ ଭାବେ ନିର୍ମାଣ ହେଉଥିବା ବ୍ରିଜଟିର କାମ ବିଳମ୍ବ ଯୋଗୁଁ ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀ ଆଶିଷ କୁମାର ନାୟକଙ୍କୁ ପଚାରିବାରେ ବ୍ରିଜ୍ ଡିଜାଇନ ପରିବର୍ତ୍ତନ ପାଇଁ ବିଳମ୍ବ ଘଟିଛି। ଆପ୍ରୋଚ(ନୂତନ)ରୋଡ ନିର୍ମାଣରେ ବାଲି ମୋହରୋମ ଉପଯୋଗ ହେବାର ବ୍ୟବସ୍ଥା ଅଛି। କିନ୍ତୁ ବ୍ରିଜକାମ ସୁରୁଖୁରୁରେ କରିବା ପାଇଁ ପଟୁମାଟି ଭର୍ତ୍ତି କରାଯାଉଛି। ବ୍ରିଜ ନିର୍ମାଣ ସରିଲେ ପଟୁମାଟି କାଢି ବାଲି ମୋହରୋମରେ ରାସ୍ତା ନିର୍ମାଣ ହେବ ବୋଲି କହିଥିଲେ।

ଅନ୍ୟପକ୍ଷରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଏକଥା ଜାଣିବା ପରେ ତୁରନ୍ତ କାର୍ଯ୍ୟ ବନ୍ଦ କରିଥିବା ସୂଚନା ମିଳିଛି। ସେହିପରି କେନାଲ ମଧ୍ୟରୁ ମାଟି ଉଠାଇବା ପାଇଁ ପ୍ରାଚି ଡିଭିଜନ କିପରି ଅନୁମତି ଦେଲେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି।

## କବିଚନ୍ଦ୍ର କାଳୀଚରଣଙ୍କ ଜୟନ୍ତୀ
# ମଞ୍ଚନାଟକ କ୍ଷେତ୍ରରେ କବିଚନ୍ଦ୍ରଙ୍କ ଅବଦାନ ଚିରସ୍ମରଣୀୟ

**ବଡ଼ମ୍ବା,୨୭।୧୨(ଡି.ଏନ.ଏ.)**

ବଡ଼ମ୍ବା ରାଜ ବିଶ୍ୱମ୍ଭର କ୍ଲବ ପରିସରରେ ସ୍ଥାନୀୟ ପୂଜ୍ୟପୂଜା ପରିଷଦ ପକ୍ଷରୁ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୧୨୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ପୂଜ୍ୟପୂଜା ପରିଷଦ ସଭାପତି ବିରଜା ଚରଣ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା-ନରସିଂହପୁର ବିକଚ ସାହିତ୍ୟ ସଂସଦ ସଭାପତି କବି ଦୁର୍ଯ୍ୟୋଧନ ବରାଳ ଯୋଗଦେଇ ଓଡ଼ିଶାର କଳା, ସାହିତ୍ୟ, ନୃତ୍ୟ, ସଙ୍ଗୀତ ତଥା ମଞ୍ଚନାଟକ କ୍ଷେତ୍ରରେ କବିଚନ୍ଦ୍ରଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବବୋଲି କହିଥିଲେ। ଉତ୍ସବରେ ବଡ଼ମ୍ବା ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କବିଚନ୍ଦ୍ର କାଳୀଚରଣଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ ତଥା କବି ସୂର୍ଯ୍ୟନାରାୟଣ ମିଶ୍ର ସଂଯୋଜନା କରିଥିବାବେଳେ ଅନୁଷ୍ଠାନ ସଦସ୍ୟ ଅମୀୟ ପଟ୍ଟନାୟକ ପରିଚାଳନା କରିଥିଲେ। ସେହିପରି ଅଞ୍ଚଳର ବିଶିଷ୍ଟ ପାଲାଗାୟକ ବ୍ରଜବନ୍ଧୁ ମଲ୍ଲିକଙ୍କ ବିୟୋଗରେ ଶୋକପ୍ରକାଶ କରାଯାଇଥିଲା।



ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ରାସ୍ତା ଅବରୋଧ କରୁଛି ତୋରଣ
# ପଦକ୍ଷେପ ନିମନ୍ତେ ଉପଜିଲାପାଳଙ୍କୁ ସ୍ମାରକପତ୍ର




ମୁଖ୍ୟ ରାସ୍ତାରେ ଲଗାଯାଇଥିବା ବିଭିନ୍ନ ତୋରଣ ।

**ବାଙ୍କୀ,୨୭।୧୨(ସ୍ୱ.ପ୍ର.)**

ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ବିଭିନ୍ନ ରାଜନୈତିକ ଦଳ, ବହୁ ସଂଗଠନ ଓ ବ୍ୟକ୍ତି ବିଶେଷଙ୍କ ତରଫରୁ ନୂତନ ବର୍ଷ ଉପଲକ୍ଷେ ସ୍ୱାଗତ ତୋରଣ ନିର୍ମାଣ କରାଯାଇ ବାଙ୍କୀ ମୁଖ୍ୟ ରାସ୍ତାରେ ଲଗାଯାଇଛି। ଏଥିଯୋଗୁ ରାସ୍ତା ଅବରୋଧ ହୋଇଛି। ମୁଖ୍ୟ ରାସ୍ତାର ଉଭୟପାର୍ଶ୍ୱର ଦୁଇପଟେ ପାଖାପାଖି ୪ଫୁଟ ଲେଖାଏଁ ଗର୍ତ୍ତ ଖୋଳି ତୋରଣ ନିର୍ମାଣ କରାଯାଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ରାସ୍ତା ଅବରୋଧ କରି ଗେଟ୍ ନିର୍ମାଣ କରିଥିବା ବ୍ୟକ୍ତି ଓ ଦଳ ବହୁ ପ୍ରଭାବଶାଳୀ ହୋଇଥିବାରୁ ସାଧାରଣ ଲୋକେ ହଇରାଣ ହରକତ ଓ ଦୁର୍ଘଟଣାର ଶିକାର ହେଲେ ମଧ ମୁହଁ ଖୋଲି କହିବା ସମ୍ଭବ ହେଉନାହିଁ। ମୁଖ୍ୟ ରାସ୍ତାରେ ଯେତିକି ଗେଟ୍ ହୋଇଛି ସେଥିପାଇଁ ଶହଶହ ଗର୍ତ୍ତ ଖୋଳଯାଇଥିବାରୁ ଧନଜୀବନ ହାନି ହେବାର ସମ୍ଭାବନା ଦେଖାଦେଇଛି। ଏ ସମସ୍ତ ଘଟଣା ବାଙ୍କୀ ପୂର୍ତ୍ତ ବିଭାଗ ଜାଣୁଥିଲେ ମଧ ନିରବ। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତୋରଣ ଗୁଡିକ ଭାଙ୍ଗିବା କିମ୍ବା ସେମାନଙ୍କଠାରୁ କ୍ଷତିପୂରଣ ଆଦାୟ କରିବା ପାଇଁ ବାଙ୍କୀ ବୁଦ୍ଧିଜୀବୀ ଫୋରମର ସଭାପତି ଆଡ୍‌ଭୋକେଟ୍ ବିଶ୍ୱଦୟ ମହାପାତ୍ର, ଉପସଭାପତି ଉତ୍କଳମଣି ମନ୍ତ୍ରୀ, ସାଧାରଣ ସମ୍ପାଦକ ପ୍ରଦୀପ ପଟ୍ଟନାୟକ, ସଭ୍ୟ ରଞ୍ଜିତ ତ୍ରିପାଠୀ, ଅମୂଲ୍ୟ ପଟ୍ଟନାୟକ ପ୍ରମୁଖ ବାଙ୍କୀ ଉପଜିଲାପାଳ ଓ ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ବାଙ୍କୀ ଏନଏସି ଅଞ୍ଚଳରେ ଉପଖଣ୍ଡର ସମସ୍ତ କାର୍ଯ୍ୟାଳୟ, କୋର୍ଟ, ଡାକ୍ତରଖାନା, ବ୍ୟାଙ୍କ ବାଙ୍କୀ ନୃସିଂହ ଛକଠାରୁ ଖୋର୍ଦ୍ଧା ଓ କଟକ ଯାଇଥିବା ରାସ୍ତା ଏବଂ ବୈଦେଶ୍ୱର ଯାଇଥିବା ରାସ୍ତା କଡ଼ରେ ରହିଛି। ତେଣୁ ଦକ୍ଷିଣ ପାର୍ଶ୍ୱରେ ନୃସିଂହ ଛକଠାରୁ ବ୍ରହ୍ମେଇଠାକୁରାଣୀଙ୍କ ଛକ, ନୃସିଂହ ଛକଠାରୁ ବାଙ୍କୀ କଚେରି ଛକ, ନୃସିଂହ ଛକ ଠାରୁ ବାଙ୍କୀ କଲେଜ ପର୍ଯ୍ୟନ୍ତ ରାସ୍ତା ସବୁବେଳେ ଜନଗହଳି ରହୁଛି। ଏଥିଯୋଗୁ ହଜାର ହଜାର ଜନସାଧାରଣ, ମୋଟର ସାଇକେଲ, ଚାରିଚକିଆ ଯାନ, ବାଲିଗାଡି ଓ ବସ୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଙ୍କୀ ବୁଦ୍ଧିଜୀବୀ ଫୋରମ୍ ପକ୍ଷରୁ ସେଥିପାଇଁ ବହୁ ବାର ବାଙ୍କୀ ପ୍ରଶାସନ ନିକଟରେ ପ୍ରତିବାଦ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନାହିଁ।

## ଆଳୁ ୧୦, ପିଆଜ କିଲୋ ୫୦

**କଟକ ସଦର,୨୭।୧୨(ଡି.ଏନ୍.ଏ.)**

ରାଜ୍ୟରେ ଆଳୁ ଓ ପିଆଜ ଦର ଆକାଶଛୁଆଁ ଥିବା ବେଳେ ଶୁକ୍ରବାର କଟକ ସଦର ବ୍ଲକ ଅନ୍ତର୍ଗତ କଶୋରନଗର ହାଟରେ ଜଣେ ବେପାରୀ ଆଳୁ କିଲୋ ୧୦ଟଙ୍କା ଓ ପିଆଜ କିଲୋ ୫୦ଟଙ୍କା ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ପ୍ରାୟ ୧ଘଣ୍ଟା ମଧ୍ୟରେ ୫କୁଇଣ୍ଟାଲ ପିଆଜ ଓ ୨୫କୁଇଣ୍ଟାଲ ଆଳୁ ବିକ୍ରି କରିଥିଲେ। ଫଳରେ ଅନ୍ୟ ବ୍ୟବସାୟୀଙ୍କ ବେପାର ଏକ ପ୍ରକାର ଠପ୍ ହୋଇଯାଇଥିଲା। ଏହି ସମୟରେ ପଞ୍ଚାୟତର ଆଦାୟକାରୀ ମହାସୁଲ ପାଇଁ ଜଣେ ବ୍ୟବସାୟୀଙ୍କ ନିକଟରେ ପହଞ୍ଚିଥିଲେ। ମାତ୍ର କୌଣସି ଜିନିଷ ବିକ୍ରି ହୋଇ ନ ଥିବା ସେ କହିଥିଲେ। ପରେ ଅନ୍ୟ ବ୍ୟବସାୟୀମାନେ ଏକତ୍ରିତ ହୋଇ କମ୍ ମୂଲ୍ୟରେ ବିକ୍ରି କରୁଥିବା ବେପାରୀଙ୍କୁ ତାଗିଦ କରିଥିଲେ।

## ପୂର୍ବ ଶତ୍ରୁତାରୁ ମୂକ ବ୍ୟକ୍ତିଙ୍କୁ ଛୁରା ମାଡ଼

**କଟକ ଅଫିସ, ୨୭।୧୨**

**ଅଭିଯୁକ୍ତ ପୁଅ ଗିରଫ, ମା' ଫେରାର**

ମାଲଗୋଦାମ ଥାନା ଅନ୍ତର୍ଗତ ସମାଧିପାଟଣମ ଅଞ୍ଚଳରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ମୂକ ବ୍ୟକ୍ତିଙ୍କୁ ରାଜୁ ନାୟକ (୩୦) ଓ ତାଙ୍କ ମା' ତୁଳସୀ ନାୟକ(୫୦) ଛୁରା ମାଡ଼ କରିଛନ୍ତି। ଏଥିରେ ସମ୍ପୃକ୍ତ ମୂକ ବ୍ୟକ୍ତି ସନିଆ ନାୟକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ସନିଆଙ୍କ ଭଉଣୀ କାଞ୍ଚନ ନାୟକ ମାଲଗୋଦାମ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ କେସ୍ (ନଂ. ୨୬୦/୧୯) ରୁଜୁ କରି ଅଭିଯୁକ୍ତ ରାଜୁଙ୍କୁ ଗିରଫ କରିଥିବାବେଳେ ତାଙ୍କ ମା' ତୁଳସୀ ଫେରାର ଅଛନ୍ତି। ଶନିବାର ରାଜୁଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ସନିଆଙ୍କ ସହ ରାଜୁ ଓ ତାଙ୍କ ମା'ଙ୍କର ପୂର୍ବରୁ ବିବାଦ ସୃଷ୍ଟି ହୋଇ ଶତ୍ରୁତା ଲାଗିରହିଥିଲା। ରାଜୁ ଅନେକ ସମୟରେ ମଦ ପିଇ ସନିଆଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମାରିବାକୁ ଧମକାଉଥିଲେ। ଶୁକ୍ରବାର ପୁଣି ଥରେ କୌଣସି କାରଣକୁ ନେଇ ଉଭୟ ମା', ପୁଅ ସନିଆଙ୍କ ସହ କଳି କରିଥିଲେ। ସନିଆ ଏହାକୁ ବିରୋଧ କରିବାରୁ ଉଭୟ ରାଜୁ ଓ ତୁଳସୀ ଉତକ୍ଷିପ୍ତ ହୋଇ ଏକ ଧାରୁଆ ଛୁରୀରେ ତାଙ୍କୁ ଆକ୍ରମଣ କରିଥିଲେ। ସନିଆ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ।

# ସିଂହନାଥଙ୍କ ମକର ମେଳା ପାଇଁ ପ୍ରସ୍ତୁତି ବୈଠକ

**ବାଙ୍କୀ,୨୭।୧୨(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଅଧୀନ ବୈଦେଶ୍ୱର ନିକଟସ୍ଥ ମହାନଦୀ ବାଲିରେ ସ୍ଥାପିତ ସିଂହନାଥଙ୍କ ପୀଠରେ ଜାନୁୟାରୀ ୧୪ରେ ମକରମେଳା ଉତ୍ସବ ଅନୁଷ୍ଠିତ ହେବ। ଏନେଇ ବାଙ୍କୀ ପୋଲିସ ଓ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବୈଦେଶ୍ୱର ଥାନା ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ, ସହକାରୀ ଜିଲାପାଳ ଦେବଦତ୍ତ ଦାସ, ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁ, ବୈଦେଶ୍ୱର ଥାନା ଅଧିକାରୀ ଶୁଭ୍ରାନ୍ତ ଜେନା, କଳାପଥର ଅଗ୍ନିଶମ ବିଭାଗ କର୍ମଚାରୀ, ବୈଦ୍ୟେଶ୍ୱର ଡାକ୍ତରଖାନାର ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ଥାନୀୟ ବହୁ ବୁଦ୍ଧିଜୀବୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମହାନଦୀରେ ଡଙ୍ଗାଦ୍ୱାରା ଯାତ୍ରୀଙ୍କୁ ନେବା ଆଣିବା ସମୟରେ ସେଫ୍ଟି ଜ୍ୟାକେଟ୍ ପିନ୍ଧିବା ସହ ଡଙ୍ଗାର ଲାଇସେନ୍ସ ନବୀକରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ମହାନଦୀରେ ନିର୍ମାଣାଧୀନ ବୈଦ୍ୟେଶ୍ୱର-ବଡମ୍ବା ପୋଲ ତଳେ ଅସ୍ଥାୟୀ ଭାବରେ ନିର୍ମାଣ କରାଯାଇଥିବା ରାସ୍ତାରେ ଜନସାଧାରଣ ପୀଠକୁ ଯିବାର ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ବୈଦ୍ୟେଶ୍ୱର ଓ ସିଂହନାଥ ଦେବ ପୀଠରେ ପୋଲିସ ଫୋର୍ସ ମୁତୟନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଦ୍ୟେଶ୍ୱରଠାରେ ଅଗ୍ନିଶମ ବିଭାଗକୁ ମୁତୟନ କରାଯିବା ସହିତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦିଆଯିବାକୁ କୁହାଯାଇଛି। ଗାଡି ପାର୍କିଂ ପାଇଁ ସ୍ୱତନ୍ତ୍ର ଜାଗା ଚିହ୍ନଟ କରାଯାଇଛି। ଫଳରେ ଜନସାଧାରଣ ସୁବିଧାରେ ସେମାନଙ୍କ ଗାଡି ରଖିପାରିବେ। ଶୃଙ୍ଖଳାରେ ପୀଠକୁ ଯାଇ ମକର ଯାତ୍ରା ଉପଭୋଗ କରିବା ପାଇଁ ଉପଖଣ୍ଡ ପୋଲିସ ଅଧିକାରୀ ବିଶ୍ୱାଳ ଶ୍ରଦ୍ଧାଳୁଙ୍କୁ ଅନୁରୋଧ କରିଛନ୍ତି।



ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ।

## ସାଲେପୁର ବ୍ଲକ ଆତ୍ମା କମିଟିର ସାଧାରଣ ପରିଷଦ ସଭା
# ଦିଲୀପ ଦାଶ ହେଲେ ସଭାପତି

**ସାଲେପୁର,୨୭।୧୨(ଡି.ଏନ.ଏ.)**

ସାଲେପୁର ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପକ୍ଷରୁ ଆତ୍ମା କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ଆତ୍ମାର ଏକ ସାଧାରଣ ପରିଷଦ ସଭା ଅନୁଷ୍ଠିତ ହୋଇଛି। ଏଥିରେ ସାଲେପୁର ବିଧାୟକ ତଥା ଜିଲା ବିଜୁ କୃଷକ ସେଲ୍ ସଭାପତି ପ୍ରଶାନ୍ତ କୁମାର ବେହେରା ଅଧକ୍ଷତା କରି ଚାଷୀ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବା ପାଇଁ ଚେଷ୍ଟା କରିବେ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ବିଧାୟକ ବେହେରା ଆତ୍ମା କମିଟିର ସଭାପତି ଭାବେ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ କୁମାର ଦାଶଙ୍କ ନାମ ଘୋଷଣା କରିଥିଲେ। ପରେ ନବନିଯୁକ୍ତ ସଭାପତି ଦାଶଙ୍କୁ ସାଲେପୁର ଆତ୍ମା କମିଟି ସଦସ୍ୟାସଦସ୍ୟ ଏବଂ ଜିଲା କୃଷିବିଭାଗ ପକ୍ଷରୁ ସ୍ୱାଗତ କରାଯାଇଥିଲା। ନବନିଯୁକ୍ତ ସଭାପତି ତାଙ୍କ ବକ୍ତବ୍ୟରେ ବିଧାୟକ ବେହେରାଙ୍କୁ କୃତଜ୍ଞତା ଜଣାଇବା ସହ ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ଅଞ୍ଚଳର ଚାଷ ଓ ଚାଷୀର ଉନ୍ନତି କ୍ଷେତ୍ରରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆତ୍ମା କମିଟି ସଭ୍ୟଭାବେ ଚମ୍ପତି ପଞ୍ଚାୟତର ପୁଷ୍ପଜିତ୍ ପ୍ରଧାନ, ତେନ୍ତୋଳ ପଞ୍ଚାୟତର ସଞ୍ଜିତ୍ ଦାଶ, ବନ୍ଧୁଗ୍ରାମ୍‌ର ଅଭୟ ସ୍ୱାଇଁ, ଗୋପିନାଥପୁରର ପ୍ରଶାନ୍ତ ମିଶ୍ର, ଛାଣିପୁରର ଅରୁଣିମା ଷଡ଼ଙ୍ଗୀ, ମୁତାରିଫାର ବିଜୟ ଲକ୍ଷ୍ମୀ ନନ୍ଦ, ମିର୍ଜାପୁରର ସମସାଦ୍ ବେଗମ୍, ତ୍ରିଲୋଚନପୁରର ନିହାରିକା ପଲେଇ, ବାଲିସାହିର ବିଭୂତି ଭୂଷଣ ଦାଶ, ତରିତୋର ଗଗନ ବିହାରି ମହାପାତ୍ର, ରଟିଲୋର କମଳାକାନ୍ତ ନାୟକ ପ୍ରମୁଖ ମନୋନୀତ ହୋଇଛନ୍ତି। ସଭାରେ ଆତ୍ମା କମିଟି ସଦସ୍ୟ ନାରାୟଣ ପତି, ସାଲେପୁର କୃଷିଜିଲା ଅଧିକାରୀ କୈଳାସ ଚନ୍ଦ୍ର ସାମନ୍ତରାୟ, ସହକାରୀ କୃଷି ଅଧିକାରୀ ବିଶ୍ୱଜିତ ପାଟଯୋଶୀ, ଦିବ୍ୟାଶ୍ରୀ ତ୍ରିପାଠୀ, ଶରତ ଚନ୍ଦ୍ର ସିଂହ, ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ସଂଗ୍ରାମ କେଶରୀ କର, ପ୍ରାଣୀ ଚିକିତ୍ସା ଅଧିକାରୀ ବିବେକାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।



ସାଲେପୁର ବ୍ଲକ ଆତ୍ମା କମିଟିର ସାଧାରଣ ପରିଷଦ ସଭାରେ ନୂତନ କର୍ମକର୍ତ୍ତା ଓ ଅତିଥି।

## ମେହନ୍ତର ସଂଘ ଗଠିତ

**ଚୌଦ୍ୱାର,୨୭।୧୨(ଡି.ଏନ୍.ଏ.)** ଚୌଦ୍ୱାର ପୌରପାଳିକାରେ କାର୍ଯ୍ୟରତ ମେହନ୍ତରଙ୍କୁ ନେଇ ଶୁକ୍ରବାର ଏକ ସଂଘ ଗଠିତ ହୋଇଛି। କପାଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନରୋତ୍ତମ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ପୌରପାଳିକାର ସମସ୍ତ ମେହନ୍ତର ଯୋଗଦେଇ ଦାବିସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତାଭାବେ ସଭାପତି ରୋହିତ ନାୟକ, ଉପ-ସଭାପତି ଟିଙ୍କିନା ଗୋଛାୟତ ଓ କୋଷାଧକ୍ଷ ଭାବେ କାହ୍ନା ନାୟକଙ୍କୁ ଚୟନ କରାଯାଇଥିଲା।

## ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଘଟଣା
# ସିଆର୍‌ସିସିଙ୍କୁ ଅଟକ ରଖିଲେ ଗ୍ରାମବାସୀ

**କଣ୍ଟାପଡ଼ା,୨୭।୧୨(ଡି.ଏନ୍.ଏ.)**

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଉତ୍ତାରଣ ପଞ୍ଚାୟତ ଅଲିଙ୍ଗ ଗ୍ରାମର ହରିଜନ ପ୍ରାଥମିକ ବିଦ୍ୟାଳୟକୁ ଶୁକ୍ରବାର ଜଣେ ଶିକ୍ଷକଙ୍କ ବଦଳିଆଦେଶ ନେଇ ଆସିଥିବା ସିଆର୍‌ସିସିଙ୍କୁ ଗ୍ରାମବାସୀ ସ୍କୁଲରେ ଅଟକ ରଖିଥିଲେ। ଅପରାହ୍ନରେ ବଦଳି ଶିକ୍ଷକଙ୍କ ସ୍ଥାନରେ ନୂତନ ଶିକ୍ଷକ ନିଯୁକ୍ତି ଆଦେଶ ମିଳିବା ପରେ ଗ୍ରାମବାସୀ ସମ୍ପୃକ୍ତ ସିଆର୍‌ସିସିଙ୍କୁ ମୁକୁଳାଇ ଥିଲେ।

ସୂଚନାଥାଉ କି, ଉକ୍ତ ବିଦ୍ୟାଳୟରେ ୫ଟି ଶ୍ରେଣୀ ପାଇଁ ୨ଜଣ ଶିକ୍ଷକ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳି ହୋଇଯାଇଥିଲା। ନୂତନ ଶିକ୍ଷକ ନିଯୁକ୍ତି ଦାବିକରି ଗ୍ରାମବାସୀ ଗତ ୧୮ତାରିଖରେ ବିଦ୍ୟାଳୟରେ ତାଲା ପକାଇଥିଲେ। ଖବରପାଇ କଣ୍ଟାପଡ଼ା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବାରିକ ବିଦ୍ୟାଳୟରେ ପହଞ୍ଚି ୪ ଦିନ ମଧ୍ୟରେ ନୂତନ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ତାଲା ଖୋଲିଥିଲେ। ଏହା ମଧ୍ୟରେ ୯ଦିନ ବିତିବାକୁ ବସିଥିବା ବେଳେ ବଦଳି ଶିକ୍ଷକଙ୍କ ସ୍ଥାନରେ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ନ ଥିଲା। ସିଆର୍‌ସିସି ରବୀନ୍ଦ୍ରନାଥ ରାଉତରାୟ ବଦଳି ଆଦେଶ ନେଇ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟା ରେ ସ୍କୁଲରେ ପହଞ୍ଚି ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ରିଲିଭ କରିବା ପାଇଁ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ପ୍ରଧାନଙ୍କୁ କହିଥିଲେ। ଖବରପାଇ ଗ୍ରାମବାସୀ ସ୍କୁଲରେ ପହଞ୍ଚି ବିଦ୍ୟାଳୟରେ ତାଲା ପକାଇବା ସହିତ ସିଆରସିସିଙ୍କୁ ଅଟକ ରଖିଥିଲେ। ଏହାର ସମାଧାନ ପାଇଁ କଣ୍ଟାପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କୁ ନିବେଦନ କରାଯାଇଥିଲା। ଅପରାହ୍ନରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଅଚ୍ୟୁତ ପ୍ରଧାନ, ଶିକ୍ଷକ ନେତା କିଶୋର ରାଉତରାୟ, ରବୀନ୍ଦ୍ର ସାଥୁଆ, କୃପାସିନ୍ଧୁ ମହାନ୍ତି ପ୍ରମୁଖ ବଡ଼ମଲେଇ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ସେଠାକୁ ବଦଳି କରାଯାଇଥିବା ଆଦେଶ ନେଇ ପହଞ୍ଚିଥିଲେ। ଉତ୍ତାରଣ ପଞ୍ଚାୟତର ସରପଞ୍ଚଙ୍କ ସହ ଆଲୋଚନା ପରେ ସମସ୍ୟାର ସମାଧାନ ହୋଇଥିଲା।



ମାୟାରୁ ମମତା ସୃଷ୍ଟି। ମାୟା ବନ୍ଧନୀ ଛିନ୍ନ କରିଥିବା ସାଧୁମାନଙ୍କ ମନ ଭିତରେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କିଛି ପ୍ରତି ମାୟା ବା ମମତା ନ ଥାଏ।
- କୌଟିଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ମହିଳାଙ୍କୁ ମାଡ଼ମାରି ଯୁବତୀ ଗିରଫ

**ଭୁବନେଶ୍ୱର, ୨୭।୧୨(ବ୍ୟୁରୋ):** ଖାରବେଳନଗର ଥାନା ଅଞ୍ଚଳରେ ଜଣେ ମହିଳା ଦୋକାନୀଙ୍କୁ ଗାଳିଗୁଲଜ ସହ ମାଡ ମାରିଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଉର୍ମିଳା ପଟ୍ଟନାୟକଙ୍କୁ ଗିରଫ କରିଛି। ତାଙ୍କ ଘର ଜଗତ୍‌ସିଂହପୁର ଜିଲା ତେଣ୍ଡାକୁଡା ଅଞ୍ଚଳରେ ହୋଇଥିବାବେଳେ ସେ ନିକୋପାର୍କ ବସ୍ତି ଅଞ୍ଚଳରେ ରୁହନ୍ତି। ୟୁନିଟ ୯ ଅଞ୍ଚଳରେ ଓମ୍‌ଫେଡ୍ ଦୋକାନ କରିଥିବା ମଞ୍ଜୁଲତା ଜେନାଙ୍କ ସହ ତାଙ୍କର ଟଙ୍କା ଦେଣନେଣକୁ ନେଇ ବିବାଦ ରହିଥିଲା। ଶୁକ୍ରବାର ସକାଳେ ମଞ୍ଜୁଲତାଙ୍କ ଦୋକାନ ନିକଟରେ ଉର୍ମିଳା ପହଞ୍ଚି ୧୦ ହଜାର ଟଙ୍କା ଦେବାକୁ ଜିଦ୍ କରିଥିଲେ। ମଞ୍ଜୁଲତା ଟଙ୍କା ନ ଦେବାରୁ ସେ ତାଙ୍କୁ ତାଙ୍କୁ ଗାଳିଗୁଲଜ ସହ ମାଡ ମାରିଥିଲେ ଉର୍ମିଳା। ଅଭିଯୋଗ ପରେ ପୋଲିସ ୩୫୭/୧୯ରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଥିଲା।

### ବିଶ୍ୱନାଥ କରଙ୍କ ୬୪ତମ ଜୟନ୍ତୀ

**କଟକ ଅଫିସ, ୨୭।୧୨:** ବାଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ଅଭୀପ୍‌ସା ପକ୍ଷରୁ ଶୁକ୍ରବାର କବି ବିଶ୍ୱନାଥ କରଙ୍କ ୬୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସଂଗ୍ରାମ କେଶରୀ ନାୟକ ଅଧ୍ୟକ୍ଷତା କରିଥିଲେ। ଅଭିନେତା ପ୍ରକାଶ ଚନ୍ଦ୍ର ରାଉତ ଅତିଥି ପରିଚୟ ପ୍ରଦାନ କରଥିଲେ। ଏହି ଅବସରରେ 'ନିଜ ପାଖରେ ଅଟକି ଯାଉଥିବା ଜୀବନ' କବିତା ପୁସ୍ତକ ଲୋକାର୍ପଣ ଓ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କବି ହୁସେନ ରବି ଗାନ୍ଧୀ ଯୋଗଦେଇ କହିଥିଲେ, ଯେଉଁ କବି ଆତ୍ମଯଜ୍ଞ କରିପାରନ୍ତି ସେମାନେ କାଳଜୟୀ ହୁଅନ୍ତି। ମୁଖ୍ୟବକ୍ତା ଭାବେ ପଣ୍ଡିତ ମନୋରଞ୍ଜନ ନନ୍ଦ ଯୋଗଦେଇ ବିଶ୍ୱନାଥଙ୍କ କବିତା ସମୂହ ହୃଦୟକୁ ଛୁଇଁଥାଏ ବୋଲି କହିଥିଲେ। ପ୍ରକାଶ ଚନ୍ଦ୍ର ସିଲ ଧନ୍ୟବାଦ ଦେଇଥିଲେ।

### ପ୍ରମୋଦ ଚନ୍ଦ୍ର ପଣ୍ଡାଙ୍କ ସ୍ମୃତିସଭା

**କଟକ ଅଫିସ, ୨୭।୧୨:** ଦି ଲ' କଲେଜ ପୁରାତନ ଛାତ୍ର ସଂଘ ପକ୍ଷରୁ ପ୍ରମୋଦ ଚନ୍ଦ୍ର ପଣ୍ଡାଙ୍କ ସ୍ମୃତିସଭା ଶୁକ୍ରବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସମ୍ପାଦକ ଆଇନଜୀବୀ ବିଭୁ ପ୍ରସନ୍ନ ମହାପାତ୍ର ଅଧ୍ୟକ୍ଷତା କରି କହିଥିଲେ ଯେ, ପ୍ରମୋଦ ବାବୁ ଦି ଲ' କଲେଜର ପ୍ରତିଷ୍ଠାତା ଓ ଟ୍ରଷ୍ଟି ଥିଲେ। ସେ ଜୀବନର ଶେଷ ପର୍ଯ୍ୟନ୍ତ ବହୁ ଉନ୍ନତିମୂଳକ କାର୍ଯ୍ୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସଂଘର ଉପସଭାପତି ଆଇନଜୀବୀ ସୁବାସ ଚନ୍ଦ୍ର ମହାନ୍ତି, ସହସମ୍ପାଦକ ଅସିତ କୁମାର ଜେନା, ସହସମ୍ପାଦକ ବେଣୁଧର ବସ୍ତିଆ, କୋଷାଧ୍ୟକ୍ଷ ଶୁଭାଶିଷ ମହାନ୍ତି ପ୍ରମୁଖ ସଭାରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ଗରିବ ବୃଦ୍ଧାବୃଦ୍ଧଙ୍କୁ ସହାୟତା

**କଟକ ଅଫିସ, ୨୭।୧୨:** ବିଜେଡିର ୨୩ତମ ପ୍ରତିଷ୍ଠା ଦିବସରେ ସିଡିଏ ସେକ୍ଟର-୬ ତଥା ୬ନମ୍ବର ୱାର୍ଡରେ କମ୍ବଳ ବଣ୍ଟନ କରାଯାଇଛି। ପୂର୍ବତନ କର୍ପୋରେଟର ସଂଯୁକ୍ତା ସାହୁ ୭୫ଜଣ ଗରିବ ବୃଦ୍ଧା ଓ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଆଇନଜୀବୀ ଗଦାଧର ସାହୁ, ଇଂ. ନିଶାକର ଦାଶ, ପ୍ରେମାନନ୍ଦ ଦାଶ, ଅଶୋକ ପଟ୍ଟନାୟକ, ରମଣ ବାଗୋଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରିଜ୍ ସଂଯୋଗୀକରଣ ରାସ୍ତାରେ ପଡୁଛି ପଟୁ ମାଟି

**ନରାଜ, ୨୭।୧୨(ଡି.ଏନ.ଏ.)**

**ବାରଙ୍ଗ ବ୍ଲକ**



ସଂଯୋଗୀକରଣ ରାସ୍ତାରେ ପଟୁମାଟି ପକାଯାଉଛି।

- ନିମ୍ନମାନର କାର୍ଯ୍ୟ ଅଭିଯୋଗ
- ଅବଧି ପରେ ବି ସରୁନି ବ୍ରିଜ୍ କାମ
- ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ
- ଉଚ୍ଚସ୍ତରୀୟ ତଦନ୍ତ ଦାବି

ବାରଙ୍ଗ ବ୍ଲକ ନିକଟସ୍ଥ ପୁରୀ ମେନ କେନାଲ ଉପରେ ଏକ ବ୍ରିଜ୍ ନିର୍ମାଣ କରାଯାଉଛି। ଏହି ବ୍ରିଜ୍‌କୁ ସଂଯୋଗୀକରଣ ପାଇଁ ଏକ ରାସ୍ତା ନିର୍ମାଣ କରାଯାଉଛି। ମାତ୍ର ଉକ୍ତ ରାସ୍ତା କାର୍ଯ୍ୟ ନିମ୍ନମାନର କରାଯାଉଥିବା ନେଇ ଅଭିଯୋଗ ହୋଇଛି। ବ୍ରିଜଟି ୨୦୧୬-୧୭ରେ ଶେଷ ହେବାକୁ ଥିବା ବେଳେ ତାହା ଧାର୍ଯ୍ୟ ସମୟଠାରୁ ପ୍ରାୟ ୩ବର୍ଷ ବିତି ଯାଇଥିଲେ ମଧ୍ୟ ଶେଷ ହୋଇନାହିଁ। ଏପରି କି ଅନେକ ଦିନ ହେବ ଏହି କାମ ବନ୍ଦ ରହିଥିଲା। ଗତ ଅକ୍ଟୋବରରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସ୍ଥାନୀୟ ଲୋକପ୍ରତିନିଧି ଜିଲାପାଳଙ୍କୁ ଏସମ୍ପର୍କରେ ଅଭିଯୋଗ କରିଥିଲେ। ପରେ ବିଭାଗୀୟ ଅଧିକାରୀ ନଭେମ୍ବରରେ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ସମ୍ପୃକ୍ତ ଠିକାଦାର ଡିସେମ୍ବରରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ବର୍ତ୍ତମାନ ପୁରୀ ମେନ କେନାଲରେ ପାଣି ନ ଥିବାରୁ ତାର ସୁଯୋଗ ନେଇ ଠିକାଦାର କେନାଲ କଡରେ ଥିବା ପଟୁମାଟି ଓ ପଙ୍କକୁ ଉଠାଇ ଆପ୍ରୋଚ(ନୂତନ) ରୋଡରେ ବ୍ୟବହାର କରୁଛନ୍ତି। ଫଳରେ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି।

ତ୍ରିଶୁଳିଆ, ବାରଙ୍ଗ ଓ କଟକକୁ ସୁଭାଷ ସେତୁର ସଂଯୋଗୀକରଣପରେ କଟକ ଭୁବନେଶ୍ୱର ମଧ୍ୟରେ ଦୂରତା ହ୍ରାସ ପାଇବା ଯୋଗୁଁ ପ୍ରାୟ ଜନସାଧାରଣ ଏହି ରାସ୍ତାରେ ଯିବାଆସିବା କରିଥାନ୍ତି। କିନ୍ତୁ ଏହିରାସ୍ତାର ପୁରୀ ମେନକେନାଲଠାରେ ନୂତନ ଭାବେ ନିର୍ମାଣ ହେଉଥିବା ବ୍ରିଜଟିର କାମ ବିଳମ୍ୱ ଯୋଗୁଁ ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀ ଆଶିଷ କୁମାର ନାୟକଙ୍କୁ ପଚାରିବାରେ ବ୍ରିଜ୍ ଡିଜାଇନ ପରିବର୍ତ୍ତନ ପାଇଁ ବିଳମ୍ୱ ଘଟିଛି। ଆପ୍ରୋଚ(ନୂତନ)ରୋଡ ନିର୍ମାଣରେ ବାଲି ମୋହରୋମ ଉପଯୋଗ ହେବାର ବ୍ୟବସ୍ଥା ଅଛି। କିନ୍ତୁ ବ୍ରିଜକାମ ସୁରୁଖୁରୁରେ କରିବା ପାଇଁ ପଟୁମାଟି ଭର୍ତ୍ତି କରାଯାଉଛି। ବ୍ରିଜ ନିର୍ମାଣ ସରିଲେ ପଟୁମାଟି କାଢି ବାଲି ମୋହରୋମରେ ରାସ୍ତା ନିର୍ମାଣ ହେବ ବୋଲି କହିଥିଲେ।

ଅନ୍ୟପକ୍ଷରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଏକଥା ଜାଣିବା ପରେ ତୁରନ୍ତ କାର୍ଯ୍ୟ ବନ୍ଦ କରିଥିବା ସୂଚନା ମିଳିଛି। ସେହିପରି କେନାଲ ମଧ୍ୟରୁ ମାଟି ଉଠାଇବା ପାଇଁ ପ୍ରାଚି ଡିଭିଜନ କିପରି ଅନୁମତି ଦେଲେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି।

# ପୂର୍ବ ଶତ୍ରୁତାରୁ ମୂକ ବ୍ୟକ୍ତିଙ୍କୁ ଛୁରାମାଡ଼

**କଟକ ଅଫିସ, ୨୭।୧୨**

**ଅଭିଯୁକ୍ତ ପୁଅ ଗିରଫ, ମା' ଫେରାର**

ମାଲଗୋଦାମ ଥାନା ଅନ୍ତର୍ଗତ ସମାଧିପାଟଣମ ଅଞ୍ଚଳରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ମୂକ ବ୍ୟକ୍ତିଙ୍କୁ ରାଜୁ ନାୟକ (୩୦) ଓ ତାଙ୍କ ମା' ତୁଳସୀ ନାୟକ(୫୦) ଛୁରା ମାଡ଼ କରିଛନ୍ତି। ଏଥିରେ ସମ୍ପୃକ୍ତ ମୂକ ବ୍ୟକ୍ତି ସନିଆ ନାୟକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ସନିଆଙ୍କ ଭଉଣୀ କାଞ୍ଚନ ନାୟକ ମାଲଗୋଦାମ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ କେସ୍ (ନଂ. ୨୬୦/୧୯) ରୁଜୁ କରି ଅଭିଯୁକ୍ତ ରାଜୁଙ୍କୁ ଗିରଫ କରିଥିବାବେଳେ ତାଙ୍କ ମା' ତୁଳସୀ ଫେରାର ଅଛନ୍ତି। ଶନିବାର ରାଜୁଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ସନିଆଙ୍କ ସହ ରାଜୁ ଓ ତାଙ୍କ ମା'ଙ୍କର ପୂର୍ବରୁ ବିବାଦ ସୃଷ୍ଟି ହୋଇ ଶତ୍ରୁତା ଲାଗିରହିଥିଲା। ରାଜୁ ଅନେକ ସମୟରେ ମଦ ପିଇ ସନିଆଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମାରିବାକୁ ଧମକାଉଥିଲେ। ଶୁକ୍ରବାର ପୁଣି ଥରେ କୌଣସି କାରଣକୁ ନେଇ ଉଭୟ ମା', ପୁଅ ସନିଆଙ୍କ ସହ କଳି କରିଥିଲେ। ସନିଆ ଏହାକୁ ବିରୋଧ କରିବାରୁ ଉଭୟ ରାଜୁ ଓ ତୁଳସୀ ଉତକ୍ଷିପ୍ତ ହୋଇ ଏକ ଧାରୁଆ ଛୁରିରେ ତାଙ୍କୁ ଆକ୍ରମଣ କରିଥିଲେ। ସନିଆ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ।

# ନିରାମୟରୁ ଔଷଧ ନିଅନ୍ତୁ ରୋଗୀ

**କଣ୍ଟାପଡ଼ା, ୨୭।୧୨(ଡି.ଏନ୍.ଏ)**

ମଇଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ନିରାମୟରେ ମାଗଣାରେ ଔଷଧ ମିଳୁଥିଲେ ମଧ୍ୟ ରୋଗୀମାନେ ବାହାରୁ କିଣୁଛନ୍ତି। ଏହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ରୋଗୀମାନେ ବାହାରୁ ଔଷଧ ନଆଣି ନିରାମୟରୁ ଔଷଧ ନେବେ, ସେ ସମ୍ପର୍କରେ ରୋଗୀଙ୍କୁ ସଚେତନ କରିବା ଡାକ୍ତରଙ୍କ ଦାୟିତ୍ୱ। ଡାକ୍ତରଙ୍କୁ ଏ ନେଇ ନିର୍ଦ୍ଦେଶ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। । ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷ ତଥା ବିଧାୟକ ଡା. ପ୍ରମୋଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମିତିର ସଦସ୍ୟମାନେ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ବାସଗୃହର ମରାମତି ପାଇଁ ଦାବି କରିଥିଲେ। ମୁଖ୍ୟ ଚିକିତ୍ସାଧିକାରୀ ଡା.ସୁବାସ ଚନ୍ଦ୍ର ଗୋଛାୟତ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ବାରଙ୍ଗ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁଙ୍କ ସମେତ ସମିତି ସଭ୍ୟମାନେ ଯୋଗଦେଇଥିଲେ।



ସତ୍ୟବ୍ରତ ଷ୍ଟାଡିୟମରେ ସେଣ୍ଟ ଜାଭିୟର୍ସ୍ ଗ୍ରୁପ୍ ଅଫ୍ ସ୍କୁଲ ପକ୍ଷରୁ ମହାକ୍ରୀଡ଼ା ମହୋତ୍ସବ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିବା ଅତିଥିବୃନ୍ଦ।

# ମେହନ୍ତର ସଂଘ ଗଠିତ

**ଚୌଦ୍ୱାର, ୨୭।୧୨(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକାରେ କାର୍ଯ୍ୟରତ ମେହନ୍ତରଙ୍କୁ ନେଇ ଶୁକ୍ରବାର ଏକ ସଂଘ ଗଠିତ ହୋଇଛି। କପାଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସାମାଜିକ କର୍ମୀ ନରୋତ୍ତମ ଦାସଙ୍କ ଆବାହକତ୍ତ୍ୱରେ ଅନୁଷ୍ଠିତ ବୈଠକରେ ପୌରପାଳିକାର ସମସ୍ତ ୱାର୍ଡର ମେହନ୍ତରମାନେ ଯୋଗଦେଇ ସେମାନଙ୍କର ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହ ୬ଦଫା ସମ୍ବଳିତ ଏକ ଦାବିପତ୍ର ଦାୟିତ୍ୱରେ ଥିବା ସଫେଇ ଠିକାଦାରକୁ ପ୍ରଦାନ କରିଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତାଭାବେ ସଭାପତି ରୋହିତ ନାୟକ, ଉପ-ସଭାପତି ଟିଙ୍କିନା ଗୋଛାୟତ ଓ କୋଷାଧ୍ୟକ୍ଷ ଭାବେ କାହ୍ନା ନାୟକଙ୍କୁ ଚୟନ କରାଯାଇଥିଲା। ବୈଠକରେ ଲିଟୁନ ନାଏକ, ଶ୍ରୀଧର ନାଏକ, ଅନୁ ନାଏକ, ମାୟାଧର ନାଏକ, ଟୁକୁ ନାଏକ, ନାରାୟଣ ନାଏକ, ବିଶ୍ୱନାଥ ନାଏକ ଉପସ୍ଥିତ ଥିଲେ।

# ଆଳୁ ୧୦, ପିଆଜ କିଲୋ ୫୦

**କଟକ ସଦର, ୨୭।୧୨(ଡି.ଏନ୍.ଏ.)**

ରାଜ୍ୟରେ ଆଳୁ ଓ ପିଆଜ ଦର ଆକାଶଛୁଆଁ ଥିବା ବେଳେ ଶୁକ୍ରବାର କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର ହାଟରେ ଜଣେ ବେପାରୀ ଆଳୁ କିଲୋ ୧୦ଟଙ୍କା ଓ ପିଆଜ କିଲୋ ୫୦ଟଙ୍କା ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ପ୍ରାୟ ୧ଘଣ୍ଟା ମଧ୍ୟରେ ୫କୁଇଣ୍ଟାଲ ପିଆଜ ଓ ୨୫କୁଇଣ୍ଟାଲ ଆଳୁ ବିକ୍ରି କରିଥିଲେ। ଫଳରେ ଅନ୍ୟ ବ୍ୟବସାୟୀଙ୍କ ବେପାର ଏକ ପ୍ରକାର ଠପ୍ ହୋଇଯାଇଥିଲା। ଏହି ସମୟରେ ପଞ୍ଚାୟତର ଆଦାୟକାରୀ ମାହାସୁଲ ପାଇଁ ଜଣେ ବ୍ୟବସାୟୀଙ୍କ ନିକଟରେ ପହଞ୍ଚିଥିଲେ। ମାତ୍ର କୌଣସି ଜିନିଷ ବିକ୍ରି ହୋଇ ନ ଥିବା ସେ କହିଥିଲେ। ପରେ ଅନ୍ୟ ବ୍ୟବସାୟୀମାନେ ଏକତ୍ରିତ ହୋଇ କମ୍ ମୂଲ୍ୟରେ ବିକ୍ରି କରୁଥିବା ବେପାରୀଙ୍କୁ ତାଗିଦ କରିଥିଲେ।

# 'ବାରବାଟୀ କାର୍ନିଭାଲ୍'ରେ ଐତିହ୍ୟ, ସଂସ୍କୃତିର ଝଲକ

**କଟକ ଅଫିସ, ୨୭।୧୨**

**ଇନ୍‌ସ୍ୱମ୍ ଉଦ୍‌ଘାଟିତ**

ସେଣ୍ଟ ଜାଭିୟର୍ସ୍ ଗ୍ରୁପ୍ ଅଫ୍ ସ୍କୁଲ ପକ୍ଷରୁ ମହାକ୍ରୀଡ଼ା ମହୋତ୍ସବ ଇନ୍‌ସ୍ୱମ-୨୦୧୯ ଶୁକ୍ରବାର ସତ୍ୟବ୍ରତ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ସମାଜର ପ୍ରକାଶକ ତଥା ମୁଦ୍ରାକର ନିରଞ୍ଜନ ରଥ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କଟକ-ବାରବାଟୀ ବିଧାୟକ ଇଂ. ମହମ୍ମଦ ମୋକିମ, ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ଏଡିଏମ୍ ବିଜୟ କୁମାର ଖଣ୍ଡାୟତରାୟ ପ୍ରମୁଖ ଯୋଗଦେଇ କ୍ରୀଡ଼ାର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଏଥିରେ ୬ଟି ରାଜ୍ୟର ୧୨ଶହ ପ୍ରତିଯୋଗୀ ଭାଗ ନେଇଛନ୍ତି। ପ୍ରତିଯୋଗୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ବାରବାଟୀ କାର୍ନିଭାଲ୍'ରେ କଟକର ବାଲିଯାତ୍ରା, ସାଧବ ପୁଅ, ବାରବାଟୀ ଦୁର୍ଗ ଏବଂ ଐତିହ୍ୟ, ପରମ୍ପରା ଓ ସଂସ୍କୃତି ଉପରେ ଆଧାରିତ ନୃତ୍ୟଗୀତ ପରିବେଷଣ ହୋଇଥିଲା।

# ହସ୍ତାନ୍ତର ହେଉନି ସରକାରୀ କୋଠା

**କଟକସଦର, ୨୭।୧୨(ଡି.ଏନ୍.ଏ.)**

**ଅଟକି ରହିଛି ଠିକାଦାରଙ୍କ ବିଲ୍**

କଟକ ସଦର ବ୍ଲକରେ ବିଭିନ୍ନ ସରକାରୀ ବିଭାଗର କୋଠାଗୁଡ଼ିକ ନିର୍ମାଣ କାର୍ଯ୍ୟ ଚାଲିଛି। ଅନେକ ସ୍ଥାନରେ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରାଯାଇନାହିଁ। ଫଳରେ ଜନସାଧାରଣଙ୍କ ସେବାରେ ଲାଗିପାରୁ ନାହିଁ। ଠିକାଦାରଙ୍କୁ ଠିକ୍ ସମୟରେ ବିଲ୍ ପୈଠ କରାଯାଉ ନ ଥିବାରୁ ଗୃହ ହସ୍ତାନ୍ତର ପ୍ରକ୍ରିୟାରେ ବିଳମ୍ବ ହେଉଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ବମ୍ଫୁରୀ ଉପ-ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣ ପ୍ରାୟ ୭ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା। ସଦର ବ୍ଲକ ତତ୍ତ୍ୱାବଧାନରେ ୫ଲକ୍ଷ ଟଙ୍କାର ବ୍ୟୟ ଅଟକଳ ସହ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ କାର୍ଯ୍ୟ ସରିନାହିଁ। ଠିକାଦାର ଜଣକ ୭୦ପ୍ରତିଶତ ବିଲ ପାଇଥିବାରୁ ନିର୍ମାଣ କାର୍ଯ୍ୟ ଶେଷ କରୁନାହାନ୍ତି ବୋଲି ଜଣାପଡିଛି। ସେହିପରି କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନ୍ ଅର୍ନ୍ତଗତ ଫକିରପଡ଼ା ଠାରେ ଏକ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣ ଶେଷ ହୋଇଛି। କିନ୍ତୁ ଠିକାଦାର ଜଣକ ସମ୍ପୂର୍ଣ୍ଣ ବିଲ୍ ପାଇ ନ ଥିବାରୁ ଗୃହକୁ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତରିତ ହୋଇପାରୁ ନାହିଁ। କଟକ ସଦର ବ୍ଲକ ତତ୍ତ୍ୱାବଧାନରେ ୧୦ଟି ଅଙ୍ଗନୱାଡି କେନ୍ଦ୍ର ଓ ବାରିବାଟୀ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ଗତ ୪ବର୍ଷ ହେବ ଚାଲିଛି। ନିର୍ମାଣକାରୀ ସଂସ୍ଥାକୁ ଠିକ୍ ସମୟରେ ବିଲ୍ ଦିଆଯାଉନାହିଁ। କାମ କେବେ ସରିବ, ତାହା ଠିକାଦାର କିମ୍ବା ଅଧିକାରୀ, କେହି ସ୍ପଷ୍ଟ କହିପାରୁନାହାନ୍ତି । ଏ ସମ୍ପର୍କରେ କଟକସଦର ଭାରପ୍ରାପ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡା ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀଯନ୍ତ୍ରୀ ସନ୍ତୋଷ କୁମାର ମିଶ୍ର କୁହନ୍ତି, ଏ ସମ୍ପର୍କିତ ଦସ୍ତାବିଜ ନ ଦେଖିଲେ, କିଛି କହିପାରିବି ନାହିଁ ବୋଲି କହିଥିଲେ।

# 'ଲକ୍ଷ୍ୟ ସ୍ଥିର କରି ଆଗକୁ ବଢ଼ିବା ଉଚିତ'

**କଟକ ଅଫିସ, ୨୭।୧୨**





ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ସାଂସ୍କୃତିକ ଓ ନାଟ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳ ସଚିବ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଛାତ୍ରୀଛାତ୍ରମାନେ ନିଜ ଅନ୍ତରାତ୍ମାର ଆହ୍ୱାନ ଶୁଣି ନିଜ ଲକ୍ଷ୍ୟ ସ୍ଥିର କରି ଆଗକୁ ବଢ଼ିବା ଉଚିତ। ସମ୍ମାନିତ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁ ଯୋଗଦେଇ ଦୃଢ ଇଚ୍ଛାଶକ୍ତି ଓ ସକାରାତ୍ମକ ଚିନ୍ତାଧାରା ଶ୍ରେଷ୍ଠ ମଣିଷ ସୃଷ୍ଟି କରିବାରେ ସାହାଯ୍ୟ କରେ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ବରିଷ୍ଠ ଅଭିନେତା ମିହିର ଦାସ ଓ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଯୋଗଦେଇ ରେଭେନ୍‌ଶାର ଐତିହ୍ୟ ଓ ଗୌରବ ବିଷୟରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ମଞ୍ଜୁଶ୍ରୀ ଗୁରୁ, ପରିଷଦର ଉପସଭାପତି ଅଧ୍ୟାପିକା ପ୍ରଜ୍ଞା ପାଲ, ଡ. ସନାତନ ବେହେରା, ପ୍ରାଧ୍ୟାପିକା ପୁଷ୍ପାଞ୍ଜଳି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ରୀତା ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ପ୍ରତିଭାରାଣୀ ବାରିକ ଧନ୍ୟବାଦ ଦେଇଥିଲେ।

# ସିଏଏ, ଏନ୍‌ଆର୍‌ସି ବିରୋଧରେ ମାନବଶୃଙ୍ଖଳ

**କଟକ ଅଫିସ, ୨୭।୧୨**





କଟକ ନାଗରିକ ସମାଜ ପକ୍ଷରୁ ପ୍ରତିବାଦ କରାଯାଉଛି।

କେନ୍ଦ୍ର ସରକାର ବେକାରୀ, ଦରଦାମ୍ ବୃଦ୍ଧି ଓ ସାଧାରଣ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛନ୍ତି। ସେହିପରି ଛାତ୍ର, ଯୁବକ, ମହିଳା, ଚାଷୀ, ଶ୍ରମିକଙ୍କ ସମସ୍ୟା ମଧ୍ୟ ଦୂର କରିପାରି ନାହାନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଦେଶର ଜନସାଧାରଣଙ୍କୁ ଧର୍ମ ଭିତ୍ତିରେ ଭାଗ ଭାଗ କରି ନିର୍ବାଚନୀ ଫାଇଦା ହାସଲ ପାଇଁ ଉଦ୍ୟମ କରୁଛନ୍ତି ବୋଲି ମହାନଗର ନାଗରିକ ମଞ୍ଚ ଅଭିଯୋଗ କରିଛି। ସେହିପରି ସିଏଏ ଏବଂ ଏନ୍‌ଆର୍‌ସି ଲାଗୁ ବିରୋଧରେ ଶୁକ୍ରବାର ନେତାଜୀ ସେତୁ ପାଖରେ ସଙ୍ଗଠନ ପକ୍ଷରୁ ଏକ ମାନବ ଶୃଙ୍ଖଳ ଅନୁଷ୍ଠିତ ହୋଇଥିଲା। ନାଗରିକତ୍ୱ ସଂଶୋଧନ ଆଇନ, ପ୍ରସ୍ତାବିତ ଏନ୍‌ପିଆର୍ ଓ ଏନ୍‌ଆର୍‌ସି ପ୍ରତ୍ୟାହାର, ତୁରନ୍ତ ଆନ୍ଦୋଳନକାରୀଙ୍କ ଉପରେ ଅତ୍ୟାଚାର ବନ୍ଦ, ସମ୍ପୃକ୍ତ ପୋଲିସ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ମୃତାହତଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବା ଆଦି ଦାବିରେ ବିଭିନ୍ନ ନାଗରିକ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଏହି ବିଶାଳ ମାନବ ଶୃଙ୍ଖଳ କରାଯାଇଥିଲା। ଏଥିରେ ପ୍ରଫେସର ବୀରେନ୍ଦ୍ର ନାୟକ, ଚିତ୍ତରଞ୍ଜନ ମହାନ୍ତି, ପ୍ରଶାନ୍ତ ଦାସ, ଡ. ସତ୍ୟ ରାୟ, ଶିଶିର ଦାସ, ଯୁଗଳ କିଶୋର ନାୟକ, ଲକ୍ଷ୍ମୀ ମହାନ୍ତି, ବିଶ୍ୱାବସୁ ଦାସ, ଆଇନଜୀବୀ ଶିଶିର ଦାସ, ଡଲି ଦାସ, ଡ. ବିଶ୍ୱଜିତ୍, ଅକ୍ଷୟ ଦାସ, କ୍ଷୀରୋଦ ରାଉତ, ଗଣେଶ୍ୱର ସେଠୀ, ବିଜୟ ପଢିହାରୀ, ଡ. ରବିରଞ୍ଜନ ସାହୁଙ୍କ ସମେତ ୨ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯୋଗ ଦେଇଥିଲେ।

# ବାଜପେୟୀଙ୍କ ଜୟନ୍ତୀ ପାଳିତ

**କଟକ ଅଫିସ, ୨୭।୧୨**

ନିଖିଳ ଓଡ଼ିଶା ବୁଦ୍ଧିଜୀବୀ ଫୋରମ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୫ତମ ଜୟନ୍ତୀ ଶିଶୁଭବନସ୍ଥିତ ସାଇ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫୋରମ୍ ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। କେନ୍ଦ୍ର ସରକାରଙ୍କ 'ଅଟଳ ଜଳ ଯୋଜନା' ବାଜପେୟୀଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ଏବଂ ଏହା ପାନୀୟଜଳ ଭଳି ମୌଳିକ ସମସ୍ୟା ସମାଧାନ ଦିଗରେ ସହାୟକ ହେବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଉପସଭାପତି ତାପସ କୁମାର ଦ୍ୱିବେଦୀ, ଘନଶ୍ୟାମ ମୁଦୁଲି, ଗିରିଜା ପ୍ରସନ୍ନ ନାୟକ, ସୂର୍ଯ୍ୟକାନ୍ତ ପଲାଇ ଓ କୈଳାସ ଲେଙ୍କା ପ୍ରମୁଖ ସଭାରେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସ୍ମୃତି ଚାରଣ କରିଥିଲେ।

### ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଘଟଣା

# ସିଆର୍‌ସିସିଙ୍କୁ ଅଟକ ରଖିଲେ ଗ୍ରାମବାସୀ

**କଣ୍ଟାପଡ଼ା, ୨୭।୧୨(ଡି.ଏନ୍.ଏ.)**

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଉତ୍ତାରଣ ପଞ୍ଚାୟତ ଅଲିଙ୍ଗ ଗ୍ରାମର ହରିଜନ ପ୍ରାଥମିକ ବିଦ୍ୟାଳୟକୁ ଶୁକ୍ରବାର ଜଣେ ଶିକ୍ଷକଙ୍କ ବଦଳି ଆଦେଶ ନେଇ ଆସିଥିବା ସିଆର୍‌ସିସିଙ୍କୁ ଗ୍ରାମବାସୀ ସ୍କୁଲରେ ଅଟକ ରଖିଥିଲେ। ଅପରାହ୍ଣରେ ବଦଳି ଶିକ୍ଷକଙ୍କ ସ୍ଥାନରେ ନୂତନ ଶିକ୍ଷକ ନିଯୁକ୍ତି ଆଦେଶ ମିଳିବା ପରେ ଗ୍ରାମବାସୀ ସମ୍ପୃକ୍ତ ସିଆର୍‌ସିସିଙ୍କୁ ମୁକୁଳାଇ ଥିଲେ।

ସୂଚନାଥାଉ କି, ଉକ୍ତ ବିଦ୍ୟାଳୟରେ ୫ଟି ଶ୍ରେଣୀ ପାଇଁ ୨ଜଣ ଶିକ୍ଷକ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳି ହୋଇଯାଇଥିଲା। ନୂତନ ଶିକ୍ଷକ ନିଯୁକ୍ତି ଦାବିକରି ଗ୍ରାମବାସୀ ଗତ ୧୮ତାରିଖରେ ବିଦ୍ୟାଳୟରେ ତାଲା ପକାଇଥିଲେ। ଖବରପାଇ କଣ୍ଟାପଡ଼ା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବାରିକ ବିଦ୍ୟାଳୟରେ ପହଞ୍ଚି ୪ ଦିନ ମଧ୍ୟରେ ନୂତନ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ତାଲା ଖୋଲିଥିଲେ। ଏହା ମଧ୍ୟରେ ୯ଦିନ ବିତିବାକୁ ବସିଥିବା ବେଳେ ବଦଳି ଶିକ୍ଷକଙ୍କ ସ୍ଥାନରେ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ନ ଥିଲା। ସିଆର୍‌ସିସି ରବୀନ୍ଦ୍ରନାଥ ରାଉତରାୟ ବଦଳି ଆଦେଶ ନେଇ ଶୁକ୍ରବାର ପୂର୍ବାହ୍ଣ ପ୍ରାୟ ୧୦ଟା ରେ ସ୍କୁଲରେ ପହଞ୍ଚି ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ରିଲିଭ କରିବା ପାଇଁ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ପ୍ରଧାନଙ୍କୁ କହିଥିଲେ। ଖବରପାଇ ଗ୍ରାମବାସୀ ସ୍କୁଲରେ ପହଞ୍ଚି ବିଦ୍ୟାଳୟରେ ତାଲା ପକାଇବା ସହିତ ସିଆରସିସିଙ୍କୁ ଅଟକ ରଖିଥିଲେ। ଏହାର ସମାଧାନ ପାଇଁ କଣ୍ଟାପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କୁ ନିବେଦନ କରାଯାଇଥିଲା। ଅପରାହ୍ଣରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଅଚ୍ୟୁତ ପ୍ରଧାନ, ଶିକ୍ଷକ ନେତା କିଶୋର ରାଉତରାୟ, ରବୀନ୍ଦ୍ର ସାଥୁଆ, କୃପାସିନ୍ଧୁ ମହାନ୍ତି ପ୍ରମୁଖ ବଡ଼ମଳେଇ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ସେଠାକୁ ବଦଳି କରାଯାଇଥିବା ଆଦେଶ ନେଇ ପହଞ୍ଚିଥିଲେ। ଉତ୍ତାରଣ ପଞ୍ଚାୟତର ସରପଞ୍ଚଙ୍କ ସହ ଆଲୋଚନା ପରେ ସମସ୍ୟାର ସମାଧାନ ହୋଇଥିଲା।



ମାୟାରୁ ମମତା ସୃଷ୍ଟି। ମାୟା ବନ୍ଧନୀ ଛିନ୍ନ କରିଥିବା ସାଧୁମାନଙ୍କ ମନ ଭିତରେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କିଛି ପ୍ରତି ମାୟା ବା ମମତା ନ ଥାଏ।
- କୌଟିଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ଅନ୍ଧାରରେ ଖୋର୍ଦ୍ଧା ସହରର ଧର୍ମପୀଠ ଆଲୋକିତ କରିବାକୁ ଏମ୍ପିଙ୍କୁ ନିବେଦନ

**ଖୋର୍ଦ୍ଧା ଅଫିସ,୨୭।୧୨:** ଖୋର୍ଦ୍ଧା ସହରର ପ୍ରମୁଖ ଧର୍ମପୀଠ ବରୁଣେଇ, ଧବଳେଶ୍ୱର ମନ୍ଦିର, ଅସୁରଢ଼ିପ ମନ୍ଦିର, ଗୀତା ଭବନ, ସତ୍ୟସାଇ ମନ୍ଦିର, ମସ୍‌ଜିଦ୍‌, ଚର୍ଚ୍ଚ ଓ ଶ୍ମଶାନସ୍ଥଳ ଅବହେଳିତ ଓ ଉପେକ୍ଷିତ ହୋଇରହିଛି। ଅନ୍ଧାରର ସୁଯୋଗ ନେଇ ଚୋରି ବି ହେଉଛି। ବରୁଣେଇ ପରି ପର୍ଯ୍ୟଟନ କ୍ଷେତ୍ରକୁ ବି ଗୁରୁତ୍ୱ ଦିଆଯାଉନି। ଏହିସବୁ ପୀଠରେ ଆଲୋକ ବ୍ୟବସ୍ଥା କରିବାକୁ ଖୋର୍ଦ୍ଧା ସହରର ବିକାଶ ପରିଷଦ ପକ୍ଷରୁ ଶକ୍ତି ଶଙ୍କର ମିଶ୍ର ଭୁବନେଶ୍ୱର ଏମ୍ପିଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି। ସେହିଭଳି ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ଖୋର୍ଦ୍ଧା ଟାଉନ ଷ୍ଟେସନକୁ ପଡିଥିବା ରାସ୍ତାର ପୁନରୁଦ୍ଧାର କରିବାକୁ ଦାବି ହେଉଛି। ରାସ୍ତାଟି ମରଣଯନ୍ତା ହୋଇ ପଡିରହିଛି। ବିକାଶ ପରିଷଦ ପକ୍ଷରୁ ଅନୁରୂପ ସ୍ମାରକପତ୍ର ଦିଆଯାଇଛି।

### କଳା, ସାହିତ୍ୟ, ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ



**କୃଷ୍ଣପ୍ରସାଦ, ୨୭।୧୨(ଡି.ଏନ.ଏ)** କୃଷ୍ଣପ୍ରସାଦ ବ୍ଲକର ଶ୍ରୀକମଳେଶ୍ୱର ଦେବ କଳା, ସାହିତ୍ୟ, ସଂସ୍କୃତି ପରିଷଦ ପକ୍ଷରୁ କୃଷ୍ଣପ୍ରସାଦ ଗଡ଼ରାଜାଙ୍କ ଚନ୍ଦନ ପଡିଆଠାରେ ଅନୁଷ୍ଠାନର ପଞ୍ଚମ ବାର୍ଷିକ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବକୁ କଳା ସାହିତ୍ୟ, ସଂସ୍କୃତି ପରିଷଦର ସଭାପତି ବନ ବିହାରୀ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ଡ. ଅଭିମନ୍ୟୁ ଜେନା, ସମ୍ମାନିତ ଅତିଥି ଭାବେ କୃଷ୍ଣପ୍ରସାଦ ପଞ୍ଚାୟତ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ସମିତିସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ, ଜିଲା ପରିଷଦ ସଭ୍ୟା ପ୍ରଭାତି ପ୍ରଧାନ, ଶିକ୍ଷାବିତ୍‌ ରାମଚନ୍ଦ୍ର ଜେନା, ପରିଷଦର ଉପସଭାପତି କାଶୀନାଥ ଜେନା, ସମ୍ପାଦକ ସନାତନ ତରେଇ, ଅଧ୍ୟାପକ ପ୍ରଦୀପ କୁମାର ଜେନା, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବାହୁବଳେନ୍ଦ୍ର ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ଉତ୍ସବ ୩ ଦିନ ଧରି ହେବାକୁ ଥିବା ବେଳେ ପାଲା, ଦାସକାଠିଆ, ସଂକୀର୍ତ୍ତନ, ପାଇକ ଆଖଡା, ଭାରତ ଲୀଳା, ଦଣ୍ଡଯାତ୍ରା, ଓଡ଼ିଶୀ, ଗୋଟିପୁଅ ଆଦି ପ୍ରତିଯୋଗିତା କରାଯିବ। ପ୍ରଥମ ଦିବସରେ ବ୍ଲକର ବିଭିନ୍ନ ହାଇସ୍କୁଲ ଏବଂ ମହାବିଦ୍ୟାଳୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ତଥା ଅବସରପ୍ରାପ୍ତ କୃତୀ ଶିକ୍ଷକମାନଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ପାଲା, ସଙ୍କୀର୍ତ୍ତନ, ଖଞ୍ଜଣି ବାଦନ, ଓଡ଼ିଶୀ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା।

### ହଳଦିଆରେ ଧାନମଣ୍ଡି

**ଖୋର୍ଦ୍ଧା ଅଫିସ,୨୭।୧୨:** ଖୋର୍ଦ୍ଧା ବ୍ଲକ ହଳଦିଆ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତିର ସଭାପତି ଉପେନ୍ଦ୍ର କୁମାର ଭଞ୍ଜ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଖୋର୍ଦ୍ଧା ଏଆରସିଏସ ଉମାଶଙ୍କର ଦାସ ମୁଖ୍ୟ ଅତିଥି , ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଦର ଶାଖା ପରିଚାଳକ ଅଜୟ କୁମାର ଦାଶ, ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଶୁକ୍ରବାର ୨୮ ଚାଷୀଙ୍କଠାରୁ ୮୬୮ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ସମ୍ପାଦକ ଲକ୍ଷ୍ମୀଧର ଜେନା ଧନ୍ୟବାଦ ଦେଇଥିଲେ।

### ମହିଳାଙ୍କୁ ମାଡ଼ମାରି ଯୁବତୀ ଗିରଫ

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ):** ଖାରବେଳନଗର ଥାନା ଅଞ୍ଚଳରେ ଜଣେ ମହିଳା ଦୋକାନୀଙ୍କୁ ଗାଳିଗୁଲଜ ସହ ମାଡ ମାରିଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଊର୍ମିଳା ପଟ୍ଟନାୟକ(୨୦)ଙ୍କୁ ଗିରଫ କରିଛି। ତାଙ୍କ ଘର ଜଗତ୍‌ସିଂହପୁର ଜିଲା ତେଣ୍ଡାକୁଡା ଅଞ୍ଚଳରେ ହୋଇଥିବାବେଳେ ସେ ନିକୋପାର୍କ ବସ୍ତି ଅଞ୍ଚଳରେ ରୁହନ୍ତି। ୟୁନିଟ ୯ ଅଞ୍ଚଳରେ ଓମ୍‌ଫେଡ୍‌ ଦୋକାନ କରିଥିବା ମଞ୍ଜୁଲତା ଜେନାଙ୍କ ସହ ତାଙ୍କର ଟଙ୍କା ଦେଣନେଣକୁ ନେଇ ବିବାଦ ରହିଥିଲା। ଶୁକ୍ରବାର ସକାଳେ ମଞ୍ଜୁଲତାଙ୍କ ଦୋକାନ ନିକଟରେ ଊର୍ମିଳା ପହଞ୍ଚି ୧୦ ହଜାର ଟଙ୍କା ଦେବାକୁ ଜିଦ୍‌ କରିଥିଲେ। ମଞ୍ଜୁଲତା ଟଙ୍କା ନ ଦେବାରୁ ସେ ତାଙ୍କୁ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ଦୋକାନରୁ ଜିନିଷପତ୍ର ଫିଙ୍ଗିବା ସହ ମଞ୍ଜୁଲତାଙ୍କୁ ମାଡ ମାରିଥିଲେ ଊର୍ମିଳା। ଅଭିଯୋଗ ପରେ ପୋଲିସ ୩୫୭/୧୯ରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଥିଲା।

■ ଜଟଣୀ ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ

# ବାତ୍ୟା ଫନୀ, ଆବାସ ଯୋଜନା ଚୟନରେ ଅନିୟମିତତା

**ଜଟଣୀ,୨୭।୧୨(ଡି.ଏନ.ଏ.)**



ପଞ୍ଚାୟତ ସମିତି ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ।

ଜଟଣୀ ପଞ୍ଚାୟତ ସମିତି ବୈଠକ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ବନଜା ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଡିଓ ବାସୁଦେବ ମାହାରୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବାତ୍ୟା ଫନୀ କ୍ଷତିଗ୍ରସ୍ତ, ଆବାସ ଯୋଜନା ଚୟନ ଆଦି ବିଭିନ୍ନ ଜନସ୍ୱାର୍ଥ ସମ୍ବଳିତ କାର୍ଯ୍ୟ ଉପରେ ଏଥିରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ଚୟନରେ ବ୍ୟାପକ ବେନିୟମ କାର୍ଯ୍ୟ ହୋଇଥିବା ବହୁ ସରପଞ୍ଚ ଓ ସମିତିସଭ୍ୟାସଭ୍ୟ ଅଭିଯୋଗ କରିଥିଲେ। ଏଥିପାଇଁ ବ୍ୟାପକ ଲାଞ୍ଚ କାରବାର ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ବୈଠକରେ କିଛି ସମୟ ପାଇଁ ହଟ୍ଟଗୋଳ ହୋଇଥିଲା। ଉନ୍ନୟନମୂଳକ କାର୍ଯ୍ୟ ବାବଦ ପଞ୍ଚାୟତକୁ ମଞ୍ଜୁର ଅନୁଦାନ ନେଇ ସୂଚନା ଦିଆଯାଉ ନ ଥିବା ଉପରେ ସମିତିସଭ୍ୟ ଓ ସରପଞ୍ଚମାନେ ଅଭିଯୋଗ କରିଥିଲେ। ଆର୍ଥିକ ବର୍ଷ ଶେଷ ହେବାକୁ ଆଉ କିଛିମାସ ରହିଥିବା ବେଳେ ପଞ୍ଚାୟତ ଉନ୍ନୟନ ପ୍ଲାନ ଏଯାବତ୍‌ ପ୍ରସ୍ତୁତ କରାଯାଇ ନ ଥିବା ଛଣଘର ସରପଞ୍ଚ ସୁନୀଲ କୁମାର ରାଉତରାୟ କହିଥିଲେ। ଏହାଛଡ଼ା ବାତ୍ୟା ଫନୀରେ ଛଣଘର, କନ୍ତିଆ ଓ କୁଦିଆରୀ ମୌଜା କ୍ଷତିଗ୍ରସ୍ତଙ୍କୁ ବଞ୍ଚିତ ହୋଇଥିବାରୁ ଶୀଘ୍ର ସହାୟତା ପ୍ରଦାନ ପାଇଁ ସେ ଅନୁରୋଧ କରିଥିଲେ। ସ୍ୱଚ୍ଛ ଭାରତ ଅଭିଯାନରେ ହୋଇଥିବା ପାଇଖାନା ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଏମ୍ପିଙ୍କ ପ୍ରତିନିଧି ରବିନାରାୟଣ ସ୍ୱାଇଁ ମତ ରଖିଥିଲେ। ନିୟମିତ ସମିତି ବୈଠକ ହେଉ ନ ଥିବା ଓ ଅନୁଷ୍ଠିତ ସାଧାରଣ ସଭାରେ ସମସ୍ତ ଅଧିକାରୀ ଉପସ୍ଥିତ ରହୁ ନ ଥିବା ନେଇ ସେ ଦୃଷ୍ଟି ଆକର୍ଷଣ କରିଥିଲେ।

ସେହିପରି ନିକଟରେ ହୋଇଥିବା ଶିକ୍ଷକ ବଦଳିକୁ ନେଇ କେତେଜଣ ନିର୍ବାଚିତ ପ୍ରତିନିଧି ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଦ୍ୟାର୍ଥୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଆବଶ୍ୟକ ଶିକ୍ଷକ ନିଯୁକ୍ତି କରିବାକୁ ମତ ରଖିଥିଲେ। ସେହିପରି କାଳିଆ ଯୋଜନାରେ ଅନେକ ଚାଷୀ ଦ୍ୱିତୀୟ କିସ୍ତି ଟଙ୍କା ପାଇ ନ ଥିବା, ଏହାର ତାଲିକା ପଞ୍ଚାୟତକୁ ପ୍ରଦାନ କରାଯାଉ ନ ଥିବା କେତେଜଣ ସରପଞ୍ଚ ଓ ସମିତିସଭ୍ୟ ଦୃଷ୍ଟି ଆକର୍ଷଣ କରି ଏହାର ପ୍ରତିକାର ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ସେହିପରି ଧାନମଣ୍ଡି ଓ ସାପକାମୁଡା ଇଞ୍ଜେକ୍‌ସନ ଉପରେ ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସୁକାନ୍ତ ପରିଡା, ପ୍ରଦୋଷ ଜେନା, ବିପିନ ପ୍ରଧାନ, ଅମୀୟ ସ୍ୱାଇଁ, ସମିତିସଭ୍ୟ ସୁଶୀଲ ସ୍ୱାଇଁ, ହରମୋହନ ରାଉତରାୟଙ୍କ ସମେତ ଉପସ୍ଥିତ ଅନ୍ୟ ନିର୍ବାଚିତ ପ୍ରତିନିଧିମାନେ ଆଲୋଚନାରେ ଭାଗ ନେଇଥିଲେ।



ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳିମାନେ ।

## ଏକଲବ୍ୟ ଫୁଟବଲ୍ ଟୁର୍ନାମେଣ୍ଟ: ସେମିରେ ଠଣାପଲ୍ଲୀ

**ବେଗୁନିଆ,୨୭।୧୨(ଡି.ଏନ.ଏ)**

ବେଗୁନିଆ ବ୍ଲକ ଅଧୀନ ରାଉତପଡ଼ା ଖେଳ ପଡ଼ିଆଠାରେ ଚାଲୁଥିବା ପଞ୍ଚମ ଏକଲବ୍ୟ ଫୁଟବଲ୍ ଟୁର୍ନାମେଣ୍ଟର ସେମିରେ ଠଣାପଲ୍ଲୀ ସେଭେନ୍‌ ଟୁ ପ୍ରବେଶ କରିଛି। ଶୁକ୍ରବାର ଚତୁର୍ଥ ଲିଗ୍ ମ୍ୟାଚ୍ ଠଣାପଲ୍ଲୀ ଏବଂ ତରତୁଆର ରାଇଜିଂ ଷ୍ଟାର୍ କ୍ଲବ ମଧ୍ୟରେ ଖେଳା ଯାଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଦଳ ଗୋଲ୍ କରିବାରେ ବିଫଳ ହୋଇଥିଲେ। ଦ୍ୱିତୀୟାର୍ଦ୍ଧ ଖେଳର ମାତ୍ର ୫ ମିନିଟ୍ ଭିତରେ ଠଣାପଲ୍ଲୀର ଉମେଶ ବେହେରା ଗୋଲ୍ କରି ଦଳକୁ ଅଗ୍ରଣୀ କରିଥିଲେ। ୧୨ତମ ମିନିଟ୍‌ରେ ସେ ଆଉ ଏକ ଗୋଲ୍ କରି ଦଳକୁ ୨-୦ରେ ଆଗୁଆ କରିଥିଲେ। ରାଇଜିଂଷ୍ଟାର୍ ଦଳ କୌଣସି ଗୋଲ୍ କରି ନ ପାରି ପରାସ୍ତ ହୋଇଥିଲା। ଶରତ ଚନ୍ଦ୍ର ଛୋଟରାୟ ଏବଂ ଦାଶରଥୀ ଖୁଣ୍ଟିଆ ମ୍ୟାଚ୍‌କୁ ପରିଚାଳନା କରିଥିଲେ। ଅତିଥି ଭାବେ ସୁବାସ ଚନ୍ଦ୍ର ବେହେରା, ଜିତୁନ୍ ବେହେରା, ସେକ୍ ସରିଫଉଦ୍ଦିନ୍, ଜାମିନୀକାନ୍ତ ସାହୁ ଏବଂ ରତ୍ନାକର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଅରବିନ୍ଦ ମେମୋରିଆଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଜଟଣୀ,୨୭।୧୨(ଡି.ଏନ.ଏ.)**

ଜଟଣୀ କୁଦିଆରୀ ଖେଳପଡିଆରେ ୧୩ତମ ଅରବିନ୍ଦ ମେମୋରିଆଲ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ବିଦ୍ରୋହୀ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ଭୁବନେଶ୍ୱର ଆଇଆର୍‌ସି ଇଲେଭେନ୍‌କୁ ପରାସ୍ତ କରି କଟକର ହାପି ଇଲେଭେନ୍ ଓ ଦ୍ୱିତୀୟ ମ୍ୟାଚ୍‌ରେ ଜଟଣୀର ବାହୁବଳୀ ଫାଇଟର୍‌କୁ ପରାସ୍ତ କରି ଭୁବନେଶ୍ୱର ୟୁନିଟ୍ ୨ର ଏମ୍‌ବିସି ଦଳର ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଛି। ଦେବାଶିଷ ଜେନା ଓ ଅଂଶୁମାନ ଦାସ ଅମ୍ପାୟାର ଦାୟିତ୍ୱରେ ରହି ଖେଳ ପରିଚାଳନା କରିଥିଲେ। ଆଇନ୍‌ଜୀବୀ ଶୈଳେନ୍ଦ୍ର ପଟ୍ଟନାୟକ, ସୁଦୀପ୍ତ ରାୟ, ସୁରଜ ପାଇକରାୟ, ହୋଟିମିନ୍ ଶାସ୍ତ୍ରୀ, ଗଙ୍ଗାଧର ପାଣିଗ୍ରାହୀ, ଜଗଦୀଶ ଅଗ୍ରୱାଲ, ରୁଦ୍ରନାରାୟଣ ସାମନ୍ତରାୟ, ସ୍ମୃତିରଞ୍ଜନ ମହାନ୍ତି, କେଶବ ରାଓ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଛନ୍ତି। ଏହା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ।



କ୍ରିକେଟ ଟୁର୍ନାମେଣ୍ଟକୁ ଅତିଥିମାନେ ଉଦଘାଟନ କରୁଛନ୍ତି ।

## କୃଷକ କ୍ଷେତ୍ର ଦିବସ

**ନିରାକାରପୁର, ୨୭।୧୨ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଡିଆ ପଞ୍ଚାୟତସ୍ଥିତ ଶ୍ରୀକପିଳେଶ୍ୱରଙ୍କ ମନ୍ଦିରଠାରେ ଶୁକ୍ରବାର ରାଷ୍ଟ୍ରୀୟ ଯୋଜନା ଆନୁକୂଲ୍ୟରେ କୃଷକ କ୍ଷେତ୍ର ଦିବସ ନିରାକାରପୁର କୃଷି ଅଧିକାରିଣୀ ସ୍ୱର୍ଣ୍ଣଦିତା ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗତ ଧାନ ଚାଷ ସମୟରେ ଚାଷୀମାନେ କୃଷି କାର୍ଯ୍ୟ ପାଇଁ କୀଟନାଶକ, ନୂତନ କୌଶଳ ଓ ଧାଡି ରୁଆ ପଦ୍ଧତିରେ ଚାଷ କରି ଭଲ ଅମଳ ପାଇଥିଲେ। ଚାଷୀମାନେ ତାଙ୍କର ପୂର୍ବରୁ ନିଜେ ରଖିଥିବା ବିହନରେ କେତେ ଓ ଏବେ କେତେ ପରିମାଣରେ ଲାଭବାନ ହେଉଛନ୍ତି ସେନେଇ ଆଲୋଚନା କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଗ୍ରାମସେବକ ଓ କୃଷକମାନଙ୍କ ସମେତ ଅଞ୍ଚଳର ଅନେକ ଚାଷୀ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ଏମ୍‌ପିଙ୍କ ଜନଶୁଣାଣି

## ଲୋକଙ୍କ ଅଭିଯୋଗ ଶୁଣିଲେ: ସମାଧାନ ପାଇଁ ପଦକ୍ଷେପ ନେଲେ

**ଖୋର୍ଦ୍ଧା ଅଫିସ,୨୭।୧୨:**

**ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ପ୍ରଥମ**



ଏମପି ଅପରାଜିତା ଷଡଙ୍ଗୀଙ୍କ ପକ୍ଷରୁ ଚାଲିଥିବା ଜନଶୁଣାଣି ।

ଖୋର୍ଦ୍ଧା ସହରସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀସ୍ତରୀୟ ଜନଶୁଣାଣି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଏମ୍ପି ଅପରାଜିତା ଷଡଙ୍ଗୀ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। କିଛି ଅଭିଯୋଗକୁ ଜନଶୁଣାଣି ଶିବିରରେ ସମାଧାନ କରାଇଥିଲେ। ଆଉ କିଛି ଅଭିଯୋଗର ଫଲୋଅପ କରାଯାଇ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଭୁବନେଶ୍ୱର ଏମ୍ପି ଷଡଙ୍ଗୀଙ୍କ ସୂଚନା ଅନୁସାରେ, ଭୁବନେଶ୍ୱର କାର୍ଯ୍ୟାଳୟରେ ସପ୍ତାହକୁ ୩ ଦିନ ଅଭିଯୋଗ ଶୁଣାଣି କରୁଛନ୍ତି। ହେଲେ ଭୁବନେଶ୍ୱର ଲୋକସଭା ଅଧୀନରେ ଥିବା ୭ ନିର୍ବାଚନମଣ୍ଡଳୀର ଲୋକ ଭୁବନେଶ୍ୱରରେ ପହଞ୍ଚି ଅଭିଯୋଗ କରିବା ସମ୍ଭବ ନୁହେଁ। ଲୋକଙ୍କ ସୁବିଧା ପାଇଁ ବିଧାନସଭା କ୍ଷେତ୍ରକୁ ଯାଇ ଅଭିଯୋଗ ଶୁଣାଣି କରୁଛି। ଦଳମତ ନିର୍ବିଶେଷରେ ସମସ୍ତଙ୍କ ଅଭିଯୋଗ ଗ୍ରହଣ କରାଯାଇ ଶୁଣାଣି କରାଯାଉଛି। ଯାହା ଅଭିଯୋଗ ଆସିଲା ତାହା ଭଲ ଭାବେ ବୁଝିବାକୁ ପଡୁଛି। ପରେ ସେହି ସମସ୍ୟାର ସମାଧାନ କରିବାକୁ ପଦକ୍ଷେପ ନିଆଯାଉଛି। ଜୟଦେବ, ବେଗୁନିଆ, ଜଟଣୀ ବିଧାନସଭାରେ ଅଭିଯୋଗ ଶୁଣାଣି ପୂର୍ବରୁ କରାଯାଇଥିଲା। ତେବେ ଖୋର୍ଦ୍ଧାରେ ପ୍ରଥମଥର ପାଇଁ କରାଯାଇଛି। ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀରେ ମାସକୁ ଅଥବା ଦେଢ଼ମାସକୁ ଥରେ ଅଭିଯୋଗ ଶୁଣାଣି ମୋ ପକ୍ଷରୁ କରାଯିବ। ଅଭିଯୋଗକୁ ପଞ୍ଜୀକୃତ କରାଯିବ। ଅଭିଯୋଗର କେତେଦୂର ସମାଧାନ ହେଲା ତା'ର ଫଲୋଅପ ନିଆଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ଶୁଣାଣି ସମୟରେ ନିକୁଞ୍ଜ ପଟ୍ଟନାୟକ, ସୁବାସ ଗନ୍ତାୟତ, କାଳୁ ଚରଣ ଖଣ୍ଡେଇତରାୟ, ରାଜୀବ ଷଡଙ୍ଗୀ, ଅଜୟ ମିଶ୍ର, ମୀନା ଦାସ, ପ୍ରତାପ ମହାପାତ୍ର ପ୍ରମୁଖ ଭାଜପାର ନେତାମାନେ ଉପସ୍ଥିତ ଥିଲେ।

■ ପରିବାର ନିୟୋଜନ ଅସ୍ତ୍ରୋପଚାର ଶିବିରରେ ଅବ୍ୟବସ୍ଥା

## ୭୮ ପଞ୍ଜୀକୃତ ମହିଳାଙ୍କୁ ଜଣେ ଡାକ୍ତର

**ବେଗୁନିଆ,୨୭।୧୨(ଡି.ଏନ.ଏ):**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଧୀନ ବୋଲଗମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଶୁକ୍ରବାର ଆୟୋଜିତ ପରିବାର ନିୟୋଜନ ଅସ୍ତ୍ରୋପଚାର ଶିବିରରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ୭୮ ଜଣ ପଞ୍ଜୀକୃତ ମହିଳା ଶିବିରକୁ ଅସ୍ତ୍ରୋପଚାର ପାଇଁ ଆସିଥିଲେ। କିନ୍ତୁ ସେମାନଙ୍କ ଅସ୍ତ୍ରୋପଚାର ପାଇଁ ମାତ୍ର ଜଣେ ଡାକ୍ତରଙ୍କୁ ନିୟୋଜିତ କରାଯାଇଥିଲା। ଫଳରେ ମହିଳାମାନଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ଅନେକ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ବହୁ ସଂଖ୍ୟାରେ ମହିଳା ବିନା ଅସ୍ତ୍ରୋପଚାରରେ ଘରକୁ ଫେରି ଯାଇଥିଲେ। ଶିବିର ସମ୍ପର୍କରେ ପୂର୍ବରୁ ସଚେତନତା ସୃଷ୍ଟି କରାଯାଇଥିଲା। ଏଣୁ ପ୍ରାୟ ୨୫ କିମି ଦୂରରୁ ମଧ୍ୟ ମହିଳାମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସକାଳୁ ମହିଳାମାନେ ପହଞ୍ଚି ଯାଇଥିଲେ। ୭୮ଜଣ ନିଜ ନାମ ପଞ୍ଜୀକୃତ କରିଥିଲେ। ସକାଳ ୯ଟା ବେଳକୁ ଅସ୍ତ୍ରୋପଚାର ଆରମ୍ଭ ହୋଇଥିଲା। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଜଣେ ଡାକ୍ତରଙ୍କୁ ଅସ୍ତ୍ରୋପଚାର ପାଇଁ ନିୟୋଜିତ କରାଯାଇଥିଲା। ହେଲେ ଜଣେ ଡାକ୍ତର ଏତେ ସଂଖ୍ୟକ ମହିଳାଙ୍କ ଅସ୍ତ୍ରୋପଚାର କରିବା ସମ୍ଭବ ହୋଇ ନ ଥିଲା। ଅପରାହ୍ନ ୪ଟା ପର୍ଯ୍ୟନ୍ତ ମାତ୍ର ୪୦ଜଣଙ୍କ ଅସ୍ତ୍ରୋପଚାର ହୋଇପାରିଥିଲା। ଅନ୍ୟ ୩୮ଜଣ ମହିଳା ନିରାଶରେ ଫେରିଥିଲେ। ଯାହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଶିବିରକୁ ଆସିଥିବା ମହିଳାଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା ଠିକ୍ ହୋଇ ପାରି ନ ଥିଲା। ଭୋକ ଉପବାସରେ ମହିଳାମାନେ ଫେରି ଯାଇଥିଲେ।

## ହୀରକ ଜୟନ୍ତୀ ଉପଲକ୍ଷେ ପ୍ରତିଷ୍ଠାତାଙ୍କ ଜନ୍ମ ଭୂଇଁକୁ ରଥ ଶୋଭାଯାତ୍ରା

**ନିରାକାରପୁର,୨୭।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ସର୍ବପୁରାତନ ଗ୍ରାମୀଣ ବିଜ୍ଞାନ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉପଲକ୍ଷେ ଶୁକ୍ରବାର କଲେଜର ପ୍ରାଣ ପ୍ରତିଷ୍ଠାତା କ୍ଷେତ୍ରବାସୀ ରାଉତରାୟଙ୍କ ପୁରୀ ଜିଲା ଜଙ୍କିଆ ଗଡସାହିସ୍ଥିତ ତାଙ୍କ ଜନ୍ମ ଭୂମିକୁ ଏକ ରଥ ଶୋଭାଯାତ୍ରା ପୁରାତନ ଛାତ୍ର ସଂସଦ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ପୁରାତନ ଓ ବର୍ତ୍ତମାନ କଲେଜରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ସାମିଲ ହୋଇ ପ୍ରଥମେ ମହାବିଦ୍ୟାଳୟ ପରିସରରେ ଥିବା ପ୍ରାଣ ପ୍ରତିଷ୍ଠାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ଥାନୀୟ ରାଉତରାୟଙ୍କ ବଗିଚାରେ ଥିବା ସମାଧି ପୀଠରେ ଶ୍ରଦ୍ଧା ସୁମନ ଅର୍ପଣ କରି ତାଙ୍କ ଜନ୍ମମାଟିକୁ ଯାଇ ସେଠାରେ ମଧ୍ୟ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ବକୁଳ ବୃକ୍ଷରୋପଣ କରାଯାଇଥିଲା।

■ ସର୍ବଭାରତୀୟ କୁହୁଡ଼ି ଫୁଟବଲ

## ସେମିରେ ସାଇ ଓଡ଼ିଶା

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୨୭।୧୨(ଡି.ଏନ୍.ଏ.):**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ କୁହୁଡି ଜନତା ଷ୍ଟାଡିୟମ୍‌ରେ ମହାବୀର ଆଥ୍‌ଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ୬୦ତମ ସର୍ବଭାରତୀୟ 'ମହାବୀର କପ୍' ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଚାଲିଛି। ଏହାର ସପ୍ତମ ଦିବସ ମ୍ୟାଚରେ ସାଇ ଓଡ଼ିଶା ୨-୦ ଗୋଲରେ ଅଲ୍‌ଲାରୀ ଫୁଟ୍‌ବଲ ଟିମ୍ ହାଇଦ୍ରାବାଦକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଖେଳର ୫୮ତମ ମିନିଟ୍‌ରେ ସାଇ ଓଡ଼ିଶାର ୪ ନଂ. ଖେଳାଳି ସାହାବାଜ୍ ଆଲମ ଗୋଲ୍ ସ୍କୋର କରି ଦଳକୁ ଅଗ୍ରଣୀ ରଖିଥିଲେ। ପୁଣି ୬୬ତମ ମିନଟ୍‌ରେ ୧୪ ନଂ. ଖେଳାଳି ପ୍ରଭାତ ଦଣ୍ଡସେନା ଆଉ ଏକ ଗୋଲ ସ୍କୋର କରି ଦଳକୁ ୨-୦ ଗୋଲରେ ଆଗୁଆ ରଖିଥିଲେ। ଅନୁଷ୍ଠାନର ସମ୍ପାଦକ ମନୋଜ ମାନସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜନତା ମହାବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ବାଳକୃଷ୍ଣ ମିଶ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ସେନା ଅଧିକାରୀ ଇନ୍ଦ୍ରମଣୀ ସ୍ୱାଇଁ, ଅନୁଷ୍ଠାନର ସଦସ୍ୟ ହରିଶ୍ଚନ୍ଦ୍ର ନାଇଡୁ, ବରିଷ୍ଠ ଶିକ୍ଷାବିତ୍ ଶଙ୍କର୍ଷଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦୁର୍ଗା ଆଚାର୍ଯ୍ୟ ଖେଳ ପରିଚାଳନା କରିଥିବାବେଳେ ସୁବ୍ରତ କୁମାର ପୁରୋହିତ, ରମଣୀ ମାଝିଓ ଦିଲୀପ କୁମାର ରାଉତ ସହଯୋଗ କରିଥିଲେ। ଆଜିର ବେଷ୍ଟ ପ୍ଲେୟାର ଭାବେ ସାଇ ଓଡ଼ିଶାର ସାହାବାଜ୍ ଆଲମ୍‌ଙ୍କୁ ଓ ଅଲ୍‌ଲାରୀ ଫୁଟ୍‌ବଲ୍ ଟିମ୍ ହାଇଦ୍ରାବାଦର ଖେଳାଳି ବିକ୍ରିଜିତ୍ ସିଂଙ୍କୁ ପୁରସ୍କୃତ କରାଯାଇଥିଲା। ଶନିବାର ମ୍ୟାଚ ରାଟଲମ୍ ଫୁଟ୍‌ବଲ୍ କ୍ଲବ୍ ମଧ୍ୟପ୍ରଦେଶ ବନାମ ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ ବରଗଡ ମଧ୍ୟରେ ହେବ।



ଖେଳାଳିମାନଙ୍କ ଦ୍ୱାରା ଚାଲିଥିବା ଖେଳର ଏକ ଦୃଶ୍ୟ ।

■ ବୋଲଗଡ଼ ମହୋତ୍ସବ ୨ୟ ସନ୍ଧ୍ୟା

# ନୃତ୍ୟଗୀତରେ ଦର୍ଶକ ବିଭୋର

**ବୋଲଗଡ,୨୭।୧୨(ଡି.ଏନ.ଏ.)**



ଶିଶୁ ପ୍ରତିଭା ପ୍ରିୟାଂଶୀ ମହାପାତ୍ରଙ୍କୁ କଳିଙ୍ଗ କନ୍ୟାରତ୍ନ ସମ୍ମାନ ପ୍ରଦାନ ସମୟରେ ଏମପି ଅପରାଜିତା ଷଡଙ୍ଗୀ ଓ ଅନ୍ୟମାନେ ।

ବୋଲଗଡ ଅଞ୍ଚଳର ଗୌରବାନ୍ୱିତ ଐତିହ୍ୟ ତଥା ସାମାଜିକ ଓ ସାଂସ୍କୃତିକ ପରମ୍ପରାର ନିଦର୍ଶନକୁ ନେଇ ଚାଲିଥିବା ବୋଲଗଡ ମହୋତ୍ସବର ଶୁକ୍ରବାର ଥିଲା ୨ୟ ସନ୍ଧ୍ୟା। ସନ୍ଧ୍ୟାର ମହୋତ୍ସବ ମଣ୍ଡପରେ ରାଜ୍ୟ ସଂସ୍କୃତି ବିଭାଗ ପ୍ରାୟୋଜିତ ବରଗଡରୁ ଆସିଥିବା ସମ୍ବଲପୁରୀ ନୃତ୍ୟ, ଜିଲା ସଂସ୍କୃତି ବିଭାଗ ସୌଜନ୍ୟରେ ଭୁବନେଶ୍ୱରରୁ ଆସିଥିବା ଓଡ଼ିଶୀ ନୃତ୍ୟ ଶୀତୁଆ ସନ୍ଧ୍ୟାରେ ଦର୍ଶକମାନଙ୍କୁ ବିଭୋର କରିଥିଲା। ସେହିପରି ବଲାଙ୍ଗୀରରୁ ଆସିଥିବା କଳାକାରମାନଙ୍କ ସମ୍ବଲପୁରୀ ନୃତ୍ୟ, ଜଟଣୀରୁ ଆସିଥିବା ମଡର୍ନ ଡ୍ୟାନ୍ସ ମଧ୍ୟ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା। କୁହୁଡି କଳିଙ୍ଗ କନ୍ୟା ପାଇକା ଆଖଡା ଦ୍ୱାରା ଯୁଦ୍ଧ ବିଦ୍ୟା କୌଶଳ, ମୁକ୍ତି ଆନ୍ଦୋଳନର ପାଇକ ବିଦ୍ରୋହ ଖୋର୍ଦ୍ଧା ତଥା ବୋଲଗଡର ବୀର ପାଇକମାନଙ୍କ ବିରତ୍ୱଭରା ଐତିହ୍ୟକୁ ରୋମନ୍ଥନ କରିଥିଲା। ଅପରପକ୍ଷରେ ଆଞ୍ଚଳିକ କଳାକାରମାନଙ୍କ ପକ୍ଷରୁ ବୋଲଗଡ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଏବଂ ଧଳାପଥର ସଙ୍ଗୀତ ମହାବିଦ୍ୟାଳୟର ଡ୍ୟାନ୍ସ ଡ୍ୟାନ୍ସ ବେଶ୍ ଚମକପ୍ରଦ ହୋଇଥିଲା। ଆଞ୍ଚଳିକ ପାରମ୍ପରିକ ସାଂସ୍କୃତିକ କଳା ଖଞ୍ଜଣୀ ଭଜନ ଏବଂ ଓଡ଼ିଶୀ ସଙ୍କୀର୍ତ୍ତନ ମଧ୍ୟ ମଞ୍ଚରେ ପରିବେଷିତ ହୋଇଥିଲା।

ମହୋତ୍ସବ କମିଟିର ଉପସଭାପତି କୃଷ୍ଣମୋହନ ପାଲଟାସିଂହଙ୍କ ପୌରୋହିତ୍ୟରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଏମ୍ପି ଅପରାଜିତା ଷଡଙ୍ଗୀ ଯୋଗଦେବା ସହ ବଳଦୁର୍ଗ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଛନ୍ତି। ସମ୍ମାନିତ ଅତିଥି ଭାବେ ଭାଜପାର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ବେଗୁନିଆ ନିର୍ବାଚନମଣ୍ଡଳୀର ଭାଜପା ନେତା ରିଷଭ ନନ୍ଦ, ଲୋତକବିନ୍ଦୁ ପଟ୍ଟନାୟକ, ପ୍ରକାଶ ବିଜୁଳି, ବିଶ୍ୱଜିତ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ଷଡଙ୍ଗୀ, ଉପଦେଷ୍ଟା ରବୀନ୍ଦ୍ର କୁମାର ପରିଡା, ଭାଜପା ବୋଲଗଡ ମଣ୍ଡଳ ସଭାପତି ସଞ୍ଜୟ କୁମାର ବେହେରା, ପୂର୍ବତନ ସମିତି ସଭ୍ୟ ଅଜିତ ପଟ୍ଟନାୟକ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ମହୋତ୍ସବର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ବ୍ଲକସ୍ତରୀୟ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଛି। ଶିଶୁ ପ୍ରତିଭା ଭାବେ ପ୍ରିୟାଂଶୀ ମହାପାତ୍ରଙ୍କୁ କଳିଙ୍ଗ କନ୍ୟାରତ୍ନ ସମ୍ମାନ ଦିଆଯାଇଛି। ସେହିପରି ମହୋତ୍ସବର ପ୍ରତିଷ୍ଠାତା ଜାନକୀ ପାଢୀ ସ୍ମୃତି ସମ୍ମାନରେ କୃତୀ ଛାତ୍ରୀଛାତ୍ରଙ୍କୁ ବୋଲଗଡ ପ୍ରଦୀପରେ ସମ୍ବର୍ଦ୍ଧିତ କରାଯାଇଛି। କଳାକାର ଚନ୍ଦ୍ରଶେଖର ନାୟକ, ଶିଳ୍ପୀ ଶ୍ୟାମସୁନ୍ଦର ମହାରଣା ଓ ଶିକ୍ଷାବିତ୍ ଡ. ଅନିରୁଦ୍ଧ ପଣ୍ଡାଙ୍କୁ ବୋଲଗଡ ସମ୍ମାନରେ ସମ୍ମାନିତ କରାଯାଇଛି। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ନାରାୟଣ ସୁବୁଦ୍ଧି ଓ ଗୁରୁକୃଷ୍ଣ ଦୁଃଖୀନନ୍ଦ ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ।

## ଫୁଟବଲ ଟୁର୍ନାମେଣ୍ଟ: ପୂର୍ବତଟ ରେଲ୍‌ୱେ ବିଜୟୀ

ପୁରୀ ଅଫିସ: ନିତା ଫୁଟବଲ ଏକାଡେମୀ, ପୁରୀ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ କ୍ଲବ(ରାଜ୍ୟସ୍ତରୀୟ) ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା। ଇନଡୋର ଷ୍ଟାଡିୟମରେ ଖେଳାଯାଇଥିବା ସେମିରେ ପୂର୍ବତଟ ରେଲୱେ ଖୋର୍ଦ୍ଧା ୧-୦ଗୋଲରେ ଉତ୍କଳ ସ୍ପୋର୍ଟିଂ ଜଟଣୀକୁ ହରାଇ ବିଜୟଲାଭ କରିଛି। ଶୁକ୍ରବାର ମ୍ୟାଚରେ ଆଇନଜୀବୀ ଶାରଦା ସାମଲ, ଦୀପକ କୁମାର ଦାସ, ନାଗେଶ୍ୱର ପଟ୍ଟନାୟକ, ଖବରଦାତା ଜଗନ୍ନାଥ ବସ୍ତିଆ, ହରପ୍ରସାଦ ମିଶ୍ର, ଅନିଲ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।



### ସଂକ୍ଷେପରେ

## ମହିଳା ଆତ୍ମନିଯୁକ୍ତି ସଚେତନତା ସଭା

ସାକ୍ଷୀଗୋପାଳ,୨୭।୧୨( ଡି.ଏନ.ଏ.): ସତ୍ୟବାଦୀ ବ୍ଲକ ଦୁଗଲ ପଞ୍ଚାୟତର ମହିଳାମାନଙ୍କ ନିମନ୍ତେ ଆତ୍ମ ନିଯୁକ୍ତି ସଚେତନତା ସଭା ଅଠାଇଶ ଗ୍ରାମର ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଜୀବିକା ମିଶନ ଜରିଆରେ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ୧୮ରୁ ୩୫ ବର୍ଷର ଯୁବତୀଯୁବକମାନଙ୍କର ଅର୍ଥନୈତିକ ବିକାଶ ଲକ୍ଷ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସତ୍ୟବାଦୀ ବ୍ଲକ ଚେୟାମ୍ୟାନ ସସ୍ମିତା ପ୍ରଧାନ ଯୋଗଦେଇ ମହିଳାଙ୍କର ଆର୍ଥିକ ଅଭିବୃଦ୍ଧି ଦିଗରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଧ୍ରୁବ୍ରଚରଣ ଦାଶ, ସରପଞ୍ଚ ପ୍ରକାଶ ଚନ୍ଦ୍ର ଖଟେଇ, ଗ୍ରାମ ବିକାଶ ପରିଷଦର ସମ୍ପାଦକ ପ୍ରତାପ ପାହାନ୍ତାସିଂ ଓ ଜୀବିକା ମିଶନର ଶାଶ୍ୱତି ଦାଶ ବିଭିନ୍ନ ଚାଷ ଓ ଖାଦ୍ୟ ପ୍ରକିୟାକରଣ ସମ୍ପର୍କରେ ମାଗଣା ତାଲିମ ଗ୍ରହଣ ଓ ବ୍ୟାଙ୍କ ସହାୟତାକ୍ରମେ ରୋଜଗାରକ୍ଷମ ହେବାକୁ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଅୟୋଜକ ବଳରାମ ମିଳିତ ମହିଳା ସଂଘର ସଭାପତି ସତ୍ୟଭାମା ବେହେରା, ସମ୍ପାଦିକା ସୁକାନ୍ତି ପ୍ରଧାନ, ସଂଯୁକ୍ତା ପାହାନ୍ତାସିଂ, ସୁକାନ୍ତି ବାରିକ, ସୁରମା ସ୍ୱାଇଁ, ସତ୍ପଭାମା ଭୋଇ, ଉମା ବେହେରା ଓ ବବିତା ପରିଡା ପ୍ରମୁଖ କରିଚାଳନାରେ ସହଯୋଗ କରିଥିଲେ।

## କ୍ରିକେଟ: ଏସ୍‌ବି ଫାଉଣ୍ଡେଶନ ସେମିରେ

ଗୋପ,୨୭।୧୨(ଡି.ଏନ୍.ଏ.): ଗୋପ ବ୍ଲକ୍ ଅଧୀନ ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ୨୫ତମ ରାଜ୍ୟସ୍ତରୀୟ ଗୋପାଳଜୀଉ ଚ୍ୟାଲେଞ୍ଜ କପ୍‌ର ଶୁକ୍ରବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏହି ମ୍ୟାଚରେ ପାଇନର କ୍ରିକେଟ୍ କ୍ଲବ୍ ପୁରୀକୁ ୬ ଉଇକେଟ୍‌ରେ ହରାଇ ଏସ୍‌ବି ଫାଉଣ୍ଡେଶନ ନିମାପଡ଼ା ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ପାଇନର କ୍ରିକେଟ୍ କ୍ଲବ୍ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୫ ଓଭରରେ ଭାଗୀରଥି ବେହେରାଙ୍କ ୭୫ ରନ୍ ଓ ଦିନେଶ୍ ସାହୁଙ୍କ ୫୪ ରନ୍ ସହାୟତାରେ ୨୪୪ ରନ୍ ସଂଗ୍ରହ କରିଥିଲେ। ଜବାବରେ ଏସ୍‌ବି ଫାଉଣ୍ଡେଶନର ଇକ୍‌ବାଲ୍‌ଙ୍କ ୧୦୧ ରନ୍, ରୋହିତଙ୍କ ୪୫ ରନ୍ ସହାୟତାରେ ଆବଶ୍ୟକୀୟ ରନ୍ ସଂଗ୍ରହ କରି ମ୍ୟାଚ ହାସଲ କରିଥିଲେ। ଏହି ମ୍ୟାଚ୍‌କୁ ଦେବେନ୍ଦ୍ରନାଥ ମିଶ୍ର, ପ୍ରମୋଦ ସିହ୍ନା ପରିଚାଳନା କରିଥିଲେ। ଏହି ଅବସରରେ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସରପଞ୍ଚ ଦେବବ୍ରତ ସାହୁ, ଗୋପ ବ୍ଲକ୍ କନିଷ୍ଠ ଯନ୍ତ୍ରୀ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

## ସଡ଼କ ଦୁର୍ଘଟଣାରେ ୩ଆହତ

ପୁରୀ ଅଫିସ, ୨୭।୧୨: ପୁରୀ ଭୁବନେଶ୍ୱର ଜାତୀୟ ରାଜପଥ ମାଳତିପାଟପୁର ଛକ ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତଙ୍କ ପରିଚୟ ମିଳିପାରି ନାହିଁ। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମାଳତିପାଟପୁର ଛକ ମରଣାଯନ୍ତା ପାଲଟିଛି।

# ଜମି ବିକ୍ରେତାଙ୍କ ଘରେ ବିଲ୍‌ଡର୍ସଙ୍କ ଭିଡ଼

ପୁରୀ ଅଫିସ, ୨୭।୧୨:

ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ ସମସ୍ତ ନିର୍ମାଣ ଉଚ୍ଛେଦ ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ପରେ ସୁରକ୍ଷା ଜୋନରେ ସର୍ଭେ କରାଯାଇଥିଲା। ଏଥିପାଇଁ କେତେ ଘର, ପ୍ଲଟ, ମଠ, ବ୍ୟବସାୟିକ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହେବାକୁ ଯାଉଛି ତାହାର ହିସାବ ହୋଇଥିଲା। ଏବେ ସମାନ୍ତରାଳ ଭାବେ ଜମି ଅଧିଗ୍ରହଣ ଓ ଉଚ୍ଛେଦ ଚାଲିଛି। ଯଦିଓ ନୂଆବର୍ଷ ପାଇଁ ଉଚ୍ଛେଦକୁ ସାମୟିକ ଭାବେ ସ୍ଥଗିତ କରାଯାଇଛି ତେବେ ନୂଆବର୍ଷ ପରେ ଏହା ଜୋର୍ ଧରିବ ବୋଲି ସୂଚନା ମିଳିଛି। ତେବେ ଏହି ସୁରକ୍ଷା ଜୋନରେ ଏକ ନିଆରା ଚିତ୍ର ଦେଖିବାକୁ ମିଳୁଛି। ମହାପ୍ରଭୁଙ୍କ ପାଇଁ ଯେଉଁ ଘରୋଇ ଲୋକ ସେମାନଙ୍କ ଜମି ଦାନ କରିଛନ୍ତି ଅର୍ଥାତ୍ ସରକାରଙ୍କୁ ବିକ୍ରି କରି ଦେଇଛନ୍ତି ଏବେ ସେମାନଙ୍କ ଘର ଆଗରେ ବିଲ୍‌ଡର୍ସଙ୍କ ପ୍ରତ୍ୟହ ଭିଡ଼ ହେଉଛି। ବିଭିନ୍ନ ପ୍ରକାର ଲୋଭନୀୟ କଥା କହି ନିଜ ପ୍ଲଟ ସେମାନଙ୍କୁ ବିକ୍ରି କରିବା ଲାଗି ଚେଷ୍ଟା ଚଳାଇଛନ୍ତି।

### ଶ୍ରୀମନ୍ଦିର ସୁରକ୍ଷା ଜୋନ

■ପ୍ଲଟ କିଣିବାକୁ ମନାଉଛନ୍ତି



ସୁରକ୍ଷା ଜୋନରେ ମୋଟ ୩୬୬ ପ୍ଲଟ ରହିଥିବା ବେଳେ ସେଥିରେ ଘରୋଇ ପ୍ଲଟ ସଂଖ୍ୟା ରହିଛି ୧୭୮। ଏହି ଘରୋଇ ପ୍ଲଟ ମଧ୍ୟରୁ ପ୍ରାୟ ୮୫ ପ୍ରତିଶତ ପ୍ଲଟର ବିକ୍ରି କବଲା ସରିଛି। ଅର୍ଥାତ୍ ପ୍ରଶାସନକୁ ଏମାନେ ଜମି ଦେଇସାରିଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଟଙ୍କା ନେଇଛନ୍ତି। ଅଳ୍ପ କେତେଜଣ ଘର ଖାଲି କରିଥିବାବେଳେ ସଂଖ୍ୟାଧିକ ପରିବାର ତାଙ୍କ ଘରେ ରହିଛନ୍ତି। ତେଣୁ ଘର ଖାଲି କରିବା ପରେ କିଏ କେଉଁଠି ରହିବେ କିମ୍ବା ଅନ୍ୟ କାହାଠାରୁ ଜମି କିଣିଦେବ ଏହି ଚିନ୍ତା କରି ଏବେ ବିଲ୍‌ଡର୍ସମାନେ ଜଗି ରହିଛନ୍ତି। ପ୍ରତ୍ୟହ ସୁରକ୍ଷା ଜୋନରେ ଜମି ବିକ୍ରି କରିଥିବା ଲୋକଙ୍କ ପାଖକୁ ଯାଇ ବିଭିନ୍ନ ପ୍ରକାର ଲୋଭନୀୟ କଥା କହୁଛନ୍ତି। କେବଳ ପୁରୀର ବିଲ୍‌ଡର୍ସ ନୁହନ୍ତି ରାଜଧାନୀର ବିଲ୍‌ଡର୍ସମାନେ ମଧ୍ୟ ସମ୍ପୃକ୍ତ ପରିବାର ଉପରେ ଆଖି ପକାଇଛନ୍ତି। ପୂର୍ବରୁ ଆଦୌ ଜଣାଶୁଣା ନ ଥିଲେ ମଧ୍ୟ ଜମି ବିକ୍ରି କରିଥିବା ଲୋକଙ୍କ ଫୋନ ନମ୍ବର ଯୋଗାଡ କରି ଫୋନ କରୁଛନ୍ତି। ସୁରକ୍ଷା ଜୋନରେ ଜମି ବିକ୍ରି କରିଥିବା ଜଣେ ବ୍ୟକ୍ତି କହିଛନ୍ତି, ଗୋଟିଏ ଦିନରେ ତାଙ୍କ ଘରକୁ ୩ଟି ବିଲ୍‌ଡର୍ସ ସଂସ୍ଥାର କର୍ମଚାରୀ ଆସିଥିଲେ। ଏଥିମଧ୍ୟରେ ପୁରୀର ୨ଟି ଏବଂ ରାଜଧାନୀର ଗୋଟିଏ ସଂସ୍ଥା କର୍ମଚାରୀ ଥିଲେ। ସେମାନଙ୍କଠାରୁ ଜମି କିଣିବା ଲାଗି କହିଥିଲେ। କିଏ ତାଙ୍କ ଜମି ରାସ୍ତା କଡକୁ ଲାଗି ରହିଛି ତ ଆଉ କେହି ତାଙ୍କ ପ୍ଲଟ ଶସ୍ତାରେ ମିଳୁଛି କହିଥିଲେ। ଏମିତି କି କାର ଆଣିଛୁ ଯଦି ଚାହିଁବେ ଆମ ସହିତ ଗାଡିରେ ଯାଇ ପ୍ଲଟ ଦେଖିଆସିବେ ବୋଲି କହିଥିଲେ। ଏମିତି ଗତ କିଛିଦିନ ଧରି ତାଙ୍କ ସହ ବିଭିନ୍ନ ବିଲ୍‌ଡର୍ସ ସଂସ୍ଥା ଯୋଗାଯୋଗ କରୁଥିବା ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ କହିଛନ୍ତି। କେବଳ ଜଣଙ୍କ କ୍ଷେତ୍ରରେ ନୁହେଁ, ସୁରକ୍ଷା ଜୋନରେ ଯେଉଁମାନେ ଜମି ବିକ୍ରି କରିସାରିଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ପାଖକୁ ବିଲ୍‌ଡର୍ସ କର୍ମଚାରୀ ଆସୁଥିବା ଜଣାପଡିଛି।

ସୂଚନାଥାଉ କି, ସୁରକ୍ଷା ଜୋନରେ ଯେଉଁମାନେ ଜମି ବିକ୍ରି କରିଛନ୍ତି ସେମାନଙ୍କ ମଧ୍ୟରୁ ପ୍ରାୟ ପରିବାର କୋଟିପତି ହୋଇଛନ୍ତି। ସରକାରଙ୍କ ପକ୍ଷରୁ ଜମି ଏବଂ ସେଥିରେ ନିର୍ମାଣ କରାଯାଇଥିବା ଘରର ମୂଲ୍ୟ ସହ କ୍ଷତିପୂରଣ ସହାୟତା ପ୍ରଦାନ କରାଯାଉଛି। ଅର୍ଥାତ୍ ପରିବାରରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଯେତେ ଜଣ ସଦସ୍ୟ ଅଛନ୍ତି ପ୍ରତ୍ୟେକଙ୍କୁ ୩୦ ଲକ୍ଷ ଟଙ୍କା ଦିଆଯାଉଛି। ତେଣୁ ଏହାକୁ ଏକ ଭଲ ସୁଯୋଗ ଭାବିଛନ୍ତି ବିଲ୍‌ଡର୍ସ ସଂସ୍ଥା। ପ୍ଲଟ ବିକ୍ରି କରିବାରେ ଯଦି କାହାକୁ ମନାଇ ପାରିଲେ ତେବେ ନଗଦ ଟଙ୍କା ମିଳିବ। ଏମିତି ଭାବନା ରଖି ଜମି ବିକ୍ରେତାଙ୍କ ଘରେ ବିଲ୍‌ଡର୍ସ ଗହଳି ଲଗାଉଛନ୍ତି।

# ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଉଦ୍‌ଘାଟିତ



ଛାତ୍ରୀଛାତ୍ରମାନେ ମାର୍ଚ୍ଚ ଫାଷ୍ଟ କରୁଛନ୍ତି।

ପୁରୀ ଅଫିସ, ୨୭।୧୨:

ବଳିଆପଣ୍ଡାସ୍ଥିତ କ୍ରୀଡ଼ା ଓ ସଂସ୍କୃତି କେନ୍ଦ୍ର ପକ୍ଷରୁ ଶୁକ୍ରବାର ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିନରେ ଚିତ୍ରରେ ରଙ୍ଗ ଦିଅ, ଚିତ୍ରାଙ୍କନ, ସାଧାରଣଜ୍ଞାନ, ବକ୍ତୃତା ପ୍ରତିଯୋଗିତା କରାଯାଇଛି। ଅନୁଷ୍ଠାନର ସଭାପତି ଦାମୋଦର ପ୍ରଧାନୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପୁରୀର ବିଭିନ୍ନ ବିଦ୍ୟାଳୟରୁ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଯୋଗଦେଇଥିଲେ। ୨୮ ତାରିଖରେ ନୃତ୍ୟ, ସଙ୍ଗୀତ, ୨୯ରେ ଚେସ୍ ପ୍ରତିଯୋଗିତା, ଜାନୁୟାରୀ ୨ରେ ପଞ୍ଚାୟତସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜାନୁୟାରୀ ୮ ତାରିଖରେ ଶରଧାବାଲିସ୍ଥିତ ପୁସ୍ତକ ମେଳା ମଣ୍ଡପରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଆୟୋଜିତ ପ୍ରତିଯୋଗିତାର ବିଚାରକ ଭାବେ ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ, ରବୀନ୍ଦ୍ରନାଥ ପଟ୍ଟନାୟକ, ରମେଶ ପ୍ରସାଦ ମହାନ୍ତି, ବିପିନ ବିହାରୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭ୍ୟ ଶ୍ୟାମଳ କୁଣ୍ଡୁ, ସୁକାନ୍ତ ପଣ୍ଡା, ଦୀନବନ୍ଧୁ ଦାସ, ମିଟୁ ପରିଡ଼ା, ରାଜକିଶୋର ସାହୁ, ରବିନାରାୟଣ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଊନବିଂଶ ନିମାପଡ଼ା ମହୋତ୍ସବ ଉଦ୍‌ଯାପିତ

# ଆଦିବାସୀ ନୃତ୍ୟରେ ଦୁଲୁକିଲା ମଞ୍ଚ



ନିମାପଡ଼ା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ନିମାପଡ଼ା,୨୭।୧୨(ଡି.ଏନ୍.ଏ.):

ଶହୀଦ ଭବନ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ଊନବିଂଶ ନିମାପଡ଼ା ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅତିଥିଭାବେ ଲୋକସଭା ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ମହୋତ୍ସବ କମିଟିର ସଭାପତି ତଥା ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ, ସମ୍ପାଦକ ପ୍ରତାପ କୁମାର ରାଉତ, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଶିକ୍ଷାବିତ୍ ରମେଶ ଚନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ କୋଟପାଡ କଳା ସଂସଦର କଳାକାରମାନେ(ଢେମସା) ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। ଯାହା ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ସେହିପରି ବିଭୁ ପ୍ରସାଦ ସାହୁ ଓ ସାଥିଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ, ପ୍ରେମ କୁମାର ଓ ସାଥୀଙ୍କ ଦ୍ୱାରା ଗୀତ ମହ୍ଲାର ପରିବେଶିତ ହୋଇଥିଲା। ଏହି ସନ୍ଧ୍ୟାରେ ହାସ୍ୟ ଅଭିନେତା ସ୍ମୃତିରଞ୍ଜନ ମହାନ୍ତି ଓରଫ ନଟିଆଙ୍କ କମେଡିରେ ଦର୍ଶକ ମତୁଆଲା ହୋଇଥିଲେ। ଏହି ଅବସରରେ ସାହିତ୍ୟିକା ରଶ୍ମିପ୍ରଭା ସାହୁଙ୍କ ରଚିତ ଆଧାତ୍ମିକ କବିତା ସଙ୍କଳନ'କୃଷ୍ଣ ଓ କୃଷ୍ଣା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ମହୋତ୍ସବ କମିଟି ପକ୍ଷରୁ ଶହୀଦ ସ୍ମୃତି ସଂସଦର କର୍ମକର୍ତ୍ତା ଓ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱଚ୍ଛଭାରତ ଅଭିଯାନରେ ନିମାପଡ଼ାର ସ୍ୱଚ୍ଛତା କାର୍ଯ୍ୟ ପାଇଁ ଏନ୍‌ଏସିର କର୍ମଚାରୀ ବୃନ୍ଦାବନ ଘଡେଇଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମହୋତ୍ସବସ୍ଥଳରେ ଆୟୋଜିତ ପଲ୍ଲିଶ୍ରୀ ମେଳାରେ ଲୋକଙ୍କ ଭିଡ଼ ଜମିଥିଲା। ଶିକ୍ଷକ ପ୍ରତାପ ରାଉତ, ନିରଞ୍ଜନ ପଲତା ଓ ଅମ୍ରିତା ବିଶ୍ୱାଳ ମହୋତ୍ସବର ସଂଯୋଜନା କରିଥିଲେ। ବାଲୁକା ଶିଳ୍ପୀ ଶାରଦା ପ୍ରସାଦ ବେହେରାଙ୍କ ବାଲୁକା କଳା ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା।

## ବାନରସେନାର ରୌପ୍ୟ ଜୟନ୍ତୀ ପାଳିତ

ଗୋପ,୨୭।୧୨(ଡି.ଏନ୍.ଏ.)

ପିଲାଙ୍କ ଖବରକାଗଜ 'ବାନରସେନା'ର ରୌପ୍ୟ ଜୟନ୍ତୀ ଶୁକ୍ରବାର ସ୍ଥାନୀୟ ଆଖଣ୍ଡଳେଶ୍ୱରସ୍ଥିତ ଶୈବ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ କୁନି ପ୍ରତିଭାଙ୍କୁ ଲୋକଲୋଚନଙ୍କୁ ଆଣିବାରେ ବାନରସେନା ଏକ ମାଧ୍ୟମ ପାଲଟିଛି ବୋଲି ମତବ୍ୟକ୍ତ କରିଥିଲେ। କବି ତଥା ଶିଶୁ ସାହିତ୍ୟିକ ପୁନେଶ ଚନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ବାନରସେନାର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ ଜାଣିବାର ଆଗ୍ରହ ସୃଷ୍ଟି କରୁଥିବା ଶିଶୁ ଦିନେ ନା ଦିନେ ସଫଳତାର ଶୀର୍ଷରେ ପହଞ୍ଚିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଟୁଉକୁ ମୁଷିର ସମ୍ପାଦକ ବୀରେନ୍ଦ୍ର ସାମନ୍ତରାୟ, ଶ୍ରୀପର୍ଣ୍ଣାର ସମ୍ପାଦକ ଉମାକାନ୍ତ ମହାନ୍ତି, ଶିକ୍ଷାବିତ୍ ସଂଗୀତା ଦାସ, ଶିକ୍ଷାବିତ୍ ସତ୍ୟପ୍ରିୟ ନାୟକ, ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି ଯୋଗଦେଇ 'ବାନରସେନା'ର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ୨୫ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ନେହଲତା ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସିଏଏ, ଏନ୍‌ଆର୍‌ସି ନେଇ ଏବିଭିପିର ସଚେତନତା





ଏବିଭିପି କାର୍ଯ୍ୟକର୍ତ୍ତାମାନେ ଶ୍ରୀମନ୍ଦିର ସମ୍ମୁଖରେ ସଚେତନତା ବାର୍ତ୍ତା ପ୍ରଦାନ କରୁଛନ୍ତି।

ପୁରୀ ଅଫିସ, ୨୭।୧୨ :

କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ ଏବଂ ଏନ୍‌ଆରସିକୁ ନେଇ ସମାଜରେ ଭ୍ରମ ସୃଷ୍ଟି କରାଯାଉଛି। କେତେକ ସ୍ୱାର୍ଥବାଦୀ ତତ୍ତ୍ୱ ସମାଜରେ ହିଂସା ସୃଷ୍ଟି କରି ଜାତୀୟ ସମ୍ପତ୍ତିକୁ ନଷ୍ଟ କରୁଛନ୍ତି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏହାକୁ ତୀବ୍ର ବିରୋଧ କରିଛି। ଏହି ଆଇନ ସମ୍ପର୍କରେ ସମାଜରେ ଜାଗରଣ ସୃଷ୍ଟି ଲକ୍ଷ୍ୟରେ ଏବିଭିପି ପୁରୀ ନଗର ଶାଖା ପକ୍ଷରୁ ସିଂହଦ୍ୱାରଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କେତେକ ରାଜନୈତିକ ଦଳ ଯୁବ ସମାଜକୁ ଢାଲ କରି ସମାଜରେ ବାତାବରଣକୁ କଳୁଷିତ କରୁଛନ୍ତି। ଉଭୟ ଆଇନ ସଂସଦର ଦୁଇ ସଦନରେ ପାସ୍ ହେବା ପରେ ଏହା ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିଛି। ମୂଳତଃ ପାକିସ୍ତାନ, ବାଂଲାଦେଶ ଏବଂ ଆଫଗାନିସ୍ଥାନ ପ୍ରଭୃତି ସ୍ଥାନରେ ଧାର୍ମିକ ପ୍ରପିଡିତ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ଭାରତର ନାଗରିକତ୍ୱ ପ୍ରଦାନ କରିବା ହେଉଛି ଏହାର ଉଦ୍ଦେଶ୍ୟ। ଏହି ଆଇନ କାର୍ଯ୍ୟକାରୀ ହେବା ଦ୍ୱାରା ଭାରତର ଅଖଣ୍ଡତା ବୃଦ୍ଧି ପାଇବ। ଏହା ଦ୍ୱାରା ଭାରତରେ ରହୁଥିବା କୌଣସି ନାଗରିକଙ୍କ ଅସୁବିଧା ହେବ ନାହିଁ ଅଥବା ସେମାନଙ୍କ ଦେଶ ଛାଡି ଅନ୍ୟତ୍ର ଯିବାକୁ ପଡିବ ନାହିଁ। ଅନ୍ୟ ମୁସ୍‌ଲିମ୍ ରାଷ୍ଟ୍ରରେ ହିନ୍ଦୁ ଅଳ୍ପ ସଂଖ୍ୟକ ସ୍ଥାନକୁ ଚାଲି ଆସିଲେଣି। ସେମାନଙ୍କୁ ଧାର୍ମିକ ଏବଂ ଅନ୍ୟ ନିର୍ଯାତନାରୁ ମୁକ୍ତି ଦେବା ଲାଗି ଏହି ଆଇନ ସହାୟକ ହେବ। ସେମାନଙ୍କୁ ଭାରତୀୟ ନାଗରିକର ପରିଚୟ ମିଳିବ। ଏହି ଆଇନ ଦ୍ୱାରା କୌଣସି ଭାରତୀୟଙ୍କ ନାଗରିକତ୍ୱ ଛିନ୍ନ ହେବ ନାହିଁ ବୋଲି ଏବିଭିପି ପକ୍ଷରୁ କୁହାଯାଇଛି। ନଗର ସମ୍ପାଦକ ତାରା ପ୍ରସାଦ ଦାଶ, ସହ ଜିଲା ସଂଯୋଜକ ସୌଭାଗ୍ୟ ଦାଶ, ଦୀପକ କୁମାର ସୁବୁଦ୍ଧି, ରାକେଶ କୁମାର ସେଠୀ, ସୌମ୍ୟରଞ୍ଜନ ମହାପାତ୍ର, ଶୁଭମ କୁମାର ସେଠୀ, ସୁନୀଲ କୁମାର ସେଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

# ଅଟକିଛି ଉନ୍ନୟନ କାର୍ଯ୍ୟର ବିଲ୍: ମିଳିନି ଅର୍ଥ

ଡେଲାଙ୍ଗ,୨୭।୧୨(ଡି.ଏନ୍.ଏ.):

ଡେଲାଙ୍ଗ ପଞ୍ଚାୟତ ସମିତିର ବୈଠକ ଶୁକ୍ରବାର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ପ୍ରଦୀପ ମହାରଥି, ଉପାଧ୍ୟକ୍ଷା ସ୍ୱପ୍ନା ବଳବନ୍ତରାୟ, ବିଡିଓ କ୍ଷୀରୋଦ୍ର ପ୍ରଧାନ, ଜିଲା ପରିଷଦ ମଳୟ ମହାନ୍ତି, ଦେବାଶିଷ ନନ୍ଦ, ପୁଷ୍ପାଞ୍ଜଳି ସାମଲ, ଅତିରିକ୍ତ ବିଡିଓ ପ୍ରଦୀପ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ଡେଲାଙ୍ଗ ଷ୍ଟେଶନ ବଜାର ଡଁପୁରସ୍ଥିତ ଏକ ସାମାଜିକ ଅନୁଷ୍ଠାନକୁ ସରକାରୀ ସ୍ତରରେ କଳା ତାଲିକା ଭୁକ୍ତ କରା ନ ଯାଇ ପୁନର୍ବାର ସରକାରୀ କାର୍ଯ୍ୟକ୍ରମ ହେଉଥିବା ନେଇ ଲୋକପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବିଧାୟକ ମହାରଥି ପ୍ରତିଶ୍ରୁତି ଦେଇଥିଲେ। ଡେଲାଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା ଉନ୍ନୟନ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଅଦ୍ୟାବଧି ବିଲ୍ ଅଟକିଥିବାରୁ ଅର୍ଥ ମିଳି ପାରି ନ ଥିବା ନେଇ ଲୋକପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପଞ୍ଚାୟତ ସମିତି ପାଣ୍ଠିରେ ଗଚ୍ଛିତ ଥିବା ଅର୍ଥକୁ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଖର୍ଚ୍ଚ ହୋଇପାରୁ ନ ଥିବା ନେଇ ବିଧାୟକ ଅସନ୍ତୋଷ ପ୍ରକାଶ କରିବା ସହ ବିଡିଓଙ୍କୁ ତାଗିଦ କରିଥିଲେ। ଗୁଆଳିପଡା ସରପଞ୍ଚ କାଳନ୍ଦୀ ଜେନାଙ୍କ ସମେତ ଅନ୍ୟ ପଞ୍ଚାୟତର କେତେଜଣ ସରପଞ୍ଚ ଅଙ୍ଗନୱାଡି ଗୃହ କରିବା ପରେ ବିଲ ମିଳି ନ ଥିବା ଅଭିଯୋଗ କରିଥିଲେ।

# ଚନ୍ଦ୍ରଭାଗା ମାଘମେଳା ନିମନ୍ତେ ପ୍ରଥମ ସମନ୍ୱୟ ବୈଠକ

କୋଣାର୍କ,୨୭।୧୨(ଡି.ଏନ.ଏ):

ଫେବୃୟାରୀ ୧ରେ ଚନ୍ଦ୍ରଭାଗାଠାରେ ହେବାକୁ ଥିବା ମାଘମେଳା ବୁଡ଼ ନିମନ୍ତେ କୋଣାର୍କ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ପ୍ରଥମ ସମନ୍ୱୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ପରିଚାଳନା ଓ ପୁନର୍ବାସ ଥଇଥାନରେ ଥିବା ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ମାଘମେଳାରେ କିଭଳି ଶାନ୍ତିଶୃଙ୍ଖଳା, ପରିମଳ ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷା କରାଯିବ ସେ ଉପରେ ଆଲୋଚନା କରିଥିଲେ। ଏଏସ୍‌ଆଇ ପାର୍କିଂ, ଇଣ୍ଡିଆନ ଅଏଲ ପାର୍କିଂ ଏବଂ ହେଲିପ୍ୟାଡଠାରେ ମେଳା ସମୟରେ ଗାଡି ପାର୍କିଂ ବ୍ୟବସ୍ଥା କରାଯିବ ବୋଲି ଅତିରିକ୍ତ ଏସ୍‌ପି ଅରୁଣ କୁମାର ଜେନା ପ୍ରକାଶ କରିଥିଲେ। ପରିମଳ ବ୍ୟବସ୍ଥା ନିମନ୍ତେ ୧୨୦ଟି ଅସ୍ଥାୟୀ ପାଇଖାନା ନିର୍ମାଣ କରାଯିବ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଳା ପଡିଆରେ ୬୦ଟି ନଳକୂପ, ୬୦ଟି ଟ୍ୟାପ ଏବଂ ୪ଟି ଟ୍ୟାଙ୍କର ଯୋଗେ ଜଳଯୋଗାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ସମୁଦ୍ର କୂଳରେ ୫୦ଜଣ ଲାଇଫ ଗାର୍ଡଙ୍କୁ ମୁତୟନ କରାଯାଇ ସମୁଦ୍ର ସ୍ନାନରୁ ନିବୃତ୍ତ ରଖାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହାସହ ୩ଶହ ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯାଇ ଟ୍ରାଫିକ ନିୟନ୍ତ୍ରଣ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା କରାଯିବ। ଅପରପକ୍ଷେ ବୈଠକରେ ସ୍ୱାସ୍ଥ୍ୟ ବିଭାଗ ଓ ଡ୍ରେନେଜ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ଥିବା ଯୋଗୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ପଠାଯିବ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ପୁରୀ ଅତିରିକ୍ତ ଏସ୍‌ପି ଅରୁଣ କୁମାର ଜେନା, ପୁରୀ ବନାଞ୍ଚଳ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ, କାକଟପୁର ବିଡିଓ ସୁଧୀର କୁମାର ନାୟକ, ଗୋପ ବିଡିଓ ଦୀପ୍ତିରାଣୀ ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।





ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି ଓ ଅଧିକାରୀମାନେ।

# ବେଳାଭୂମି ରାସ୍ତାରେ ଭାସୁଛି ମଇଳା ପାଣି

ପୁରୀ ଅଫିସ, ୨୭।୧୨:

ଆସୁଛି ନୂଆବର୍ଷ। ଏଥିପାଇଁ ପୁରୀକୁ ଲକ୍ଷ ଲକ୍ଷ ଭକ୍ତ ଓ ପର୍ଯ୍ୟଟକ ଆସିବେ। ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଳାଭୂମି ଏବଂ ଅନ୍ୟାନ୍ୟ ଦର୍ଶନୀୟସ୍ଥଳ ବୁଲିବେ। ତେବେ ଭକ୍ତଙ୍କ ସୁବିଧା ପାଇଁ ଶ୍ରୀମନ୍ଦିର ଏବଂ ଏହାର ଚତୁଃପାର୍ଶ୍ୱକୁ ଆକର୍ଷଣୀୟ ଭାବେ ସଜା ଯାଉଛି। ଶ୍ରଦ୍ଧାଳୁମାନେ ଯେପରି କୌଣସି ପ୍ରକାର ସମସ୍ୟାରେ ନ ପଡିବେ ତାହା ଉପରେ ଫୋକସ ରଖାଯାଇ କାମ ଚାଲିଛି। ଟ୍ରାଫିକ ବ୍ୟବସ୍ଥାକୁ ମଧ୍ୟ ସୁବ୍ୟବସ୍ଥିତ କରାଯାଇଛି। ହେଲେ ସହରର ବ୍ୟସ୍ତବହୁଳ ବେଳାଭୂମି ରାସ୍ତା ଅବସ୍ଥା କିନ୍ତୁ ଦୟନୀୟ ହୋଇପଡିଛି। ବିଭିନ୍ନ ଜାଗାରେ ଖାଲଖମା ସୃଷ୍ଟି ହୋଇଥିବା ବେଳେ ଅନେକ ସମୟରେ ରାସ୍ତାରେ ଭାସୁଛି ମଇଳା ପାଣି। ଏହାକୁ ନେଇ ପର୍ଯ୍ୟଟକମାନେ ନାକ ଟେକୁଥିବାବେଳେ ଯାତାୟାତରେ ମଧ୍ୟ ସମସ୍ୟା ହେଉଛି।

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପରେ ସଂଖ୍ୟାଧିକ ପର୍ଯ୍ୟଟକଙ୍କ ଖାସ୍



ବେଳାଭୂମି ରାସ୍ତାଉପରେ ନଳାପାଣି ମାଡ଼ିଯାଇଛି।

ଆକର୍ଷଣ ସାଜିଥାଏ ବେଳାଭୂମି। ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ସାଙ୍ଗକୁ ସମୁଦ୍ରରେ ସ୍ନାନ କରିବାର ଭରପୂର ମଜା ଉଠାଇଥାନ୍ତି ପର୍ଯ୍ୟଟକେ। କିନ୍ତୁ ବେଳାଭୂମି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଅସ୍ୱାସ୍ଥ୍ୟକର ପରିବେଶକୁ ନେଇ ନାକ ଟେକୁଛନ୍ତି ପର୍ଯ୍ୟଟକ। ଦିଗବାରେଣୀ ଛକଠାରୁ ଲାଇଟ୍ ହାଉସ ପର୍ଯ୍ୟନ୍ତ ବେଳାଭୂମି ରାସ୍ତାରେ ପ୍ରାୟ ପ୍ରତିଦିନ କେଉଁଠି ନା କେଉଁଠି ମଇଳା ପାଣି ରାସ୍ତା ଉପରେ ମାଡୁଛି। ଏମିତି କି କେତେକ ସ୍ଥାନରେ ଆବର୍ଜନା ପାଣି ରାସ୍ତା ପାର ହୋଇ ବେଳାଭୂମିକୁ ଯାଉଥିବା ମଧ୍ୟ ଅନେକ ସମୟରେ ଦେଖିବାକୁ ମିଳିଥାଏ। ବାଧ୍ୟ ହୋଇ ପର୍ଯ୍ୟଟକମାନେ ଏହି ମଇଳା ପାଣି ଉପରେ ଚାଲି ଚାଲି ଯାଇଥାନ୍ତି। ଶୁକ୍ରବାର ସ୍ୱର୍ଗଦ୍ୱାର ସମ୍ମୁଖ ଏବଂ ସୋନାଲି ହୋଟେଲ ସମ୍ମୁଖ ରାସ୍ତା ଉପରେ ମଇଳା ପାଣି ଭାସୁଥିଲା। ଏହା ଏମିତି ଦୁର୍ଗନ୍ଧ ହେଉଥିଲା ଯେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଥିଲା। ପର୍ଯ୍ୟଟକମାନେ ନାକରେ ହାତ ଦେଇ ଯିବାଆସିବା କରୁଥିବା

### ଆସୁଛି ନୂଆବର୍ଷ

ବେଳେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। କଲିକତାର ଚବିଶ ପ୍ରଗଣାର ଶରତ ମଣ୍ଡଳ କହିଥିଲେ, ପୁରୀ ଏକ ଭଲ ବେଳାଭୂମି। ଆମେ ସପରିବାର ୨ ଦିନ ହେଲା ଆସି ଏକ ହୋଟେଲରେ ରହିଛୁ। ଅପରାହ୍ନରେ ବେଳାଭୂମି କଡ଼ ଏକ ଉଠାଦୋକନକୁ ଚା ପିଇବାକୁ ରାସ୍ତା ପାର ହେବା ବେଳେ ଦୁର୍ଗନ୍ଧ ହେଉଥିଲା। ମଇଳା ପାଣିର ଧାର ଚାଲିଥିଲା ରାସ୍ତାରେ। ନୟାଗଡ଼ର ସଂଗ୍ରାମ ତ୍ରିପାଠୀ କହିଥିଲେ, ବେଳାଭୂମି ରାସ୍ତା ହେଉଛି ଏକ ବ୍ୟସ୍ତବହୁଳ ରାସ୍ତା। ଦେଶ ବିଦେଶରୁ ପର୍ଯ୍ୟଟକ ଆସୁଛନ୍ତି। ତେଣୁ ପୌର ପ୍ରଶାସନ ଏ ଦିଗରେ ସଚେତନ ହେବା ଦରକାର। ନଚେତ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ନକାରାତ୍ମକ ମନୋଭାବ ନେଇ ଫେରିବେ। ସେହିପରି ନିକଟ ଉଠା ବ୍ୟବସାୟୀ ମଧ୍ୟ ଏଭଳି ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଦରକାର ବୋଲି କେତେକ ବ୍ୟବସାୟୀ କହିଥିଲେ।